# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ନଭେମ୍ବର ୭/୨୦୨୦ (୧୬ ପୃଷ୍ଠା) | Rayagada, Saturday, November 7/2020 | ★

୧୦ମ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**‘କଞ୍ଚନା’ରେ କିନ୍ନର ସାଜିଥିଲେ ଶରତ କୁମାର**

ଅକ୍ଷୟ କୁମାର ଅଭିନୀତ ବଲିଉଡ୍ ଫିଲ୍ମ ‘ଲକ୍ଷ୍ମୀ’ ହେଉଛି ତାମିଲ ଫିଲ୍ମ ‘କଞ୍ଚନା’ର ରିମେକ୍। ଏହି ଫିଲ୍ମରେ କିନ୍ନର ଚରିତ୍ରରେ ନଜର ଆସିଥିଲେ ଅଭିନେତା ଶରତ କୁମାର। ୧୪

୧୫ **ହୋଲ୍ଡରଙ୍କ ପ୍ରଭାବୀ ବୋଲିଂ**

ଆଇପିଏଲ୍‌ର ଶୁକ୍ରବାର ଏଲିମିନେଟର ମ୍ୟାଚରେ ପ୍ରଭାବୀ ବୋଲିଂ କରି ୩ ଉଇକେଟ ନେଇଛନ୍ତି ସନରାଇଜର୍ସ ହାଇଦ୍ରାବାଦର ଜାସନ ହୋଲ୍ଡର।





ଆମେରିକାର ଆରେନାରେ ଟ୍ରମ୍ପ ସମର୍ଥକମାନେ ଭୋଟ ଜାଲିଆତିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଏବର୍ଷ ସ୍କୁଲ ନାହିଁ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ଏବର୍ଷ ଆଉ ସ୍କୁଲ୍ ଖୋଲିବ ନାହିଁ। ଡିସେମ୍ବର ୩୧ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରହିବ। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନବମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଚଳିତମାସରେ ସ୍କୁଲ ଖୋଲିବା ଲାଗି ନିଆଯାଇଥିବା ନିଷ୍ପତ୍ତିକୁ ରାଜ୍ୟ ସରକାର ପ୍ରତ୍ୟାହାର କରିଛନ୍ତି। ବିଭିନ୍ନ ଷ୍ଟେକ୍ ହୋଲ୍ଡରଙ୍କ ସହ ଆଲୋଚନା ପରେ ସରକାର ଏହି ନୂଆ ନିଷ୍ପତ୍ତି ନେଇଛନ୍ତି। ଡିସେମ୍ବରରେ ରାଜ୍ୟକୁ ପୁଣି କରୋନା ଲେଉଟିବାର ଆଶଙ୍କା ରହିଛି। ଇତିମଧ୍ୟରେ କେତେକ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଯାଇଛି। ତେଣୁ ଚଳିତବର୍ଷ ସ୍କୁଲ୍ ନ ଖୋଲିବାକୁ ସରକାର ଉଚିତ ମଣିଛନ୍ତି। ସେପଟେ ସ୍କୁଲ ବନ୍ଦ ସତ୍ତ୍ୱେ ସମସ୍ତ ପ୍ରକାର ପରୀକ୍ଷା ଓ ମୂଲ୍ୟାୟନ ଜାରି ରହିବ। ଶିକ୍ଷା ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏସ୍‌ଓପି ଅନୁସାରେ, ଅନ୍‌ଲାଇନ ଟିଚିଂ, ଟେଲି କାଉନ୍‌ସେଲିଂ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଣ୍ଟେନମେଣ୍ଟ ଜୋନ୍ ବାହାରେ ଥିବା ସ୍କୁଲକୁ ଟିଚିଂ ଓ ନନ୍-ଟିଚିଂ ଷ୍ଟାଫ୍ ଆସିପାରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

**ସମସ୍ତ ପରୀକ୍ଷା ଓ ମୂଲ୍ୟାୟନ ଜାରି ରହିବ**

ଅନ୍‌ଲକ୍-୬ରେ ରାଜ୍ୟ ସରକାର ନଭେମ୍ବର ୧୫ ପରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିବା ନିଷ୍ପତ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନେବ ବୋଲି କହିଥିଲେ। ଏହାପରେ ବିଭାଗୀୟ ମନ୍ତ୍ରୀ ମଧ୍ୟ ନଭେମ୍ବରରେ ସ୍କୁଲ ଖୋଲିବ ବୋଲି ଘୋଷଣା କରିଥିଲେ। ଏଥିପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ବି ଆରମ୍ଭ ହୋଇଥିଲା। କିନ୍ତୁ ଆନ୍ଧ୍ରପ୍ରଦେଶରେ ସ୍କୁଲ ଖୋଲିବା ପରେ ୫୭୫ ଛାତ୍ରୀଛାତ୍ର ଓ ୮୨୯ ଶିକ୍ଷକ କରୋନାରେ ସଂକ୍ରମିତ ହେବା ପରେ ଓଡ଼ିଶା ସରକାରଙ୍କ ଚିନ୍ତା ବଢ଼ିଗଲା। ଡିସେମ୍ବରରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆଶଙ୍କା ଦେଖାଦେଇଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଅଧିକ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଗଣଶିକ୍ଷା ବିଭାଗ ପକ୍ଷରୁ ପୂର୍ବ ନିଷ୍ପତ୍ତିରେ ଏହି ପରିବର୍ତ୍ତନ କରାଯାଇଛି। ଡିସେମ୍ବର ପର୍ଯ୍ୟନ୍ତ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ଅଭିଭାବକ ସଂଘ ଓ ଶିକ୍ଷକ ସଂଘ ସ୍ୱାଗତ କରିଛନ୍ତି।

ଅନ୍ୟପକ୍ଷରେ କରୋନା ଯୋଗୁ ଚଳିତ ବର୍ଷ ମାର୍ଚ୍ଚରୁ ସ୍କୁଲ ବନ୍ଦ ରହିଛି। ଏପରି ସ୍ଥିତି ପାଇଁ ଚଳିତବର୍ଷ ୩୦ ପ୍ରତିଶତ ପାଠ୍ୟକ୍ରମ ହ୍ରାସ କରାଯାଇଛି। ପିଲାମାନେ ୭୦ ପ୍ରତିଶତ ପାଠ୍ୟକ୍ରମ ପଢ଼ିବେ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଡିସେମ୍ବର ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଛି। ଜାନୁୟାରୀ ଶେଷ କିମ୍ବା ଫେବୃୟାରୀରେ ସ୍କୁଲ ଖୋଲିବ ବୋଲି ଆଶଙ୍କା କରାଯାଉଛି। ଏତେ ବିଳମ୍ବରେ ସ୍କୁଲ ଖୋଲିଲେ ସେହି ୭୦ପ୍ରତିଶତ ପାଠ୍ୟକ୍ରମ କିପରି ଶେଷ କରାଯିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯଦିଓ ଏବେ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ କରାଯାଉଛି, କିନ୍ତୁ ତାହା ସମସ୍ତେ ପାଇପାରୁ ନାହାନ୍ତି। ତେଣୁ ପାଠ୍ୟକ୍ରମ ହ୍ରାସରେ ପରିବର୍ତ୍ତନ କରାଯାଉ ବୋଲି ସଂଘ ଦାବି କରିଛି।

# ଏସ୍‌ସି, ଏସ୍‌ଟିଙ୍କୁ ସବୁ ଅପମାନ ଅପରାଧ ନୁହେଁ

**ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**



**ନୂଆଦିଲ୍ଲୀ, ୬।୧୧**

ଜଣେ ବ୍ୟକ୍ତିଙ୍କ ପ୍ରତି ସମସ୍ତ ପ୍ରକାର ଅପମାନ କିମ୍ବା ଧମକକୁ ଅନୁସୂଚିତ ଜାତି(ଏସ୍‌ସି)/ଜନଜାତି(ଏସ୍‌ଟି) ଆଇନ ଅନୁଯାୟୀ ଅପରାଧ ବିବେଚନା କରାଯାଇପାରିବ ନାହିଁ, ଯଦି ଅପମାନ ସମ୍ପୃକ୍ତ ବ୍ୟକ୍ତିଙ୍କ ଜାତିକୁ ନେଇ ହୋଇ ନ ଥାଏ । ସେହିପରି ଚାରିକାନ୍ଥ ଭିତରେ ଅନୁସୂଚିତ ଜାତି କିମ୍ବା ଜନଜାତିଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଘର ବାହାର ଲନ୍‌ରେ ସେଭଳି ମନ୍ତବ୍ୟ ଦେବାବେଳେ ରାସ୍ତାରୁ କିମ୍ବା ପାଚେରି ବାହାରୁ ଯଦି କେହି ଦେଖିପାରୁଥାନ୍ତି ତେବେ ତାହା ସର୍ବସାଧାରଣରେ ଦୃଶ୍ୟମାନ ହେଉଥିବା ସ୍ଥାନ ଭାବେ ବିବେଚନା କରାଯିବ। ଅନ୍ୟମାନଙ୍କ ସମ୍ମୁଖରେ ଅନୁସୂଚିତ ଜାତି ଓ ଜନଜାତିର ଲୋକ ଅପମାନିତ ହେଲେ ତାହାକୁ ଅପରାଧ ଭାବେ ଗ୍ରହଣ କରାଯାଇଥାଏ। ଘର ଭିତରେ ଜଣେ ମହିଳାଙ୍କ ପ୍ରତି ହୋଇଥିବା ଅପମାନକୁ ସର୍ବୋଚ୍ଚ ଅଦାଲତ ଏସ୍‌ସି/ଏସ୍‌ଟି ଆଇନରେ ଅପରାଧ ପର୍ଯ୍ୟାୟଭୁକ୍ତ ନୁହେଁ ଦର୍ଶାଇ ଆବେଦନକୁ ଖାରଜ କରିଦେଇଛନ୍ତି।

ଜଷ୍ଟିସ୍ ନାଗେଶ୍ୱର ରାଓ, ହେମନ୍ତ ଗୁପ୍ତା ଏବଂ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ପିଟିଶନର ଶୁଣାଣି କରି କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ବିଭିନ୍ନ ଅଧିକାରରୁ ବଞ୍ଚିତ ହେଉଥିବାରୁ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ସାଧନ ହେଉଛି ଉକ୍ତ ଆଇନର ଉଦ୍ଦେଶ୍ୟ। ସେହିପରି ଏହି ଆଇନରେ ସମାଜର ଦୁର୍ବଳ ଶ୍ରେଣୀର ଲୋକେ ଅପମାନିତ କିମ୍ବା ଅସମ୍ମାନିତ ହେଲେ, ଏହାକୁ ଅପରାଧ ଭାବେ ଗ୍ରହଣ କରାଯାଇଥାଏ। ସେଥିପାଇଁ ଅପମାନ ନିର୍ଦ୍ଦିଷ୍ଟ ଭାବେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜାତିକୁ ନେଇ କରାଯାଇଥିଲା ବୋଲି ସାବ୍ୟସ୍ତ କରିବାକୁ ହେବ ବୋଲି ଖଣ୍ଡପୀଠ କହିଥିଲେ। ଆଇନର ଧାରା ୩(୧)(ଆର୍) ଅନୁଯାୟୀ ଅପମାନ ବା ଧମକ ସର୍ବସାଧାରଣଙ୍କ ଉପସ୍ଥିତିରେ ହୋଇଥିଲେ ଏହାକୁ ଅପରାଧ ବିବେଚନା କରାଯିବ। ତେବେ ମହିଳାଙ୍କ ଅଭିଯୋଗ ଅନୁସୂଚିତ ଜାତି (ନିର୍ଯାତନା ନିବାରଣ) ଆଇନର ସମ୍ପୃକ୍ତ ଧାରାକୁ ସିଦ୍ଧ କରୁ ନ ଥିବାରୁ ଆବେଦନକୁ ☞ପୃଷ୍ଠା-୪

# ହକ୍ ପାଇବାରୁ ନିର୍ମାଣ ଶ୍ରମିକ ବଞ୍ଚିତ



- ପାଣ୍ଠି ବିନିଯୋଗରେ ବ୍ୟାପକ ଅନିୟମିତତା: ସିଏଜି
- ସମ୍ବିଧାନର ଧାରା ୨୬୬(୧)ର ଉଲ୍ଲଂଘନ

**ଯାଜପୁର ଅଫିସ,୬।୧୧**

କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଲିପ୍ତ ପଞ୍ଜୀକୃତ ଶ୍ରମିକମାନଙ୍କ ବିଭିନ୍ନ କଲ୍ୟାଣମୂଳକ କାମ ପାଇଁ ଓଡ଼ିଶାରେ ବିପୁଳ ପରିମାଣର ପାଣ୍ଠି ବିନିଯୋଗ ହୋଇଛି। କିନ୍ତୁ ୨୦୧୮-୧୯ ଆର୍ଥିକ ବର୍ଷରେ ନିର୍ମାଣ ଶ୍ରମିକମାନେ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହୋଇଛନ୍ତି, ଯାହାକି କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣକାରୀ ନିୟମ ଏବଂ ସମ୍ବିଧାନର ଧାରା ୨୬୬(୧)କୁ ରାଜ୍ୟ ସରକାର ଉଲ୍ଲଂଘନ କରିଛନ୍ତି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡଙ୍କ ନଥିପତ୍ର ଯାଞ୍ଚ କରି ଏଭଳି ପର୍ଦ୍ଦାଫାଶ କରିଛନ୍ତି।

ସିଏଜି ରିପୋର୍ଟରେ ଦର୍ଶାଯାଇଛି ଯେ, ବିଭିନ୍ନ ସଂସ୍ଥା ଦ୍ୱାରା ଆଦାୟ କରାଯାଉଥିବା କରକୁ ବୋର୍ଡର ସଞ୍ଚୟ ବ୍ୟାଙ୍କ ଖାତାରେ ଚେକ୍/ଡ୍ରାଫ୍ଟ ମାଧ୍ୟମରେ ଜମା କରାଯାଉଥିଲା। ଏଥିଯୋଗୁ ରାଜ୍ୟର ସରକାରୀ କୋଷାଗାର(ଏକତ୍ରୀକୃତ ପାଣ୍ଠି)କୁ ସିଧାସଳଖ ଯାଉ ନ ଥିଲାବେଳେ ଶ୍ରମିକମାନଙ୍କ କଲ୍ୟାଣକାରୀ ପାଣ୍ଠିରେ ବ୍ୟାପକ ଅନିୟମିତତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

କୋଠବାଡି ନିର୍ମାଣ ଶ୍ରମିକ କଲ୍ୟାଣ ଉପକାର ନିୟମ ୧୯୯୬ ଏବଂ ଏହା ଅଧୀନରେ ଥିବା ନିଯୁକ୍ତି ତଥା ସେବା ସର୍ତ୍ତ ଅଧିନିୟମ ୧୯୯୬ ଅନୁଯାୟୀ ଏକ କଲ୍ୟାଣ ସଂଘ ଗଠନ ହେବା ଦରକାର। ତାହାର ଲକ୍ଷ୍ୟ ଶ୍ରମିକମାନଙ୍କ କାର୍ଯ୍ୟାବସ୍ଥାରେ ଉନ୍ନତି ଆଣିବା ଓ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା। ଏହାବାଦ ନିର୍ମାଣ କାର୍ଯ୍ୟ ଉପରେ କର ବସାଇ ବୋର୍ଡର ସମ୍ବଳକୁ ସୁଦୃଢ କରିବା। ସମସ୍ତ ନିର୍ମାଣ କାର୍ଯ୍ୟରୁ ସଂଗୃହୀତ ଶ୍ରମ ଉପକରକୁ ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ପାଣ୍ଠିରେ ଜମା କରିବା ଆବଶ୍ୟକ। ଏହି ପାଣ୍ଠି ଶ୍ରମିକମାନଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ ହୋଇଥାଏ। ତଦନୁସାରେ ୨୦୧୪-୧୫ ବର୍ଷରେ ଆଦାୟ ହୋଇଥିବା ୨୧୧.୧୩ କୋଟି ଟଙ୍କାର କର ୨୦୧୮-୧୯ରେ ବୃଦ୍ଧି ପାଇ ୮୭୬.୪୫ କୋଟି ଟଙ୍କାରେ ପହଞ୍ଚିଥିଲା। ଏହି ସମୟସୀମା ମଧ୍ୟରେ ୨୦୧୪-୧୫ରେ ମାତ୍ର ୪.୭୮ ପ୍ରତିଶତ ଏବଂ ୨୦୧୮-୧୯ରେ ୫୪.୮୮ ପ୍ରତିଶତ ପାଣ୍ଠି ବିନିଯୋଗ ହୋଇଥିଲା। ପାଣ୍ଠିର କମ୍ ବିନିଯୋଗ ଯୋଗୁ ଶ୍ରମ ଉପକର ଆଦାୟର ଲକ୍ଷ୍ୟ ହୋଇପାରି ନ ଥିଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି।

ଓଡ଼ିଶା ସରକାରଙ୍କ ଶ୍ରମ ଏବଂ ନିଯୁକ୍ତି ବିଭାଗ ଦ୍ୱାରା ୨୦୦୮ ଡିସେମ୍ବର ୧୫ରେ ନିଆଯାଇଥିବା ରେଗୁଲେସନ ଅନୁସାରେ ଆଦାୟ ହେଉଥିବା ଶ୍ରମିକ କର ସରକାରୀ କୋଷାଗାର (ମୁଖ୍ୟଶୀର୍ଷ-୦୨୩୦)ରେ ଜମା ହେବା ଜରୁରୀ ଥିଲା। କିନ୍ତୁ ବିଭିନ୍ନ ସଂସ୍ଥା ଦ୍ୱାରା ଆଦାୟ କରାଯାଉଥିବା ପାଣ୍ଠିକୁ ସଞ୍ଚୟ ବ୍ୟାଙ୍କ ଖାତାରେ ଚେକ୍/ଡ୍ରାଫ୍ଟ ମାଧ୍ୟମରେ ଜମା କରାଯାଉଥିଲା। ପୁନଶ୍ଚ ୨୦୧୮-୧୯ ବର୍ଷର ବିତ୍ତୀୟ ହିସାବ ଅନୁଯାୟୀ ରାଜ୍ୟ କୋଷାଗାର ମାଧ୍ୟମରେ ରାଜ୍ୟ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଉପକର ବାବଦକୁ ୨.୩୮ କୋଟି ଟଙ୍କା ଆଦାୟ ହୋଇଥିଲା। ଏହିସବୁ ରାଶି ବୋର୍ଡର ହିସାବ ଖାତାକୁ ସ୍ଥାନାନ୍ତରିତ ହୋଇ ନ ଥିଲା। ଫଳରେ ଏହା ରାଜସ୍ୱ ବଳକାରେ ୨.୩୮ କୋଟି ଟଙ୍କା ଅଧିକ ହେଉଥିବାବେଳେ ସମପରିମାଣର ଫିଜିକାଲ ଡେଫିସିଟ୍‌ରେ କମ୍ ଦେଖାଉଥିଲା। ଏଥିରୁ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିପୁଳ ପରିମାଣର ପାଣ୍ଠିର ସଦ୍‌ବିନିଯୋଗ ହୋଇ ନ ଥିବା ଜଳଜଳ ହୋଇ ଦିଶୁଛି।

ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ବୀମା, ଚିକିତ୍ସା, ପେନ୍‌ସନ, ଯନ୍ତ୍ରପାତି କ୍ରୟ, କୁଶଳତା ଅଭିବୃଦ୍ଧି, ଦୁର୍ଘଟଣା ଓ ମୃତ୍ୟୁକାଳୀନ ସହାୟତା ଆଦି ବିଭିନ୍ନ ସରକାରୀ ସୁବିଧାସୁଯୋଗ ପାଇପାରିବେ ବୋଲି ପ୍ରଚଳିତ ଆଇନରେ ବ୍ୟବସ୍ଥା ରହିଛି। ବିଶେଷକରି ସ୍ୱାଭାବିକ ମୃତ୍ୟୁ ପାଇଁ ଶ୍ରମିକଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଓ କାର୍ଯ୍ୟକରୁଥିବା ସମୟରେ ଶ୍ରମିକଙ୍କ ମୃତ୍ୟୁ ହେଲେ ତାଙ୍କ ☞ପୃଷ୍ଠା-୪

# ଓଜେଇଇ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। ବି.ଟେକ୍‌ରେ ଶୋଭିତ୍ ପଟେଲ ଟପ୍ପର ହୋଇଛନ୍ତି। ସେହିପରି ଲାଟେରାଲ୍ ଏଣ୍ଟ୍ରି-ଟେକ୍ (ଡିପ୍ଲୋମା)ରେ ସୌମ୍ୟ ରଞ୍ଜନ ପାଢ଼ୀ, ଲାଟେରାଲ ଏଣ୍ଟ୍ରି-ଟେକ୍(ବିଏସ୍‌ସି)ରେ ସୁବ୍ରତ କୁମାର ସାହୁ, ବି.ଫାର୍ମରେ ସୌମ୍ୟରଞ୍ଜନ ରାଉତରାୟ, ଏମ୍‌ବିଏରେ ଶୁଭକାନ୍ତ ସାହୁ, ଏମ୍‌ସିଏରେ ଜୟଦୀପ ଦେ, ଇଣ୍ଟିଗ୍ରେଟେଡ ଏମ୍‌ବିଏରେ ରଜତ କୁମାର ଦଳାଇ, ଲାଟେରାଲ ଏଣ୍ଟ୍ରି-ଫାର୍ମରେ ଗୁଣାକର ସାହୁ, ଏମ୍. ଫାର୍ମରେ ପାରମିତା ସାହୁ, ଏମ୍. ଆର୍କିଟେକ୍‌ରେ ଭାରତ ଭୂଷଣ, ଏମ୍.ପ୍ଲାନ୍‌ରେ ଜ୍ଞାନଦା ପଣ୍ଡା ଓ ଏମ୍‌ଟେକ୍‌ରେ ଶ୍ୟାମସୁନ୍ଦର ପଟେଲ ଟପ୍ପର ହୋଇଛନ୍ତି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଅପରାହ୍ନରେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଏବେ ପରୀକ୍ଷାର୍ଥୀମାନେ ସେମାନଙ୍କର ର୍‌ୟାଙ୍କ୍ କାର୍ଡ www.ojee.nic.in ଏବଂ www.odishajee.com ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପସନ୍ଦର ବାବୁଙ୍କୁ ନା

# ୧୦ ବର୍ଷରେ ଗଲାଣି ୪୫ ହଜାର ଜୀବନ



**ସଡ଼କ ଦୁର୍ଘଟଣା ଚିନ୍ତା**

- ୯ରେ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବୈଠକ
- କୋଭିଡ୍ ପାଇଁ ୨୦% ଦୁର୍ଘଟଣା କମିଛି
- ଜାତୀୟ ହାରଠାରୁ ଉପରେ ରହୁଛି ରାଜ୍ୟ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ରାଜ୍ୟରେ ସଡ଼କ ଦୁର୍ଘଟଣା ବଢିବାରେ ଲାଗିଛି। ତେବେ ଚଳିତବର୍ଷ କୋଭିଡ୍-୧୯ କଟକଣା ଯୋଗୁ ଦୁର୍ଘଟଣା ହାରରେ ସାମାନ୍ୟ ବ୍ରେକ ଲାଗିଛି। ୨୦୧୯ ତୁଳନାରେ ୨୦୨୦ରେ ୨୦ ପ୍ରତିଶତ କମିଛି। ସଡ଼କ ଦୁର୍ଘଟଣାକୁ ନେଇ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଉଦ୍‌ବେଗ ପ୍ରକାଶ କରୁଛନ୍ତି। ରାଜ୍ୟରେ ବୃଦ୍ଧି ପାଉଥିବା ଦୁର୍ଘଟଣା ହାରକୁ ୨୦୨୦ ଡିସେମ୍ବର ଶେଷ ସୁଦ୍ଧା ୫୦ ପ୍ରତିଶତ ହ୍ରାସ କରିବାକୁ କମିଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଉଛନ୍ତି। ଏହା ସତ୍ତ୍ୱେ ଦୁର୍ଘଟଣା ବଢି ଚାଲିଛି। ଆସନ୍ତା ୯ ତାରିଖରେ ସୁପ୍ରିମ କୋର୍ଟ କମିଟି ଦୁର୍ଘଟଣାକୁ ନେଇ ଭର୍ଚୁଆଲ ବୈଠକରେ ସମୀକ୍ଷା କରିବେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପରିବହନ ସଚିବ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଅଧ୍ୟକ୍ଷ ଉପସ୍ଥିତ ରହିବେ।

ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ରାଜ୍ୟରେ ସଡ଼କ ଦୁର୍ଘଟଣା ୨୦ ପ୍ରତିଶତ କମ୍ ରହିଛି। ୨୦୧୯ ସେପ୍ଟେମ୍ବର ୩୦ ଯାଏ ରାଜ୍ୟରେ ୮୨୦୩ ଦୁର୍ଘଟଣା ହୋଇଥିବା ବେଳେ ୨୦୨୦ ସେପ୍ଟେମ୍ବର ଶେଷ ସୁଦ୍ଧା ୬୭୦୬ଟି ଦୁର୍ଘଟଣା ହୋଇଛି। ଲକ୍‌ଡାଉନ୍ ଯୋଗୁ ଦୁର୍ଘଟଣା ହାରରେ ହ୍ରାସ ଘଟିଥିବା କୁହାଯାଉଛି। ୨୦୧୯ ଜାନୁୟାରୀରୁ ଜୁନ୍ ୩୦ ତାରିଖ ଯାଏ ରାଜ୍ୟରେ ୫୮୦୨ ଦୁର୍ଘଟଣା ହୋଇଥିବା ବେଳେ ୨୦୨୦ ଏହି ସମୟ ସୁଦ୍ଧା ୪୪୦୪ ଦୁର୍ଘଟଣା ହୋଇଥିଲା। ଏହି ସମୟରେ ଯଥାକ୍ରମେ ୩୦୧୩ ଓ ୨୦୬୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୯୩୪ ଓ ୪୨୬୮ ଜଣ ☞ପୃଷ୍ଠା-୪




## ସଂକ୍ଷେପରେ

### ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ

ନବରଙ୍ଗପୁର,୬।୧୧(ବି.ପ୍ର.)-ଏସ୍‌ଏଚ୍‌ଜି ମହିଳାଙ୍କୁ ଅଧିକ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରକଳ୍ପ ମାଧ୍ୟମରେ ଶୁକ୍ରବାର ପାପଡ଼ାହାଣ୍ଡି ବ୍ଲକର ସେମଲାରେ ଏକ ଖଲିପତ୍ର ତିଆରି ମେଶିନର ଶୁଭାରମ୍ଭ କରାଯାଇଛି। ଜୀବବିଜ୍ଞାନ ସଂସ୍ଥାନ ଓ କିସ୍ ଦ୍ୱାରା ପ୍ରତିଷ୍ଠିତ ଏହି ୟୁନିଟ୍‌କୁ ଜିଲାପାଳ ଅଜିତ୍ କୁମାର ମିଶ୍ର ଓ ଜୀବବିଜ୍ଞାନ ସଂସ୍ଥାନ ନିର୍ଦ୍ଦେଶକ ପଦ୍ମଶ୍ରୀ ଅଜୟ ପରିଡ଼ା ମିଳିତଭାବେ ଉଦ୍‌ଘାଟନ କରିଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ଜୈବ ସମ୍ପଦକୁ ବ୍ୟବହାରକରି ସ୍ୱୟଂ ସହାୟକ ଗୋଷ୍ଠୀକୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଏହା ଏକ ମଡେଲ ଭାବେ ନିଆଯାଇଛି। ଆଗାମୀ ଦିନରେ ଅନ୍ୟ ଜାଗାରେ ମଧ ଏହାକୁ ରୂପାନ୍ତରିତ କରାଯାଇପାରିବ ବୋଲି ଜୀବବିଜ୍ଞାନ ସଂସ୍ଥାନର ନିର୍ଦ୍ଦେଶକ ପରିଡ଼ା କହିଥିଲେ। ମାତୃକୃପା, ମା’ ଲକ୍ଷ୍ମୀ ଓ ଜୟ ଶ୍ରୀ ରାମ ସ୍ୱୟଂ ସହାୟକ ଦଳ ସଦସ୍ୟାଙ୍କୁ ୨୫ଟି ସିଲେଇ ମେଶିନ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓର୍‌ମାସର ଉପ କାର୍ଯ୍ୟନିର୍ବାହୀ ଏ.ଉମା ମହେଶ, ଅମିତାଭ ରାଉତରାୟ, ରାଜୀବ ସ୍ୱାଇଁ, ବିଜ୍ଞାନ ଓ କାରିଗରି କୌଶଳ ପ୍ରକଳ୍ପର କ୍ରିୟାନ୍ୱୟନ କମିଟି ସଭ୍ୟ ଲକ୍ଷ୍ମୀନାରାୟଣ ବକ୍ସିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ‘ମୋ ବିଦ୍ୟାଳୟ ଉପକାରୀ ବଗିଚା’ କାର୍ଯ୍ୟକ୍ରମ ଆରମ୍ଭ

ନବରଙ୍ଗପୁର,୬।୧୧(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ବିର୍ଜାଗୁଡ଼ା ଆବାସିକ ଛାତ୍ରୀ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ଅଜିତ୍ କୁମାର ମିଶ୍ର ଓ ଜୀବବିଜ୍ଞାନ ସଂସ୍ଥାନ ନିର୍ଦ୍ଦେଶକ ପଦ୍ମଶ୍ରୀ ଅଜୟ ପରିଡ଼ା ମିଳିତ ଭାବେ ‘ମୋ ବିଦ୍ୟାଳୟ ଉପକାରୀ ବଗିଚା’ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସେମାନେ ସେଠାରେ ଆମ୍ବଚାରା ରୋପଣ କରିବା ସହ ପନିପରିବା ମଞ୍ଜି ବୁଣିଥିଲେ। ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ନନ୍ଦହାଣ୍ଡି ପାପଡ଼ାହାଣ୍ଡି, କଷାଗୁମୁଡ଼ା ବ୍ଲକର ୪୦ ଆବାସିକ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯିବ। ଏଠାରେ ଛାତ୍ରୀଛାତ୍ରଙ୍କ ପୋଷଣ ବୃଦ୍ଧି ନିମନ୍ତେ ଅମୃତଭଣ୍ଡା,ଶାଗ, ପିଆଜ, ଆଳୁ ଓ ବିଭିନ୍ନ ପନିପରିବା ଚାଷ ନିମନ୍ତେ ଉନ୍ନତ କିସମ ମଞ୍ଜି ସହ ବୈଷୟିକ ପରାମର୍ଶ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ବିଦ୍ୟାର୍ଥୀମାନଙ୍କ କୁପୋଷଣ ଦୂର କରିବାରେ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ଜୀବବିଜ୍ଞାନ ସଂସ୍ଥାନ ନିର୍ଦ୍ଦେଶକ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଦୋଷ କୁମାର ପଣ୍ଡା , ବୈଜ୍ଞାନିକ ରାଜୀବ କୁମାର ସ୍ୱାଇଁ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରଥ, ଶିକ୍ଷୟିତ୍ରୀ ନିବେଦିତା ସିଂ, ସୁନୀତା ତ୍ରିପାଠୀ, ଜୀବବିଜ୍ଞାନ ସଂସ୍ଥାର ଟେକ୍ନିକାଲ ଅଫିସର ଅମିତାଭ ରାଉତରାୟ, ବିଜ୍ଞାନ ଓ କାରିଗରି କୌଶଳ ପ୍ରକଳ୍ପ କ୍ରିୟାନ୍ୱୟନ କମିଟି ସଭ୍ୟ ଲକ୍ଷ୍ମୀ ନାରାୟଣ ବକ୍ସିଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବାମୁଣି ଗାଁ ନିକଟରେ କାରଖାନା ସ୍ଥାପନକୁ ସମର୍ଥନ

## ଏସ୍‌ପିଙ୍କ ସହ ଆଲୋଚନା କଲେ ପଞ୍ଚାୟତବାସୀ

ନବରଙ୍ଗପୁର,୬।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧିନ ବାମୁଣି ପଂଚାୟତ ସଦର ମହକୁମାରେ ଏକ ମକା ପ୍ରୋସେସିଂ ୟୁନିଟ୍ ସ୍ଥାପନ କରିବା ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କିଛି ଦିନ ତଳେ ଏଠାରେ କାରଖାନା ସ୍ଥାପନ ନ କରିବାକୁ ଏକ ଗୋଷ୍ଠି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ବିରୋଧରେ ଶୁକ୍ରବାର ପଞ୍ଚାୟତବାସୀ ଏସ୍‌ପି ନୀତିନ କୁସାଳକରଙ୍କୁ ଭେଟିଛନ୍ତି। ଗାଁ ନିକଟରେ କାରଖାନା ତିଆରି କରିବାକୁ ସେମାନେ ସମର୍ଥନ ଜଣାଛନ୍ତି। ଏହା ବ୍ୟତିତ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏସ୍‌ପିଙ୍କ ସହ ପଞ୍ଚାୟତବାସୀ ଆଲୋଚନା କରିଛନ୍ତି।

ପଞ୍ଚାୟତର ଅଧିକାଂଶ ଲୋକ ସେଠାରେ କାରଖାନା ସ୍ଥାପନକୁ ପୂର୍ଣ୍ଣ ସମର୍ଥନ କରୁଛୁ ବୋଲି ଏସ୍‌ପିଙ୍କୁ ଲିଖିତଭାବେ ଜଣାଇଛନ୍ତି। କାରଖାନାକୁ ବିରୋଧ କରି ବିକ୍ଷୋଭ କରିଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ପଞ୍ଚାୟତ ବାହରର ଲୋକ। ଗାଁରେ କାରଖାନା ସ୍ଥାପନ ହେଲେ ଅଞ୍ଚଳର ବିକାଶ ହେବ। ସ୍ଥାନୀୟ ଲୋକେ କର୍ମ ନିଯୁକ୍ତି ପାଇବେ। ଏହାଛଡ଼ା ବାମୁଣି ଗାଁ ଓ ଆଖ ପାଖ ଅଞ୍ଚଳର ରାସ୍ତାଘାଟ ମରାମତି, ପିଇବା ଜଳ ଯୋଗାଣ, ଇଚ୍ଛୁକ ବ୍ୟକ୍ତିଙ୍କୁ କର୍ମ ନିଯୁକ୍ତି, ବିଦ୍ୟାଳୟ ମରାମତି, ସ୍ୱାସ୍ଥ୍ୟକେନ୍ଦ୍ର ଓ ମନ୍ଦିରର ଆଖପାଖ ଅଞ୍ଚଳର ଉନ୍ନତି ହେବ। ତେଣୁ ଏହି କାରଖାନା ନିର୍ମାଣକୁ ସମର୍ଥନ କରୁଛୁ ବୋଲି ସେମାନେ ଏସ୍‌ପିଙ୍କୁ ଜଣାଇଥିଲେ। କାରଖାନାକୁ ବିରୋଧ କରୁଥିବା ଲୋକଙ୍କ ଦାବିକୁ ଖାରଜ କରାଯାଇ ଆମ ଦାବିପୂରଣ କରାଯାଉ ବୋଲି ସରପଞ୍ଚ ଚିନ୍ତାମଣି ମାଝି, ବ୍ଲକ ଉପାଧ୍ୟକ୍ଷ ପଦମ ସାଇମାଳି, ଜିଲା ପରିଷଦ ସଭ୍ୟା କାମିନୀ ହରିଜନ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ମାଝି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ୱାର୍ଡ ସଭ୍ୟ ମୋତିରାମ ଅଧିକାରୀ, ଗୋବର୍ଦ୍ଧନ ରନ୍ଧାରୀ, ପଦ୍ମା ସମରଥ, ପୂର୍ବତନ ଜିଲା ପରିଷଦ ସଭ୍ୟ ତାରିଣି ଚରଣ ମାଝି, ବୈଦ୍ୟନାଥ ନାୟକ ପ୍ରମୁଖ ଏସ୍‌ପିଙ୍କୁ ଜଣାଇଥିଲେ। ଏହି ସମୟରେ ପଞ୍ଚାୟତର ଅନେକ ଲୋକେ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ ସହ ପଞ୍ଚାୟତବାସୀ ଆଲୋଚନା କରୁଛନ୍ତି।

# ଟ୍ରାକ୍ଟର ନିଆଁରେ ଜଳିଗଲା ଧାନ

ପାପଡାହାଣ୍ଡି/ନବରଙ୍ଗପୁର, ୬।୧୧(ଡି.ଏନ୍.ଏ./ବି.ପ୍ର.)

ଧାନ ମିଲିଂ କାମରେ ବ୍ୟବହୃତ ଟ୍ରାକ୍ଟରରୁ ନିଆଁ ବାହାରି ଖଳାରେ ଥିବା ଧାନ ପୋଡି ଯାଇଛି। ପୋଡି ଯାଇଥିବା ଧାନର ସଠିକ୍ ମୂଲ୍ୟ ଜଣାପଡି ନାହିଁ। ପ୍ରକାଶ ଯେ, ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନିକଟ ଡୁମ୍ରିଁ ଗାଁର ଶେଷାନନ୍ଦ ସାହୁ ୬ ଏକର ଜମିରେ ଧାନ ଚାଷ କରି ଫସଲକୁ ଖଳାରେ ରଖିଥିଲେ। ଶୁକ୍ରବାର ସେ ସବୁ ଧାନକୁ ମିଲିଂ କରିବାକୁ ଏକ ଧାନ ମିଲିଂ ଟ୍ରାକ୍ଟର ଆଣିଥିଲେ। ଧାନ ମିଲିଂ କରିବା ସମୟରେ ହଠାତ୍ ଟ୍ରାକ୍ଟରରୁ ସାଇଲେନ୍ସରରୁ ଧୁଆଁ ବାହାରିବା ସହ ନିଆଁ ଲାଗିଯାଇଥିଲା। ପରେ ଖଳାରେ ଥିବା ଧାନରେ ମଧ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଦମକଳ ବାହିନୀକୁ ଖବର ଦେଇ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେତେ ମୂଲ୍ୟର ଧାନ ପୋଡିଛି ତାହା ଜଣାପଡିନାହିଁ। ଟ୍ରାକରଟି ସମ୍ପୂର୍ଣ୍ଣ ଜଳି ଯାଇଥିବାବେଳେ ଡ୍ରାଇଭର ଓ ସେଠାରେ କାମ କରୁଥିବା ଶ୍ରମିକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ବିକାଶ ନେଇ ଆଲୋଚନା

## ୭୨ ତମ ଜିଲା ପରିଷଦ ବୈଠକ

ରାୟଗଡ଼ା ଅଫିସ,୬।୧୧

ରାୟଗଡ଼ା ଜିଲା ପରିଷଦର ୭୨ତମ ବୈଠକ ଶୁକ୍ରବାର ଡିଆର୍‌ଡିଏ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଡିଆର୍‌ଡିଏ ପିଡି ଅମୃତ ଋତୁରାଜ, ଜିଲାପାଳ ପ୍ରମୋଦ କୁମାର ବେହେରା, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ, ଜିଲା ପରିଷଦ ଉପାଧ୍ୟକ୍ଷ ବୀଣାପାଣି ସାହୁକାର, ଗୁଣୁପୁର ଉପଜିଲାପାଳ ସୋନାଲ୍ ଜେନା ଉପସ୍ଥିତ ଥିଲେ। ଜିଲାପରିଷଦ ସଭ୍ୟମାନେ ଉପସ୍ଥିତ ରହି ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଆଦିବାସୀ ବହୁଳ ରାୟଗଡ଼ା ଜିଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ। ତେଣୁ ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଭେଟିଥିଲି। ଜିଲା ପକ୍ଷରୁ ଡିପିଆର୍ ପଠାଗଲେ ଅନୁମତି ମିଳିବ। ତେଣୁ ଶୀଘ୍ର ପ୍ରଶାସନ ପକ୍ଷରୁ ଡିପିଆର ପଠାଇବାକୁ ଏମ୍‌ପି ଉଲାକା କହିଥିଲେ। ସେହିପରି ଏମ୍‌ପି ପାଣ୍ଠିରୁ ଉନ୍ନୟନ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ କରାଯାଉଥିବା ଅର୍ଥର ୟୁସି ପତ୍ର ପ୍ରଦାନ କରାଯାଉ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ସାହୁକାର ଏବଂ ଜିଲାପରିଷଦ ସଭ୍ୟ ଟି. ଗୌରୀଶଙ୍କର ପିଡିଙ୍କ ବିରୋଧରେ ଅଭିଯୋଗ କରିବା ସହ ସମସ୍ୟା ନେଇ ଗଲେ ସହଯୋଗ ମିଳୁ ନ ଥିବା କହିଥିଲେ। ଜିଲାପରିଷଦ ଅଧ୍ୟକ୍ଷ ଏବଂ ପିଡି ଆଗାମୀ ଦିନରେ ଯୋଗସୂତ୍ର ରକ୍ଷା କରି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଜିଲାରେ ନେଟ୍‌ୱର୍କ ସମସ୍ୟା ଯୋଗୁ ଅନ୍‌ଲାଇନ୍ ଶିକ୍ଷାରେ ସମସ୍ୟା ହେଉଛି। ତେଣୁ ନେଟ୍‌ୱର୍କ ସେବା ଯୋଗାଉଥିବା ବିଏସଏନଏଲ୍ ଏବଂ ବେସରକାରୀ ସଂସ୍ଥା ଜିଓ ସହ କଥାବାର୍ତ୍ତା କରି ସମସ୍ୟାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।




ବୈଠକରେ କୋରାପୁଟ ଏମ୍‌ପି, ରାଜ୍ୟସଭା ସଦସ୍ୟ ଓ ଅନ୍ୟମାନେ ।

### ସମସ୍ୟା ନେଇ ନିର୍ବାହୀ ଅଧିକାରୀଙ୍କୁ ଭେଟିଲା ଭାଜପା

ଗୁଣପୁର,୬।୧୧(ଡି.ଏନ୍.ଏ.)– ଗୁଣପୁର ପୌରାଞ୍ଚଳର ବିଭିନ୍ନ ସମସ୍ୟା ନେଇ ଭଜପାର ନେତା ଓ କର୍ମୀ ଶୁକ୍ରବାର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କୁ ଭେଟିଛନ୍ତି। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନିମନ୍ତେ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିଥିବା ହିତାଧବକାରୀଙ୍କୁ ଟଙ୍କା ପ୍ରଦାନରେ ବିଳମ୍ବ ହେଉଛି। ଫଳରେ ଘର ନିର୍ମାଣ କରି ହିତାଧିକାରୀମାନେ ହଇରାଣ ହେଉଛନ୍ତି। ତେଣୁ ହିତାଧିକାରୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ମିଳିବାକୁ ଥିବା ପ୍ରାପ୍ୟ ଶୀଘ୍ର ଦିଆଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ଏଥିସହ ସହରର ପରିମଳ ବ୍ୟବସ୍ଥାରେ ସୁଧାର, ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକରେ ଲାଇଟ୍ ଲଗାଇବା, ଜଳୁ ନ ଥିବା ଲାଇଟ୍‌କୁ ବଦଳାଇବା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଭାଜପାର ନଗର ସଭାପତି ଶ୍ରୀନିବାସ ସ୍ୱାଇଁଙ୍କ ନେତୃତ୍ୱରେ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ୱାଇ.ଗଣପତି, ଫାଲ୍‌ଗୁନୀ ଶବର. ଭି. ମୂର୍ତ୍ତି, ଗୋପାଳକୃଷ୍ଣ ଦେଓପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର: ବିଧାୟକ

## ଭାଜପାର ଖବରଦାତା ସମ୍ମିଳନୀ

ଉମରକୋଟ,୬।୧୧

କାଗଜକଲମରେ ସୀମିତ ରହୁଛି ଉମରକୋଟର ବିକାଶ। ଉମରକୋଟ ଲୋକଙ୍କ କଥା ଟିକେ ହେଲେ ବି ଚିନ୍ତା ନାହିଁ। ଲୋକଙ୍କୁ ଆର୍ଥିକକ୍ଷେତ୍ରରେ ମଜଭୁତ କରିବାକୁ ଏଠାରେ କୌଣସି କଳକାରଖାନା ସ୍ଥାପନ କରୁନାହାନ୍ତି ସରକାର। ଚାଷୀଙ୍କୁ ମଧ ଅଣଦେଖା କରୁଛନ୍ତି। ଶୁକ୍ରବାର ଉମରକୋଟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏଭଳି ଅଭିଯୋଗ କରିଛନ୍ତି।

ରାଜ୍ୟ ସରକାର ଦୀର୍ଘ ୨୦ ବର୍ଷର ଶାସନ ପରେ ବି ଉମରକୋଟ ନିର୍ବାଚନ ମଣ୍ଡଳୀର ଲୋକଙ୍କ ହିତ କଥା ଚିନ୍ତା କରୁ ନ ଥିବା ସେ କହିଛନ୍ତି। ଚାଷ ହିଁ ଲୋକଙ୍କ ରୋଜଗାର ମାଧ୍ୟମ। ରାଜ୍ୟ ସରକାର ମକା ଚାଷୀଙ୍କୁ ବିହନ, ସାର ଯୋଗାଇ ପାରୁନାହାନ୍ତି। ଏଠାରେ କୌଣସି ବିକଳ୍ପ ନ ଥିବାରୁ ଚାଷୀ ଏହି ପନ୍ଥା ଆପଣାଉଛନ୍ତି। ମକା କୁଇଣ୍ଟାଲ ପିଛା ୧୮୫୦ରେ ବିକ୍ରି କରିବାକୁ କେନ୍ଦ୍ର ସରକାର ସ୍ଥିର କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଚାଷୀଙ୍କୁ ଉକ୍ତ ମୂଲ୍ୟ ନ ଦେଇ ଭୁଆଁ ବୁଲାଉଥିବା ବିଧାୟକ ଅଭିଯୋଗ କରିଛନ୍ତି। ଉମରକୋଟ ଅଞ୍ଚଳ ମକା ପାଇଁ ବହୁ ନାଁ କରିଛି, କିନ୍ତୁ ତାହା କାଗଜ କଲମରେ ହିଁ ସୀମିତ। ଏଠାରେ ମକା ପ୍ରୋସେସିଂ ପ୍ଲାଣ୍ଟ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ପ୍ଲାଣ୍ଟ କାମ ପାଇଁ ଏହି ଅଞ୍ଚଳକୁ ଚୟନ ନ କରି ଆଉ ଏକ ବିବାଦୀୟ ଜାଗା ବଛାଯାଇଛି ବୋଲି ସେ କହିଥିଲେ। ଉମରକୋଟରେ ପ୍ଲାଣ୍ଟ କରାଯାଇଥିଲେ ଜମି ଅଧିଗ୍ରହଣ ପାଇଁ ଏତେ ଅସୁବିଧା ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଉମରକୋଟର ଉନ୍ନତି ବିଷୟରେ ଚିନ୍ତା କରିବାକୁ ସେ ରାଜ୍ୟ ସରକାରଙ୍କୁ କହିଛନ୍ତି। ଏପରି ନ ହେଲେ ଆଗାମୀ ଦିନରେ ସ୍ଥିତି ଭୟାବହ ହେବ ବୋଲି ସେ କହିଛନ୍ତି।

# ବ୍ଲକ୍ ସ୍ତରୀୟ ଶିକ୍ଷକ ସମ୍ମିଳନୀ

ଚନ୍ଦ୍ରପୁର,୬।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତ ରାଇବିଜିସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ୍ ସ୍ତରୀୟ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲୱାର୍ ଜେନା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟଗୁଡ଼ିକର ଛାତ୍ରୀନିବାସ ଏବଂ ଛାତ୍ରାବାସର ଉନ୍ନତୀକରଣ, ଆଇଏସ୍‌ଓ ସାର୍ଟିଫିକେଟ୍ ବିଷୟରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଛାତ୍ରୀଛାତ୍ରଙ୍କୁ ୪ମାସର ପ୍ରାକ୍ ମାଟ୍ରିକ୍ ବୃତ୍ତି ପ୍ରଦାନ, ୧୦ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଧାର୍ଯ୍ୟ ଟଙ୍କା ପ୍ରଦାନ ନିମନ୍ତେ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା। ସେହିପରି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସମସ୍ୟା ବିଷୟରେ ମଧ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା ପରିଚାଳନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା ଶିକ୍ଷକ ସଂଘର ଉପସଭାପତି ପ୍ରଦୀପ ଚୌଧୁରୀ, ବ୍ଲକ୍ ଶିକ୍ଷକ ସଂଘର ସମ୍ପାଦକ ରାମଚନ୍ଦ୍ର ପାଢ଼ୀ, ସଭାପତି ଡମ୍ବରୁଧର ମାଳବିଶୋଇ, ଡଙ୍ଗାସୋରଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ଜୟଲାଲ ନାୟକ, ସୁଶାନ୍ତ କୁମାର ଦାସ, ସୁରେଶ ଚନ୍ଦ୍ର କୌଶଲ୍ୟା, ପ୍ରଦୀପ ଟାଙ୍ଗାରାଙ୍ଗା, ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପିମ୍ପଲୀ, ସହକାରୀ ଶିକ୍ଷୟିତ୍ରୀ ଜୟନ୍ତି ଶବରଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଆମର ଲକ୍ଷ୍ୟ:ଏମ୍‌ପି

## ୧କୋଟି ଟଙ୍କା ବ୍ୟୟ ଅଟକଳରେ ୭ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର

ଝରିଗାଁ, ୬।୧୧(ସ୍ୱ.ପ୍ର.)

ନବରଙ୍ଗପୁର ଲୋକସଭା ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଝରିଗାଁ ବ୍ଲକରେ ୧କୋଟି ୬୧ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ୭ଟି ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ଶୁକ୍ରବାର ୧୦ ଲକ୍ଷ ଟଙ୍କାରେ ହେବାକୁଥିବା ମାର୍କେଟ୍ କମ୍ପ୍ଲେକ୍ସ, ୬୨ ଲକ୍ଷ ଟଙ୍କା ମୂଲ୍ୟରେ ପୂର୍ତ୍ତିବନ୍ଧରେ ହେବାକୁ ଥିବା ମୋଡେଲ ଟ୍ୟାଙ୍କ ଏବଂ ୧୬ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ମିନି ଷ୍ଟାଡିୟମ ଗ୍ୟାଲେରୀ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିପରି ଝରିଗାଁ ସଦର ମହକୁମାରେ ୬ଲକ୍ଷ ୫୦ ହଜାର ଟଙ୍କାରେ ବିନିଯୋଗରେ ଆଲୋକୀକରଣ, ୩୦ଲକ୍ଷ ଟଙ୍କା ବିନିଯୋଗରେ ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ୨ଲକ୍ଷ ଟଙ୍କା ବିନିଯୋଗରେ ହୋଇଥିବା ଦେୟମୁକ୍ତ ଶୌଚାଳୟ ଏବଂ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭାଲୁକୁନାଡ଼ିସ୍ଥିତ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରିଥିଲେ। ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ବ୍ଲକ ଅଧ୍ୟକ୍ଷା ରମୁଲା ଗଣ୍ଡ, ଉପାଧ୍ୟକ୍ଷା ମଞ୍ଜୁଲତା ପନକା, ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ, ଏବିଡିଓ ପ୍ରଫୁଲ୍ଲ କୁମାର କହଁର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟ ରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି, ଉଦୟନାଥ ନାୟକ, ସହକାରୀ ଯନ୍ତ୍ରୀ ପ୍ରୀୟଙ୍କା ଗଣ୍ଡ, ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଏମ୍‌ପି ଏବଂ ବିଧାୟକ ଯୋଗଦେଇ ବ୍ଲକର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ।

# ଆଦିବାସୀ ଯୁବକଙ୍କୁ ରୋଜଗାର ବାଟ ଦେଖାଇଲା ୟୁଟ୍ୟୁବ୍

## କଲମ ତିଆରି କରି ରୋଜଗାର କରୁଛନ୍ତି ଭଗବାନ

ନବରଙ୍ଗପୁର,୬।୧୧(ବି.ପ୍ର.)

କିଛି କରିବାର ଇଚ୍ଛା ସହ ନିଜେ ସ୍ୱାବଲମ୍ବୀ ହେବାର ଝୁଙ୍କ ଜଣେ ଆଦିବାସୀ ଅଳ୍ପ ଶିକ୍ଷିତ ଯୁବକଙ୍କୁ କଲମ ନିର୍ମାତା କରିଦେଇଛି। ଏବେ ସେ କଲମ ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଯାଇଛନ୍ତି। ଲକ୍‌ଡାଉନ ସମୟରେ ୟୁଟ୍ୟୁବ ଦେଖି କଲମ ତିଆରି କରିବା ଶିଖି ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବିଏମ୍ ସେମଳା ପଞ୍ଚାୟତ ଖାଡ ସେମଳା ଗାଁର ଭଗବାନ ଭତରା କଲମ ତିଆରି କରି ଦିନକୁ ୫୦୦ରୁ ୬୦୦ ଟଙ୍କା ରୋଜଗାର କରୁଛନ୍ତି।

ସ୍ତ୍ରୀ ଓ ତିନି ଝିଅଙ୍କୁ ନେଇ ଭଗବାନଙ୍କ ପାଞ୍ଚ ପ୍ରାଣୀ କୁଟୁମ୍ବ। ନିଜର ଛୋଟ ସଉଦା ଦୋକାନରୁ ଯାହା ରୋଜଗାର ହେଉଥିଲା ସେଥିରେ ପରିବାର ଚଳାଉଥିଲେ ଭଗବାନ। ଏଥିରେ ପରିବାର ଚଳିବା ଅସୁବିଧା ହେଉଥିଲା। ତେଣୁ ଗତ ଲକ୍‌ଡାଉନ ସମୟରେ ୟୁଟ୍ୟୁବ ଦେଖି କଲମ ତିଆରି କରିବା କୌଶଳ ସେ ଶିଖିଥିଲେ। ନିଜେ କଲମ ତିଆରି କରି ଆଉ କିଛି ରୋଜଗାର କରିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ। ଏହାପରେ ବିଜୟନଗରମ ଯାଇ କୋଡିଏ ହଜାର ଟଙ୍କା ବିନିମୟରେ ଏକ କଲମ ତିଆରି ମେଶିନ ଆଣିଥିଲେ ଭଗବାନ। ମେଶିନ ଆଣିବା ପରେ ସ୍ତ୍ରୀଙ୍କ ସହ ମିଶି ସେ କଲମ ତିଆରି ଆରମ୍ଭ କରିଥିଲେ। ଦୈନିକ ୬ ଘଣ୍ଟା କଲମ ତିଆରି ପାଇଁ ସମୟ ଦେଇ ପ୍ରାୟ ୨ଶହରୁ ୩ଶହ କଲମ ତିଆରି କରିଥାନ୍ତି। ନିଜ ତିଆରି କରିଥିବା କଲମକୁ ଗାଁ ଗାଁ ବୁଲି ବିଭିନ୍ନ ଦୋକାନରେ ଦେଉଛନ୍ତି। ଏ ବାବଦକୁ ଦୈନିକ ପ୍ରାୟ ୫୦୦ରୁ ୬୦୦ ଟଙ୍କା ରୋଜଗାର ହୁଏ ବୋଲି ଭଗବାନ କହିଛନ୍ତି। ବର୍ତ୍ତମାନ ଯାଏ ସରକାରୀ ସହାୟତା ଅପେକ୍ଷାରେ ଅଛନ୍ତି ଉଦ୍ୟମୀ ଯୁବକ। ଜିଲା ପ୍ରଶାସନ ଭଗବାନଙ୍କୁ ସରକାରୀ ସହାୟତା ଦେଲେ ସେ ଲାଭବାନ ହୋଇପାରନ୍ତେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ନେଇ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ବାଣେଶ୍ୱର ସୁବୁଦ୍ଧିଙ୍କୁ ପଚାରିବାରୁ, ଭଗବାନ ସହାୟତା ପାଇଁ ଆବେଦନକଲେ ତାଙ୍କୁ ସହାୟତା ଦିଆଯିବ ବୋଲି ସେ କହିଛନ୍ତି।



ଭଗବାନ ସ୍ତ୍ରୀଙ୍କ ସହ ମିଶି କଲମ ତିଆରି କରୁଛନ୍ତି।

# ଆଦିବାସୀ ଅଞ୍ଚଳରେ ବଢୁଛି ବେଆଇନ ମଦ କାରବାର

- ପାନଦୋକାନ, ହୋଟେଲରେ ଚାଲିଛି ଅବାଧ ମଦ କାରବାର
- ଆଦିବାସୀ ଲୋକେ ବିଭିନ୍ନ ରୋଗ ଏବଂ ମୃତ୍ୟୁର ଶିକାର ହେଉଛନ୍ତି
- ଅବକାରୀ ବିଭାଗର କାର୍ଯ୍ୟକାରିତାକୁ ନେଇ ଅସନ୍ତୋଷ

ବିଷମକଟକ,୬।୧୧

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧିପାଉଛି। ରାଜସ୍ୱ ଆଦାୟ ନିମନ୍ତେ ସରକାର ଭୌଗୋଳିକ ପରିସ୍ଥିତି ଦୃଷ୍ଟିକୋଣରୁ ଉପଯୁକ୍ତ ନ ଥିବା ସ୍ଥାନଗୁଡ଼ିକରେ ମଧ ଦେଶୀ ମଦଭାଟି ଏବଂ ଠିପି ବନ୍ଦ ମଦ ଦୋକାନ ଖୋଲିବା ନିମନ୍ତେ ଅନୁମତି ଦେଉଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ବ୍ୟବସାୟୀମାନେ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବେଆଇନଭାବେ କୋଚିକାମାନଙ୍କୁ ନିଯୁକ୍ତି ଦେଇ ମଦ ବିକ୍ରି କରୁଛନ୍ତି। ଅନେକ ଗ୍ରାମ ମୁଖ୍ୟ ରାସ୍ତାରେ ରହିଥିବା ପାନଦୋକାନ ଏବଂ ହୋଟେଲଗୁଡ଼ିକରେ ଦେଶୀ ଓ ବିଦେଶୀ ମଦ ସ୍ପଷ୍ଟ ଦିବାଲୋକରେ ବିକ୍ରିହେଉଛି। ଏହି ମଦ ବ୍ୟବସାୟ ନେଇ ଅଞ୍ଚଳବାସୀ ବେଶ୍ ଅବଗତ। ହେଲେ ଅବକାରୀ ବିଭାଗର ନଜରରେ କେମିତି ପଡୁନାହିଁ ତାହାକୁ ନେଇ ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି।

ବିଷମକଟକର ବିଭିନ୍ନ ସ୍ଥାନରେ ଦେଶୀ ମଦ ରନ୍ଧା ହେବା ସହ ଖୋଲା ବଜାରରେ ମଧ ବିକ୍ରି ହେଉଛି। ଅବକାରୀ ବିଭାଗ ଜାଣତରେ ଚୋରା ମଦ କାରବାର ଚାଲିଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। କିନ୍ତୁ ଚୋରା ମଦ ବ୍ୟବସାୟୀଙ୍କ ଆକ୍ରୋଶର ଶିକାର ହେବା ଭୟରେ ସେମାନେ ଖୋଲାଖୋଲି ବିରୋଧ କରି ପାରୁନାହାନ୍ତି। ଆଦିବାସୀମାନେ ଦେଶୀମଦ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁର ଶିକାର ହେଉଛନ୍ତି। ବିଭିନ୍ନ ବିଷାକ୍ତ ପଦାର୍ଥ ମିଶ୍ରଣ କରି ମଦ ପ୍ରସ୍ତୁତ ହେଉଥିବା ମଧ ଆଶଙ୍କା ରହିଛି। ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ଏଭଳି ଘଟଣା ଘଟୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଅଭିଯୋଗ ହେଉଛି। ଅବାଧରେ ବେଆଇନ କାରବାର ଚଳାଇଥିବା ବ୍ୟବସାୟୀମାନଙ୍କୁ ଗିରଫ ନ କରିବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଅବକାରୀ ଇନ୍ସପେକ୍ଟର ପ୍ରମୋଦ କୁମାର ବଣ୍ଟିଆଙ୍କୁ ପଚାରିବାରୁ କହିଛନ୍ତି, ଆମ ନଜରରେ ଯେଉଁ ବେଆଇନ ମଦ ଭାଟି ଆସୁଛି କିମ୍ବା ସୂଚନା ମିଳୁଛି ସେଠାରେ ଆମେ ଚଢ଼ାଉ କରୁଛୁ ଏବଂ କାର୍ଯ୍ୟାନୁଷ୍ଠାନ ନେଉଛୁ। ଅବକାରୀ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୦ ଏପ୍ରିଲରୁ ଏ ପର୍ଯ୍ୟନ୍ତ ୩୦ ବେଆଇନ ଦେଶୀମଦ ଭାଟି ଭାଙ୍ଗାଯିବା ସହ ୨୪୬୪.୮ ଲିଟର ମହୁଲ ମଦ ଜବତ କରାଯାଇଛି। ଘଟଣାସ୍ଥଳରେ ୨୦,୧୬୦ କେଜି ପୋଚ ନଷ୍ଟ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୩୦ଟି ବେନାମୀ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଷମକଟକ ପୋଲିସ ୨୦୨୦ ଜାନୁୟାରୀ ପହିଲାରୁ ଅକ୍ଟୋବର ୩୧ ମଧ୍ୟରେ ୩୬୨ଲିଟର ଦେଶୀ ମଦ, ୧୦୫.୭୩୦ ଏମ୍‌ଏଲ୍ ବିଦେଶୀ ମଦ ଜବତ କରିଥିବା ଥାନାଧିକାରୀ ଯଶୱନ୍ତ ହିଆଲ ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଦେଶୀମଦ ଭାଟିରେ ଚଢ଼ାଉ କରାଯାଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳୁନାହିଁ। ତେଣୁ ଏହି ବିଷାକ୍ତ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ଜରୁରୀ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।



ଭାଟିରେ ମଦ ରନ୍ଧା ଚାଲିଛି ।

# ଶୀତ ଅଧିବେଶନ ପୂର୍ବରୁ ୧୦ରେ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

ବିଧାନସଭା ଶୀତ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଚଳିତ ଅଧିବେଶନରେ ଅତିରିକ୍ତ ବଜେଟ ଆଗତ ହେବା ସହିତ ଏହାକୁ ମଞ୍ଜୁରୀ ପ୍ରଦାନ କରାଯିବ। ହେଲେ ଆସନ୍ତା ଅଧିବେଶନରେ ବିଧାୟକ, ବିଧାନସଭା କର୍ମଚାରୀ ଏବଂ ଖବରଦାତାଙ୍କ କୋଭିଡ୍ ଟେଷ୍ଟ ହେବ କି ନାହିଁ ସେ ନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇନାହିଁ। ଏ ନେଇ ଆସନ୍ତା ୧୦ ତାରିଖରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବିଧାନସଭା ସଚିବ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି। ପ୍ରଶ୍ନକାଳ ରହିବ କି ବନ୍ଦ ହେବ ସେ ନେଇ ଆଲୋଚନା କରାଯିବ ବୋଲି ବାଚସ୍ପତି କହିଛନ୍ତି। ସେହିପରି ଅଧିବେଶନ ବସିବା ପୂର୍ବରୁ ଇ-ବିଧାନସଭା ପ୍ରଶିକ୍ଷଣ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଓକାକ୍ ପକ୍ଷରୁ ଆକାଉଣ୍ଟ ଏବଂ ଏଷ୍ଟାବ୍ଲିଶ ବ୍ରାଞ୍ଚର କର୍ମଚାରୀଙ୍କୁ ଟ୍ରେନିଂ ଦିଆଯାଇଛି। ବିଧାନସଭା ଅଧିବେଶନ ଶେଷ ହେବାପରେ ବିଧାୟକମାନେ ପ୍ରଶିକ୍ଷଣ ନେବେ ବୋଲି ଜଣାପଡ଼ିଛି।

# ଆସନ୍ତା ସପ୍ତାହରେ ବସିପାରେ କ୍ୟାବିନେଟ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** ଆସନ୍ତା ସପ୍ତାହରେ ରାଜ୍ୟ କ୍ୟାବିନେଟ ବୈଠକ ବସିପାରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଚଳିତ ୧୦ ତାରିଖରେ ଭିଡିଓ କନଫରେନ୍ସରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏଥିରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ସମେତ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ପୂର୍ତ୍ତ, ଅର୍ଥ ବିଭାଗର କେତେକ ଏଜେଣ୍ଡାକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ବିଧାନସଭାର ଶୀତ ଅଧିବେଶନ ୨୦ ତାରିଖରୁ ଆରମ୍ଭ ହେବ। ପ୍ରଥମ ଦିନରେ ୨୦୨୦-୨୧ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ନଭେମ୍ବର ୨୯ରେ ଅତିରିକ୍ତ ବଜେଟର ବ୍ୟୟ ମଞ୍ଜୁରୀ ବିଲ୍ ଗୃହର ଅନୁମୋଦନ ଲାଭ କରିବ।










## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସମୀର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଷଇ ନାହିଁ ଛାପ ଚିକ୍କଣିଆ।**
**ପୋଷଇ ଖଉରିଆ।**
**ବରଷେ ନାହିଁ କଳା ଘୁମୁର**
**ବରଷେ କାଉଁଳିଆ।।**

ଧନୀ ପୁଅ ପଇସା ହୋଇଗଲେ ବଡ଼ଲୋକୀ ଦେଖେଇ ଦୂରେଇ ଯାଆନ୍ତି। ଅଭାବ ଅନଟନରେ ରହୁଥିବା ମଳିମୁଣ୍ଡିଆ ପୁଅ ହିଁ ସାହାଭରସା ହୋଇଥାଏ। ସବୁ ବାଦଲ ବରଷି ନ ଥାଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ, କେବଳ ବହାଦୁରି ମାତ୍ର ସାର ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପାଣି କେନ୍ଦୁରି**
**ତୋ ମନେ ମନେ ତୁ ଏକା ସୁନ୍ଦରୀ।**

ସାଧାରଣତଃ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। ତେବେ ସିଏ ହିଁ ପ୍ରକୃତରେ ଭଲ ବୋଲି ଗଣା ହୋଇଥାଏ, ଯାହାକୁ ସମସ୍ତେ ଭଲ ବୋଲି ପ୍ରଶଂସା କରିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ୧୦ ବର୍ଷରେ ଗଲାଣି ...

ଆହତ ହୋଇଛନ୍ତି। ୨୦୧୯ ଜୁନ୍ ତୁଳନାରେ ୨୦୨୦ରେ ଦୁର୍ଘଟଣା ହାର ୨୪.୧୦ ପ୍ରତିଶତ କମି ଥିବାବେଳେ ମୃତ୍ୟୁହାର ୩୧.୫୬ ପ୍ରତିଶତ କମିଛି। ଓଭର ସ୍ପିଡ୍ ଯୋଗୁ ୭୦ ପ୍ରତିଶତ ଦୁର୍ଘଟଣା ହେଉଥିବା ବେଳେ ୧୦ ପ୍ରତିଶତ ମଦ୍ୟପାନ, ୯.୪୦ ପ୍ରତିଶତ ବିପରୀତ ଦିଗରୁ ଯାନବାହନ ଚଳାଇବା ଏବଂ ୪.୪୫ ପ୍ରତିଶତ ମୋବାଇଲରେ କଥାବାର୍ତ୍ତା ଯୋଗୁ ହୋଇଛି। ଲକ୍‌ଡାଉନ୍ ଯୋଗୁ ଗତ ୮ ମାସ ମଧ୍ୟରେ ଦୁର୍ଘଟଣା ହାର କମିଥିଲେ ମଧ୍ୟ ରାଜ୍ୟରେ ପ୍ରତ୍ୟେକ ବର୍ଷ ଦୁର୍ଘଟଣା ହାର ବଢି ଚାଲିଛି। ଏହାର ପୂର୍ବ ରେକର୍ଡକୁ ଦେଖିଲେ ଜାତୀୟ ସ୍ତରରେ ପ୍ରତି ୧୦୦ ଦୁର୍ଘଟଣାରେ ୩୨ ଜଣ ପ୍ରାଣ ହରାଉଥିବା ବେଳେ ଓଡ଼ିଶାରେ ୪୭ ଜଣଙ୍କର ମୃତ୍ୟୁ ହେଉଛି। ଓଡ଼ିଶାରେ ପ୍ରତି ଶହେ ଦୁର୍ଘଟଣାରେ ୪୭ ଜଣଙ୍କର ପ୍ରାଣହାନି ହେଉଛି। ୨୦୦୮ରୁ ୨୦୨୦ ମଧ୍ୟରେ ଦୁର୍ଘଟଣା ଯୋଗୁ ପ୍ରାୟ ୪୫ ହଜାର ଲୋକଙ୍କ ଜୀବନ ଯାଇଛି। ୨୦୧୮ରେ ୫୩୧୫ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ୫ ହଜାର ଗୁରୁତର ଆହତ ହୋଇଥିଲେ। ସେହିପରି ୨୦୦୮ରୁ ୨୦୧୮ ମଧ୍ୟରେ ଓଡ଼ିଶାରେ ୩୮ ହଜାର ୨୦୪ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ରୋଜଗାରକ୍ଷମ ବ୍ୟକ୍ତି ବୋଲି ଜଣାପଡିଛି। ୨୦୧୮ ତୁଳନାରେ ୨୦୧୯ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁହାର ୭.୫ ପ୍ରତିଶତ ବୃଦ୍ଧି ହୋଇଥିଲା। ଏହି ସମୟରେ ୪୧୧୫ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ମିଳିପାରି ନ ଥିବାରୁ ବହୁ ଲୋକଙ୍କର ମୃତ୍ୟୁ ହେଉଛି। ସେଥିପାଇଁ କଟକ ଓ ଭୁବନେଶ୍ୱର ସହର କେତେକ ଘରୋଇ ହସ୍ପିଟାଲରେ ମାଗଣାରେ ଚିକିତ୍ସା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଏହାଛଡା ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ହସ୍ପିଟାଲ ନେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ଦେବାର ମଧ୍ୟ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ସାଧାରଣ ପରିବହନ ବ୍ୟବସ୍ଥା ପରିବର୍ତ୍ତେ ବ୍ୟକ୍ତିଗତ ଯାନବାହନ ଯୋଗୁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେବା ସହ ବେପରୁଆ ଗାଡି ଚାଳନା ଯୋଗୁ ଅଧିକ ଦୁର୍ଘଟଣା ଘଟୁଥିବା ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

### ହକ୍ ପାଇବାରୁ ନିର୍ମାଣ ...

ପରିବାରକୁ ୨ଲକ୍ଷ ଟଙ୍କା ସହାୟତା ମିଳିବା ବ୍ୟବସ୍ଥା ରହିଛି। କିନ୍ତୁ ଲଘୁ ଖଣି ଖାଦାନ ଅଞ୍ଚଳରେ ଶ୍ରମିକମାନଙ୍କ ପଞ୍ଜୀକରଣ ହୋଇ ନ ଥିବାରୁ ବହୁ ଶ୍ରମିକଙ୍କ ମୃତ୍ୟୁପରେ ଏହି ଯୋଜନାରୁ ସେମାନଙ୍କ ପରିବାରବର୍ଗ ବଞ୍ଚିତ ରହୁଛନ୍ତି। ସେହିଭଳି ଯୁକ୍ତଦୁଇ ଶ୍ରେଣୀରେ ପାଠ ପଢୁଥିବା ଶ୍ରମିକଙ୍କ ଝିଅଙ୍କୁ ବାର୍ଷିକ ୪ ହଜାର ଟଙ୍କା ଏବଂ ପୁଅଙ୍କୁ ୩ ହଜାର ଟଙ୍କା ଶିକ୍ଷାବୃତ୍ତି ସହାୟତା, ସ୍ନାତକ, ବୈଷୟିକ ଶ୍ରେଣୀ ପାଇଁ ଝିଅଙ୍କୁ ବାର୍ଷିକ ୫ ହଜାର ଟଙ୍କା ଓ ପୁଅଙ୍କୁ ୪ ହଜାର ଟଙ୍କା ପ୍ରଦାନ ବ୍ୟବସ୍ଥା ରହିଛି। ଏପରିକି ଇଞ୍ଜିନିୟରିଂ, ଡାକ୍ତରୀ, ସ୍ନାତକୋତ୍ତର ଶିକ୍ଷା ପାଇଁ ଝିଅ ଓ ପୁଅ ଉଭୟଙ୍କୁ ୬ ହଜାର ଟଙ୍କା ଲେଖାଏ ଏବଂ ଶ୍ରମିକଙ୍କ ୨ଟି ଝିଅଙ୍କ ବାହାଘର ନିମନ୍ତେ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯିବା ନିୟମ ରହିଛି। କିନ୍ତୁ ବହୁ ଶ୍ରମିକ ଏହିସବୁ ସହାୟତା ପାଇପାରି ନ ଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି।

### ଓଜେଇଇ ପରୀକ୍ଷାଫଳ ...

ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ଼ କରିପାରିପାରିବେ। ସାଧାରଣତଃ ମେ' ମାସରେ ଓଜେଇଇ ହୋଇଥାଏ। କିନ୍ତୁ କୋଭିଡ୍-୧୯ କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପରୀକ୍ଷାକୁ ବାରମ୍ବାର ଘୁଞ୍ଚାଯାଇଥିଲା। ଶେଷରେ ଗତ ଅକ୍ଟୋବର ୧୨ରୁ ୨୨ ମଧ୍ୟରେ ଉପରୋକ୍ତ ମୋଟ ୧୨ଟି ପାଠ୍ୟକ୍ରମ ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରଥମଥର ପାଇଁ ସବୁ ବିଷୟ ଲାଗି କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ହୋଇଥିଲା। ୨୧ଟି ସହରର ୫୪ଟି କେନ୍ଦ୍ରରେ ପରୀକ୍ଷା ପରିଚାଳନା କରାଯାଇଥିଲା। ଓଡ଼ିଶା ବାହାରେ ୩ଟି ସହର ଯଥା କଲିକତା, ରାଞ୍ଚି ଓ ପାଟଣାର ୫ଟି କେନ୍ଦ୍ରରେ ମଧ୍ୟ ପରୀକ୍ଷା ହୋଇଥିଲା। ମୋଟ ୭୯,୭୫୪ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୪୯,୨୬୭ ପରୀକ୍ଷାର୍ଥୀଙ୍କୁ ର୍‍ୟାଙ୍କ୍ ମିଳିଛି।

### ଏସ୍‌ସି, ଏସ୍‌ଟିଙ୍କୁ ସବୁ ...

ଖଣ୍ଡପୀଠ ଖାରଜ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ଅଭିଯୁକ୍ତ ହିତେଶ ବର୍ମାଙ୍କ ବିରୋଧରେ ଉତ୍ତରାଖଣ୍ଡ ହାଇକୋର୍ଟ ଉପରୋକ୍ତ ଅପରାଧରେ ସମନ କରିଥିବାବେଳେ ସେ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହିତେଶ ସମ୍ପୃକ୍ତ ମହିଳାଙ୍କ ଘରେ ପଶି ତାଙ୍କ ଜାତିକୁ ନେଇ ଗାଳି ଦେଇଥିବା ନେଇ ଏତଲା ଦାଏର ହୋଇଥିଲା।



# ଶାଶୁଘରୁ ତଡ଼ିବା ଚକ୍ରାନ୍ତ ଅଭିଯୋଗ ଆଣିଲେ ବର୍ଷା

**ଭୁବନେଶ୍ୱର, ୬।୧୧ (ବ୍ୟୁରୋ)**

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ଶାଶୁ ମଧୁସ୍ମିତା ମହାନ୍ତିଙ୍କ ବିବାଦ ଏବେ ଥାନାରେ ପହଞ୍ଚିଛି। ଘରୁ ତଡ଼ିଦେବାକୁ ତାଙ୍କ ଶାଶୁ ଯୋଜନା କରୁଛନ୍ତି ବୋଲି ବର୍ଷା ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଶୁକ୍ରବାର କଟକ ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି। ଏତଲାରେ ସେ ଦର୍ଶାଇଛନ୍ତି ଯେ, ତାଙ୍କର ଅନ୍ୟକେଉଁଠି ରହିବାର ବିକଳ୍ପ ବ୍ୟବସ୍ଥା ନାହିଁ। ଏପରିସ୍ଥଳେ ଘର ମରାମତି ବାହାନାରେ ତାଙ୍କୁ ଶାଶୁ ବାହାର କରିଦେବାକୁ ଯୋଜନାବଦ୍ଧ ଚକ୍ରାନ୍ତ ଚଳାଇଛନ୍ତି। ତେବେ ଶାଶୁଘର ବ୍ୟତୀତ ତାଙ୍କର ଅନ୍ୟ କେଉଁଠି ରହିବାର ସୁବିଧା ନାହିଁ। ତେଣୁ ତାଙ୍କୁ ଶାଶୁଘରେ ରହିବାକୁ ଅନୁମତି ଦେବା ପାଇଁ ସେ ପୋଲିସକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ବର୍ଷାଙ୍କ ଶାଶୁ

**ଶାଶୁ ବି ଦେଲେ ଏତଲା**

ମଧୁସ୍ମିତା ମଧ୍ୟ ପାଲଟା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ୬୦ ବର୍ଷ ପୁରୁଣା ଘରର ମରାମତି ଆବଶ୍ୟକତା ରହିଛି। ତେଣୁ ୧୦ଦିନ ପାଇଁ ପରିବାରର ସମସ୍ତ ସଦସ୍ୟ ଅନୁପସ୍ଥିତ ରହିବେ। କିନ୍ତୁ ବର୍ଷା ଘର ଖାଲି କରିବାକୁ ରାଜି ନାହାନ୍ତି ବୋଲି ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ବର୍ଷାଙ୍କ ସ୍ୱାମୀ ତଥା ମଧୁସ୍ମିତାଙ୍କ ପୁଅ ଏମ୍‌ପି ଅନୁଭବ ମହାନ୍ତି ଟୁଇଟ୍ ଜରିଆରେ କଟକ ଡିସିପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାର ତଦନ୍ତ କରି ତୁରନ୍ତ ନ୍ୟାୟ ଦେବାକୁ ସେ ଅନୁରୋଧ ଜଣାଇଛନ୍ତି। ସେ କହିଛନ୍ତି, ଘର ମରାମତି କାର୍ଯ୍ୟରେ ଯଦି ଅଧିକ ବିଳମ୍ବ ହୁଏ ତେବେ ମୋ ବାପା ଏବଂ ପରିବାର ସଦସ୍ୟଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇପାରେ। ମୋ ବାପାଙ୍କ(୭୦) ସ୍ୱାସ୍ଥ୍ୟ ପାଇଁ ମା' ଅତ୍ୟନ୍ତ ଚିନ୍ତିତ। ତେଣୁ ଏ ଦିଗରେ ଡିସିପି ତୁରନ୍ତ ପଦକ୍ଷେପ ନେବାକୁ ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶନି ଏବଂ ମଙ୍ଗଳଙ୍କ ଯୋଗୁ ଆଜି ପ୍ରତ୍ୟେକ କ୍ଷେତ୍ରରେ ଗରମ ମିଜାଜରେ କାମ କରିବାକୁ ପଡିବ। କାର୍ଯ୍ୟ ହାସଲ କରିବାରେ ସଫଳ ହେବେ କିନ୍ତୁ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପୂର୍ବରାଗକୁ ସ୍ମରଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**ବୃଷ** ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ରୋହିଣୀ ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ସାବଧାନତା ଅବଲମ୍ବନ କରିବା ଭଲ। ସକାଳୁ ସକାଳୁ ଘରେ ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅତୀତ ଘଟଣା କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଗତକାଲିର ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ; ଅବଶ୍ୟ ଉପକୃତ ହେବେ। ବିବାଦୀୟ ଘଟଣାକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ବାଧବାଧକତାରେ କେତେକ କାମ କରିବାକୁ ବାଧ୍ୟ ହେବେ।

**କର୍କଟ** ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରି ଉତ୍‌ଫୁଲ୍ଲିତ ହେବେ। ଅଶ୍ଳେଷା ନକ୍ଷତ୍ର ବାଣିଜ୍ୟ,ବ୍ୟବସାୟରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ସିଂହ** ଦିନ ମଧ୍ୟରେ ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**କନ୍ୟା** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସୁଯୋଗର ସଦ୍ ବ୍ୟବହାର କରିପାରିବେ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ପୁରାତନ ଜିନିଷ ବିକ୍ରୟକରି ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ତୁଳା** ସ୍ୱାତି ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ଆଜିର ଫେରନ୍ତା ରାସ୍ତାରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ।

**ବିଛା** ଆଜି ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି, ଆପଣଙ୍କ ସକାଶେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଜ୍ୟେଷ୍ଠା ନକ୍ଷତ୍ରର କୂଟନୈତିକ କାର୍ଯ୍ୟାନୁସରଣରେ ସାମାଜିକ ପ୍ରତିଷ୍ଠା ବଢିବ।

**ଧନୁ** ଅଭାବ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ପାଇ କାମ ହାସଲ କରିବାରେ ସମର୍ଥ ହେବେ। ମୂଳା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ କୌଣସି ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ମକର** ଗତକାଲିର ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସଭାସମିତି, ସଂଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ରର ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବାର ଅନୁଭବ କରିବେ।

**କୁମ୍ଭ** ବିଭିନ୍ନ ପ୍ରକାରର ପାରିବାରିକ ବିଷୟକୁ ନେଇ ମନ ଭାରାକ୍ରାନ୍ତ ରହିବ। ଶିକ୍ଷାକ୍ଷେତ୍ର, ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଶତଭିଷା ନକ୍ଷତ୍ର ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମୀନ** କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଉତ୍ତରଭାଦ୍ରବ ନକ୍ଷତ୍ର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ପରିବାରରେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ।

ଆଜି କାର୍ତ୍ତିକ କୃଷ୍ଣ ସପ୍ତମୀ ଶନିବାର, ନଭେମ୍ବର ୭ ତାରିଖ, ବୈଜ୍ଞାନିକ ସି.ଭି. ରମଣଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା, ଘ.୦୮.୦୪ମି. ଗତେ ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୫୪ମି. ଗତେ ଘ.୦୬.୩୯ମି.ମଧ୍ୟେ, ଘ.୦୭.୨୪ମି. ଗତେ ଘ.୦୯.୩୮ମି. ମଧ୍ୟେ, ଘ.୧୧.୫୨ମି. ଗତେ ଘ.୦୨.୫୧ମି. ମଧ୍ୟେ, ଘ.୦୩.୩୬ମି. ଗତେ ଘ.୦୫.୦୫ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୪୨ମି.ଗତେ ଘ.୧୦.୦୬ମି.ମଧ୍ୟେ ରାହୁକାଳ।

## ଓଡ଼ିଶାର ୨୮,୬୬୭ ପେନସନଭୋଗୀ ପାଇଛନ୍ତି ୧୩୭.୧୫ କୋଟି

**ନୂଆଦିଲ୍ଲୀ, ୬।୧୧ (ପିଆଇବି)**

ୱାନ୍ ର୍‍ୟାଙ୍କ୍ ୱାନ୍ ପେନ୍‌ସନ (ଓଆର୍‌ଓପି) ଲାଗୁ କରିବା ଲାଗି କେନ୍ଦ୍ର ସରକାର ୨୦୧୫ ନଭେମ୍ବର ୭ରେ ଏକ ନିର୍ଦ୍ଦେଶ ଜାରି କରିଥିଲେ। ଏହି ଲାଭ ୨୦୧୪ ସେପ୍ଟେମ୍ବର ୧ରୁ କାର୍ଯ୍ୟକାରୀ ହୋଇଥିଲା।

**ଓଆର୍‌ଓପିକୁ ୫ ବର୍ଷ**

ବିପୁଳ ଆର୍ଥିକ ବୋଝ ସତ୍ତ୍ୱେ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କ କଲ୍ୟାଣ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ବ୍ୟକ୍ତ କରି ସରକାର ଏହାକୁ କାର୍ଯ୍ୟକାରୀ କରିଥିଲେ। ପ୍ରତିରକ୍ଷା ପେନ୍‌ସନର ପରିମାଣ ଓ ଜଟିଳତାକୁ ଆଖି ଆଗରେ ରଖି ଓଆର୍‌ଓପି କାର୍ଯ୍ୟକାରୀ କରିବା ପୂର୍ବରୁ ବିଶେଷଜ୍ଞ ଓ ପୂର୍ବତନ ସେନା କର୍ମଚାରୀମାନଙ୍କ ସହ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା। ଏହା ଲାଗୁ ହେବା ପରେ ଏରିଅର ଆକାରରେ ୨୦,୬୦,୨୨୦ ପ୍ରତିରକ୍ଷା ପେନ୍‌ସନ/ପରିବାର ପେନ୍‌ସନଭୋଗୀଙ୍କୁ ୧୦,୭୯୫.୪ କୋଟିଟଙ୍କା ପ୍ରଦାନ କରାଯାଇସାରିଛି। ଏହି ଅବଧି ମଧ୍ୟରେ ଓଡ଼ିଶାର ୨୮,୬୬୭ ଜଣ ପେନ୍‌ସନଭୋଗୀଙ୍କୁ ୧୩୭.୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

**ଆଜିର ମନ୍ତବ୍ୟ**

"କରୋନା ଟିକା ନ ବାହାରିବା ପର୍ଯ୍ୟନ୍ତ ମାସ୍କକୁ ସୁରକ୍ଷା କବଚ ଭାବେ ଗ୍ରହଣ କର।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ


# classifieds Everyday
0674-2580101, 2549302

real estate

**SALE**

Bhubaneswar ହଂସପାଳ ଛକଠାରୁ 9k.m ଦୂରତାରେ ଘରବାରି ପାଚେରି ଥାଇ ପ୍ଲଟ ବିକ୍ରିହେବ। 9438299931 D-18826

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

ଘରବାଡ଼ି ପ୍ଲଟ ପିଚୁରୋଡ଼କୁ ଲାଗି ସାଇମନ୍ଦିର ପାଖରେ 50% ଦେଇ Registration ନେଇ ବାକି କିସ୍ତିରେ ଦିଅନ୍ତୁ। 9556794241 D-69196

30'Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929 D-69191

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

Ready to move 3/4 BHK Duplex at Jagatpur, Cuttack. Immediate sale with affordable price. Stay with all qualities within the boundary area. Contact:- 7008321705. D-18804

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

Two Bedroom flat with Drawing, Dinning, Kitchen and two Bathroom with individual garage sale at Tankapani Road near Rajarani Temple. Bank finance available. Call : 9438109040, 8144658008 D-18832

ଭୁବନେଶ୍ୱରରେ ସ୍ଥିତିବାନ୍ ଘରବାରି ପ୍ଲଟ NH-16ରେ ପିତାପଲ୍ଲୀ କଣ୍ଟାବାଡରେ BDA ପ୍ଲାନ୍ ଅନୁସାରେ developed ହୋଇ ମିଳୁଛି। 9777553622 D-69352

Ready to move Duplex for sale at DHPL Villa One Kalarahanga. Contact- 9937059891 D-18830

3BHK flat resale 1600sqft. Patia opposite RTO-2, 1km KIIT Square, 75 Lakh including parking. 7978584549 (Broker Excuse) D-70014

1500 sqft ( 12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165 D-18838

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**PURCHASE**

Land required in around Bhubaneswar for joint venture/ sharing basis plot, farm house plot, GA plot, BDA plot, individual (private) plot, interested land owner please contact- Deepak- 9937329999 D-69931

**GENERAL**

**PURCHASE**

We buy old gold, land, building. Please contact Hindustan-Jewellers. 9437033691 D-68392

to-let

Godown space available near Puri bypass area 18000/-, open space 15000/-. 9938125254 D-18598

2BHK and two rooms for rent at Garage Chhak, Old Town, Bhubaneswar. Contact- 7325871384. D-67577

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Monalisa massage club : All types body massage with hiprofile smart lady rooms service available 9708545108. D-18831

Refreshing your mind & body with best therapy at Lotus Spa. 8018234866 D-69577

Swarna SPA newly open positively health benefits with expert therapist. 9556978408. D-70010

Get refreshment body massage by expert therapist contact for 7205084157. D-70011

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**NOTICE**

ଏତଦ୍ଦ୍ୱାରା ଆମ୍ଭେ ଶ୍ରୀ ପତିତପାବନ ରାଉତ, ଗ୍ରାମ: ସାନଗାଁ, ପୋ: ଯଦୁପୁର, ତହସିଲ: ମହାକାଳପଡ଼ା, ଜି: କେନ୍ଦ୍ରାପଡ଼ା, ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ କି ଆମ୍ଭର ପିତା: ବାମଦେବ ରାଉତ (୯୭)ଙ୍କର ବୟସାଧିକ ଯୋଗୁ ଶାରୀରିକ ଓ ମାନସିକ ଅସୁସ୍ଥ ଅଛନ୍ତି। ଏହାର ସୁଯୋଗ ନେଇ କୌଣସି ଖଳ ପ୍ରକୃତିର ଲୋକ ତାଙ୍କଠାରୁ ବିକ୍ରୟ କବଲା କିମ୍ବା ଇଚ୍ଛା ପତ୍ର କରାଇ ନେଲେ ମୁଁ କିମ୍ବା ଅନ୍ୟ ଝିଅ, ପୁଅମାନେ ଆଜ ଦିନ ଅର୍ଥାତ ୨୦୨୦ ମସିହା ନଭେମ୍ବର ୬ତାରିଖଠାରୁ ଏହି ଦସ୍ତାବିଜ ପାଇଁ ହିନ୍ଦୁ ସମ୍ମିଳିତ ପରିବାର ଆଇନ ଅନୁଯାୟୀ ଦାୟୀ ରହିବୁ ନାହିଁ। ଧ-୧୮୮୪୧

**ଜନ୍ମଦିନ ଶୁଭେଚ୍ଛା**



ସନ୍ଦୀପ କୁମାର ମାର୍ଣ୍ଡି (ସମୀର)
ଭୁବନେଶ୍ୱର, ଜୟଦେବ ବିହାର, ସରଣାପଲ୍ଲୀ
ଆଜି ତୋର ୧୫ତମ ଜନ୍ମଦିନରେ ଆମେ ମା' ତାରିଣୀଙ୍କୁ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟ ଉଜ୍ଜ୍ୱଳମୟ ହେଉ ଏବଂ ସର୍ବଦା ତୋର ମଙ୍ଗଳ ହେଉ।
-:ଶୁଭେଚ୍ଛା ସହ:-
ଆଈ, ମା', ବାପା, ଭଉଣୀ: ବବିତା, ମୀରା, ମିଷ୍ଟୀ, ଶୁଭଲକ୍ଷ୍ମୀ, କେତକୀ, ସୋନାଲୀ, ବାସନ୍ତୀ, ମାମୁ, ମାଇଁ, ମାଉସୀ, କାକା
ଧ-୧୮୮୪୨

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୯୩,୪୩,୦୬୫ | ୧୨,୪୩,୯୮୬ | ୩,୫୧,୩୧,୨୦୮ |
| ଭାରତ | ୮୪,୩୯,୩୮୯ | ୧,୨୫,୨୬୩ | ୭୭,୯୧,୩୬୩ |
| ଓଡ଼ିଶା | ୨,୯୮,୭୬୮ | ୧୩୯୩(+୫୩) | ୨,୮୫,୧୭୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ପାଇପ ମିସ୍ତ୍ରିଙ୍କ ନାଁରେ ୭୦ କୋଟିର ଜିଏସ୍‌ଟି ଠକେଇ

ରାଉରକେଲା ଅଫିସ,୬।୧୧

ଷ୍ଟିଲ ସିଟିର ଜଣେ ପାଇପ ମିସ୍ତ୍ରିଙ୍କ ନାମରେ ୭୦ କୋଟି ଟଙ୍କା ଜିଏସଟି ଠକେଇ ହୋଇଥିବା ଘଟଣା ସାମନାକୁ ଆସିଛି। ଏହାପୂର୍ବରୁ ଏଭଳି ଏକାଧିକ ମାମଲା ଲୋକ ଲୋଚନକୁ ଆସିଥିବା ବେଳେ ଏଥିରେ ବହୁ ନିରୀହ ଲୋକ ଶିକାର ହୋଇଛନ୍ତି। ଯାହା ସହରରେ ଚର୍ଚ୍ଚାର ପ୍ରସଙ୍ଗପାଲଟିଛି। ଏବେ ବାସନ୍ତୀ କଲୋନୀ ହରିପୁର ବସ୍ତିରେ ରହୁଥିବା ଜଣେ ପାଇପ ମିସ୍ତ୍ରୀ ସମୀର ଯୋଯୋଙ୍କଠାରୁ ଡକ୍ୟୁମେଣ୍ଟ ନିଆଯାଇ ଏଭଳି ଚଞ୍ଚକତା କରାଯାଇଛି। ତାଙ୍କ ଘରକୁ ଜିଏସ୍‌ଟି ଅଧିକାରୀମାନେ ଆସି ଫେରୁଥିବା ବେଳେ ଅସଲ ଅଭିଯୁକ୍ତ ଆଢୁଆଳରେ ରହିଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସମୀରଙ୍କ ନାମରେ ସାଇ ଟ୍ରେଡର୍ସ ନାମକ ଏକ କମ୍ପାନୀ ଖୋଲାଯାଇ ୭୦ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଧରା ପଡ଼ିଛି। ତାଙ୍କ କହିବାନୁସାରେ ଏମିତି ବହୁ ଲୋକଙ୍କ ଡକ୍ୟୁମେଣ୍ଟ ନେଇ ପୁଞ୍ଜିପତିମାନେ ଜିଏସଟି ଫାଙ୍କି ଆସୁଛନ୍ତି।

# ଅନ୍ଧାରୁଆରେ ହେବ ଟିକା ପ୍ରସ୍ତୁତ ୟୁନିଟ୍

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଟିକା ତିଆରି ୟୁନିଟ୍ ସ୍ଥାପନ ହେବ। ଏଥିରେ ୩୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ଏହାର ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହେବ। ନିର୍ଦ୍ଧାରିତ ସମୟରେ ଉତ୍ପାଦନ ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଟିକା ୟୁନିଟ୍ ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟା, ଅନ୍ୟାନ୍ୟ ସୁବିଧା ସହ ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟରେ ସହଯୋଗ ଯୋଗାଇବାକୁ ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିମିଟେଡ (ବିବିଆଇଏଲ୍)କୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଏଥିଲାଗି ବିବିଆଇଏଲ ସ୍ଥାନୀୟ ଷ୍ଟାର୍ଟଅପକୁ ପ୍ରୋତ୍ସାହିତ କରିବାକୁ ଅନୁରୋଧ କରିଥିଲା। ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ କହିଛନ୍ତି, ଅନ୍ଧାରୁଆରେ ବାୟୋଟେକ୍ ପାର୍କରେ ଜମି ସୁବିଧା ରହିଛି। କୋଠା ନିର୍ମାଣ ଡିଜାଇନ୍ ପ୍ଲାନ ଅନୁମୋଦନ ହୋଇସାରିଛି।

### ୩୦୦ କୋଟି ପୁଞ୍ଜିନିବେଶ

ଓଡ଼ିଶାର ଷ୍ଟାର୍ଟଅପଗୁଡ଼ିକ ଭଲ କାମ କରୁଛନ୍ତି। ପ୍ରାୟ ୭୭୪ ଷ୍ଟାର୍ଟଅପ୍ ବିଭିନ୍ନ ଇନକ୍ୟୁବେଶନ ସେଣ୍ଟରରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ୬୫ ଷ୍ଟାର୍ଟଅପ୍ ପେଟେଣ୍ଟ, ଟ୍ରେଡ୍ ମାର୍କ ଏବଂ କପି ରାଇଟ୍ ନେଇସାରିଛନ୍ତି। ସେଥିରୁ ୭୫ ଷ୍ଟାର୍ଟଅପ୍ ବାୟୋଟେକ୍ ଏବଂ ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବିବିଆଇଏଲ୍ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଣା ଏଲା କହିଛନ୍ତି, ବିବିଆଇଏଲ୍ ହଇଜା, ମ୍ୟାଲେରିଆ ଓ ଜାପାନୀ ଜ୍ୱର ସମେତ ଅନ୍ୟ ମହାମାରୀ ରୋଗର ଟିକା ଉତ୍ପାଦନ କରିଥାଏ। ଅନ୍ଧାରୁଆରେ ହେବାକୁ ଥିବା ୟୁନିଟ୍‌ରେ କୋଭିଡ୍, ମ୍ୟାଲେରିଆ ସହ ୧୦ରୁ ଊର୍ଦ୍ଧ୍ୱ ପ୍ରକାରର ଟିକା ପ୍ରସ୍ତୁତ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ କମ୍ପାନୀକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଅଜୟ ପରିଡାଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ହସ୍ତଶିଳ୍ପ ପ୍ରଦର୍ଶନୀ 'ମୃତ୍ତିକା' ଉଦ୍‌ଘାଟିତ




ଭୁବନେଶ୍ୱର, ୬।୧୧(ବ୍ୟୁରୋ)

- ୧୦୧ ଷ୍ଟଲ୍‌ରେ ୧୭୫ ଶିଳ୍ପୀଙ୍କ ଟେରାକୋଟା ସାମଗ୍ରୀ
- ପ୍ରଦର୍ଶନୀ ପଡ଼ିଆରେ ୧୨ ପର୍ଯ୍ୟନ୍ତ ଚାଲିବ

ପଞ୍ଚଦଶ ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏହାର ଭର୍ଚୁଆଲ୍ ଉଦ୍‌ଘାଟନ କରିଛନ୍ତି। ଦୀପାବଳିକୁ ଦୃଷ୍ଟିରେ ରଖି 'ମୃତ୍ତିକା-୨୦' ନାମରେ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୦୧ଟି ଷ୍ଟଲ୍‌ରେ ୧୫୭ରୁ ଊର୍ଦ୍ଧ୍ୱ ଶିଳ୍ପୀ ସେମାନଙ୍କ ହାତ ତିଆରି ଟେରାକୋଟା ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି। କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ଜଗତ୍‌ସିଂହପୁର, ଭଦ୍ରକ, କଟକ, ନବରଙ୍ଗପୁର, ସମ୍ବଲପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼ ଓ କୋରାପୁଟ ଆଦି ଜିଲାଗୁଡ଼ିକର ଶିଳ୍ପୀମାନେ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନଙ୍କୁ ବିନା ଦେୟରେ ଷ୍ଟଲ୍‌ଗୁଡ଼ିକୁ ଆବଣ୍ଟନ କରାଯାଇଥିବାବେଳେ ସେଠାରେ ଏବେ ଘର ସଜାଠାରୁ ଆରମ୍ଭ କରି ଟେରାକୋଟାର ନିଖୁଣ କାରୁକାର୍ଯ୍ୟ ହୋଇଥିବା ବିଭିନ୍ନ ସାମଗ୍ରୀ ଆକର୍ଷଣ ସାଜୁଛି। କରୋନା କଟକଣା ଭିତରେ ଏହି ପ୍ରଦର୍ଶନୀରେ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା ହେବ ବୋଲି ଆକଳନ କରାଯାଇଛି।

ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ବିଭାଗୀୟ ଶାସନ ସଚିବ ଶୁଭା ଶର୍ମା, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ, ସ୍ପେଶାଲ ଅଫିସର ସନାତନ ନାୟକ ଓ ସୁଧାଂଶୁ ରଞ୍ଜନ ପ୍ରଧାନ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉତ୍ପାଦିତ ଟେରାକୋଟା ସାମଗ୍ରୀଗୁଡ଼ିକର ବିକ୍ରିବଟାରେ ସହାୟତା ନିମନ୍ତେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୦୬ରୁ 'ମୃତ୍ତିକା' ନାମରେ ଏହି ବାର୍ଷିକ ପ୍ରଦର୍ଶନୀ ଆୟୋଜିତ ହୋଇଆସୁଛି।

# କରୋନା ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ରାୟଗଡ଼ାର ବିଷମ କଟକ ଭଳି ଅନୁନ୍ନତ ଅଞ୍ଚଳରେ କରୋନା ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ମିଳିବ। ନୂଆଦିଲ୍ଲୀସ୍ଥିତ ସାମାଜିକ ଅନୁଷ୍ଠାନ 'ଆଶ୍ରା' ପକ୍ଷରୁ ଏପରି ଉଦ୍ୟମ ଆରମ୍ଭ ହୋଇଛି। ଶୁକ୍ରବାର ମଞ୍ଚେଶ୍ୱରସ୍ଥିତ ଓଡ଼ିଶା ଡିଜେଲ୍ ଇଞ୍ଜିନ୍ସ ପ୍ରାଇଭେଟ୍ ଲିମିଟେଡ୍ ପରିସରରେ ଅନୁଷ୍ଠାନର ଉପଦେଷ୍ଟା ସସ୍ମିତା ଦଳେଇ ଓ ସେଣ୍ଟ୍ରାଲ୍ ଏକ୍ସସାଇଜ୍ ଆଣ୍ଡ କଷ୍ଟମ୍‌ସର ପୂର୍ବତନ ଉପଆୟୁକ୍ତ ମହେନ୍ଦ୍ର ଚନ୍ଦ୍ର ସାହୁ ଆଶ୍ରାର ସଦସ୍ୟ ମହେଶ୍ୱର ନାୟକଙ୍କୁ ଆମ୍ବୁଲାନ୍ସର ଚାବି ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, 'ଆଶ୍ରା' ୨୦୦୨ରୁ ଓଡ଼ିଶା, ଝାଡ଼ଖଣ୍ଡ, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଆସାମରେ ଅବହେଳିତ ଲୋକଙ୍କ ପାଇଁ କାମ କରି ଆସୁଥିବାବେଳେ କରୋନା ମହାମାରୀ ସମୟରେ ମାର୍ଚ୍ଚ ୧୮ ପରଠୁ ୧୮ ରାଜ୍ୟର ୩ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସହାୟତାର ହାତ ବଢ଼ାଇଥିଲା। ସମ୍ପ୍ରତି ବିଷମ କଟକର ୫ହଜାର ପରିବାର ପାଇଁ ଅନୁଷ୍ଠାନ କାମ କରୁଛି। 'ଆଶା ହିଁ ଜୀବନ' ଅଭିଯାନ ମାଧ୍ୟମରେ ୫ବର୍ଷ ହେଲା ଖାଦ୍ୟ, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ଯୋଗାଇ ଆସୁଛି। ମହେନ୍ଦ୍ର କହିଛନ୍ତି, ଆମ୍ବୁଲାନ୍ସ ଅଭାବରୁ ସେହି ଅଞ୍ଚଳର କରୋନା ରୋଗୀ ରିକ୍ସାରେ ଯାଉଥିବାରୁ ସେମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଇ ଦିଆଯାଉ ନାହିଁ। କରୋନା ସଂକ୍ରମିତ ହୋଇ ମଧ୍ୟ ଅନେକ ହସ୍ପିଟାଲରେ ପହଞ୍ଚି ପାରୁନାହାନ୍ତି। ଏହାକୁ ହୃଦୟଙ୍ଗମ ପୂର୍ବକ ଆଦିବାସୀ ଓ ରୋଜଗାର ନ ଥିବା ଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଆଶ୍ରାର ମୁଖ୍ୟ ଶୁଭଜିତ ସାହୁ କହିଛନ୍ତି, ସେଠାରେ ଏଣିକି କେହି ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେବେ ନାହିଁ। ଏହି ଅବସରରେ ଆଶ୍ରାର ଉପସଭାପତି ପ୍ରଶାନ୍ତ ଘଡ଼େଇ, କର୍ମୀ ଉମାଶଙ୍କର ପାତ୍ର, ରାଜକିଶୋର ଦାସ, ଶୁଭଙ୍କରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ସବୁଦିନ ଚାଲିବ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ପେଶାଲ ଟ୍ରେନ

ଭୁବନେଶ୍ୱର, (ବ୍ୟୁରୋ)/ସମ୍ବଲପୁର(ବ୍ୟୁରୋ), ୬।୧୧

ଶନିବାରଠାରୁ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ପେଶାଲ ଟ୍ରେନ ସବୁଦିନ ଚଳାଚଳ କରିବ। ପୂର୍ବରୁ ଏହା ସପ୍ତାହକୁ ପାଞ୍ଚଦିନ ଚାଲୁଥିଲା। ଟ୍ରେନ୍ ନଂ.୦୨୮୬୧/୦୨୮୬୨ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ପେଶାଲ ରାଉରକେଲାରୁ ସକାଳ ୫ ଟା ୧୦ରେ ଛାଡ଼ି ଭୁବନେଶ୍ୱରରେ ଅପରାହ୍ନ ୧୨ଟା ୩୦ରେ ପହଞ୍ଚିବ। ଟ୍ରେନ୍ ନଂ.୦୨୮୬୨ ଭୁବନେଶ୍ୱର-ରାଉରକେଲା ସ୍ପେଶାଲ ଭୁବନେଶ୍ୱରରୁ ଅପରାହ୍ନ ୨ଟା ୧୦ରେ ଛାଡି ରାଉରକେଲାରେ ରାତି ୯ଟା ୪୦ରେ ପହଞ୍ଚିବ। ଏହି ଟ୍ରେନ୍‌ରେ ପୂର୍ବରୁ ୮ଟି କୋଚ ରହିଥିଲାବେଳେ ଏବେ ୧୦ଟି କୋଚ୍ ସହ ଚଳାଚଳ କରିବ। ଏହି ଟ୍ରେନରେ ଗୋଟିଏ ଏସି-ଚେୟାର କାର ଓ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଚେୟାର କାର ଅତିରିକ୍ତ ସଂଯୋଗ ପରେ ଏହା ୨ଟି ଏସି ଚେୟାର୍ କାର୍, ୬ଟି ସେକେଣ୍ଡ କ୍ଲାସ୍ ଚେୟାର୍ କାର୍ ଏବଂ ୨ଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ସହ ଚଳାଚଳ କରିବ। ଏହି ଟ୍ରେନ୍ ଉଭୟ ଦିଗରୁ ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ରାଜଗାଙ୍ଗପୁର, ବାମରା, ଝାରସୁଗୁଡା, ରେଙ୍ଗାଲି, ସମ୍ବଲପୁର ସିଟି, ରେଢ଼ାଖୋଲ, ବଇଣ୍ଡା, ଅନୁଗୋଳ, ତାଳଚର ରୋଡ୍, ଢେଙ୍କାନାଳ ଏବଂ ନରାଜ ମାର୍ଥାପୁର ଷ୍ଟେଶନରେ ରହଣି କରିବ।

# ବିଜେଡିରୁ ଜୀବନ ପ୍ରଦୀପଙ୍କ ଇସ୍ତଫା



ବାଲେଶ୍ୱର ଅଫିସ,୬।୧୧

ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଥିବା ଅଭିଯୋଗରେ ନିଲମ୍ବିତ ହେବାର ଦିନକ ପରେ ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଡାକି ସେ କହିଛନ୍ତି ଯେ, ଗତ କିଛିଦିନ ହେଲା ବିଜେଡି ନେତୃମଣ୍ଡଳୀଙ୍କ ଦ୍ୱାରା ଅପମାନିତ, ଲାଞ୍ଛିତ ହେବା ସହ ମାନସିକ ନିର୍ଯାତନାର ଶିକାର ହେଉଥିଲେ। ବିଶେଷ କରି ଉପନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ନେତାମାନେ ତାଙ୍କୁ ଅପମାନିତ କରୁଥିଲେ। ସେ ଅତ୍ୟନ୍ତ ଦୁଶ୍ଚିନ୍ତା ମଧ୍ୟରେ ସମୟ ଅତିବାହିତ କରୁଥିଲେ। ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବନ କରିଥିବାରୁ ସେ ଏବେ ଦୁଶ୍ଚିନ୍ତାରୁ ମୁକ୍ତ ହୋଇଛନ୍ତି। ଗତ ୨୦୦୯ ଓ ୨୦୧୪ରେ ଦଳର ଟିକେଟ ଦେଇ ବିଧାୟକ କରାଇଥିବାରୁ ଓ ୨୦୧୯ରେ ମଧ୍ୟ ଟିକେଟ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସେ କହିଛନ୍ତି ଯେ, ଭାଜପା ଓ ବିଜେଡି ମେଣ୍ଟ ଭାଙ୍ଗିବା ପରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିଜେଡି ତୃତୀୟ ଦଳ ମାନ୍ୟତାରେ ଥିବା ସମୟରେ ବହୁ ପରିଶ୍ରମ କରି ଦଳକୁ ସଙ୍ଗଠିତ କରିଥିଲି। ଗତ ଉପନିର୍ବାଚନରେ ମୋର ପୂରା ସଙ୍ଗଠନକୁ ଏକଜୁଟ୍ କରି ନିର୍ବାଚନରେ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲି। ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥୀ ଚୟନ ପରେ ମୁଁ ପୂର୍ବରୁ ଯେମିତି କାମ କରୁଥିଲି ସେହିଭଳି କାମ କରିବି ବୋଲି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲି। କିନ୍ତୁ ନିର୍ବାଚନ ପ୍ରକ୍ରିୟାରେ କିଛି ସଭାସମିତି ଛାଡ଼ିଦେଲେ ମୋତେ ନିର୍ବାଚନମଣ୍ଡଳୀ ପ୍ରଚାରରେ ଉପଯୋଗ କରାଗଲା ନାହିଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଗଲା ନାହିଁ ବୋଲି କହିଛନ୍ତି।



ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା

# ପସନ୍ଦର ବାବୁଙ୍କୁ ନା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏନ୍. କେ. ଆର୍ଯ୍ୟ ରାଜସ୍ଥାନର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏହି ପଦବୀ ଲାଗି ସେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପ୍ରଥମ ପସନ୍ଦ ନୁହନ୍ତି। ଏପରିକି ଅବସରନେବାକୁ ଥିବା ମୁଖ୍ୟ ଶାସନ ସଚିବ ରାଜୀବ ସ୍ୱରୂପଙ୍କ ଅନ୍ତିମ କାର୍ଯ୍ୟ ଦିବସର ଶେଷ ସମୟ ପର୍ଯ୍ୟନ୍ତ ଗେହଲଟ ସରକାର ତାଙ୍କ କାର୍ଯ୍ୟକାଳ ବଢ଼ାଇବା ଲଗି ଚାହୁଁଥିଲେ। ସେ ଥିଲେ ତାଙ୍କ ପସନ୍ଦର ବାବୁ। କିନ୍ତୁ କେନ୍ଦ୍ର ଏଥିରେ ସହମତି ପ୍ରକାଶ କଲାନାହିଁ। ଆର୍ଯ୍ୟ ଏହି ପ୍ରକ୍ରିୟାରେ ୮ ଜଣ ଆଇଏଏସ୍ ଅଧିକାରୀଙ୍କୁ ପଛରେ ପକାଇ ନିଯୁକ୍ତି ପାଇଲେ। ସେ ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟସଚିବ ଭାବେ କାର୍ଯ୍ୟ କରୁଥିଲେ। ଆର୍ଯ୍ୟଙ୍କ ନିଯୁକ୍ତି ସହ ସରକାର ମଧ୍ୟ ୨୧ ଜଣ ଆଇଏଏସ୍‌ଙ୍କର ବଡ଼ ଧରଣର ଅଦଳବଦଳ କରିଛନ୍ତି। ତେବେ ନିଯୁକ୍ତି ପ୍ରକ୍ରିୟା କିଛି ସମୟ ପାଇଁ ନାଟକ ପାଲଟିଯାଇଥିଲା। ସୂତ୍ରରୁ ପ୍ରକାଶ ଯେ, ଚଳିତବର୍ଷ ଜୁଲାଇ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଭାବେ ସ୍ୱରୂପଙ୍କ ନିଯୁକ୍ତିକୁ ନିଶ୍ଚିତ କରିବା ଏବଂ ପରେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି ଗେହଲଟ ଖୁବ୍ କସରତ କରିଥିଲେ। ରାଜ୍ୟର ଶୀର୍ଷ ପଦରେ ତାଙ୍କୁ ନିଯୁକ୍ତି ଦେବା ପାଇଁ ସେପ୍ଟେମ୍ବରରେ ଅବସର ନେବାକୁ ଥିବା ପୂର୍ବତନ ମୁଖ୍ୟ ସଚିବ ଡି.ବି.ଗୁପ୍ତାଙ୍କ ସହ ସରକାର ତଥାକଥିତ ଭିତିରି ବୁଝାମଣା କରିଥିଲେ ବୋଲି କୁହାଯାଉଛି। ଯାହାଫଳରେ ଜୁଲାଇରେ ଗୁପ୍ତା ଇସ୍ତଫା ଦେବା ପରେ ସାଙ୍ଗେ ସାଙ୍ଗେ ତାଙ୍କୁ ଗୋଟିଏ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇ ସ୍ୱରୂପଙ୍କୁ ତାଙ୍କ ଜାଗାରେ ନିଯୁକ୍ତ କରାଯାଇଥିଲା। ଗେହଲଟ ଓ ସଚିନ ପାଇଲଟଙ୍କ ମଧ୍ୟରେ ବିବାଦ ଲାଗିଥିବାବେଳେ ସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କର ପ୍ରିୟପାତ୍ର ହୋଇଥିଲେ, ଯାହା କେନ୍ଦ୍ର ପାଇଁ ସମ୍ଭବତଃ ଭଲ ନ ଥିଲା ବୋଲି ବାବୁମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

### ବାବୁଙ୍କ 'କୁଲିଂ ଅଫ୍' ଅବଧି

ଅବସର କିମ୍ବା ଇସ୍ତଫା ଦେଇ ସାଙ୍ଗେସାଙ୍ଗେ ରାଜନୀତିରେ ଯୋଗ ଦେବାକୁ ଚାହୁଁଥିବା ଆଇଏଏସ୍, ଆଇପିଏସ୍ ଏବଂ ଅନ୍ୟ ଅଧିକାରୀମାନଙ୍କ ପାଇଁ 'କୁଲିଂ ଅଫ୍' ଅବଧି(ନିଷ୍ପତ୍ତିର ପୁନର୍ବିଚାର ଲାଗି ସମୟର ଅବଧି)ନିମନ୍ତେ ନିର୍ବାଚନ କମିଶନ(ଇସି) ଏବେ କେନ୍ଦ୍ରକୁ ସୁପାରିସ କରିବାର ସମ୍ଭାବନା ରହିଛି। ପୂର୍ବତନ ବିହାର ପୋଲିସ ମହାନିର୍ଦ୍ଦେଶକ ଗୁପ୍ତେଶ୍ୱର ପାଣ୍ଡେ ସେପ୍ଟେମ୍ବରରେ ଆଇପିଏସ୍‌ରୁ ଇସ୍ତଫା ଦେଇ ତୁରନ୍ତ ଏକ ରାଜନୈତିକ ଦଳରେ ଖୋଲାଖୋଲି ଭାବେ ଯୋଗ ଦେଇଥିଲେ। ବିହାର ବିଧାନସଭା ନିର୍ବାଚନର କିଛି ସପ୍ତାହ ପୂର୍ବରୁ ସେ ଏହା କରିବା ପରେ ଏହି ଘଟଣାରେ ପୋଲ୍ ପ୍ୟାନେଲକୁ ଝଟକା ଲାଗିଥିଲା। ଏପରି କି ଜଣେ ଅଧିକାରୀ ସର୍ଭିସ ପରେ ଯଦି ବେସରକାରୀ ଚାକିରିରେ ଯୋଗ ଦେବାକୁ ଚାହାନ୍ତି ତେବେ ଅବସର କିମ୍ବା ଇସ୍ତଫା ପରେ ତାଙ୍କୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ ବୋଲି ନିୟମ ରହିଥିଲେ ମଧ୍ୟ ପାଣ୍ଡେଙ୍କ ଇସ୍ତଫା ସାଙ୍ଗେସାଙ୍ଗେ ଗୃହୀତ ହୋଇଥିଲା। 'କୁଲିଂ ଅଫ' ଅବଧି ପାଇଁ ଦାବି କରାଯିବା ନୂଆ ନୁହେଁ। ପୂର୍ବରୁ ବି ଏଭଳି ଦାବି ଉଠିଛି। ରାଜନୀତି ଲକ୍ଷ୍ୟ ରଖି ଅନେକ ସମୟରେ ବାବୁମାନେ ନିର୍ବାଚନ ପାଖାପାଖିରେ ଚାକିରି ଛାଡି ରାଜନୈତିକ ଦଳରେ ଯୋଗ ଦେବାବେଳେ ଏଭଳି ଦାବି ଜୋରଧରେ। ହେଲେ ସରକାର ଏଯାବତ ଏହାକୁ ଅସ୍ୱୀକାର କରିଆସିଛନ୍ତି। ଯୁକ୍ତି ବାଢ଼ିଛନ୍ତି ଯେ, ଚାକିରି ଛାଡିବା ପରେ ବାବୁମାନଙ୍କୁ ରାଜନୀତିରେ ଯୋଗ ଦେବାରୁ ନିବୃତ୍ତ କଲେ ତାହା ସେମାନଙ୍କ ସମାନତା ଅଧିକାରର ଉଲ୍ଲଂଘନ ଭାବେ ବୁଝାପଡ଼ିବ। ସର୍ଭିସ ଛାଡି କର୍ପୋରେଟ ଚାକିରିରେ ଯୋଗ ଦେବା ଉପରେ ସରକାର ଯେମିତି ଜୋର ଦେଉଛନ୍ତି ସେମିତି ରାଜନୀତିରେ ଯୋଗ ଦେବାକୁ ଚାହୁଁଥିବା ଆଇଏଏସ୍ ଅଧିକାରୀମାନଙ୍କ ପାଇଁ 'କୁଲିଂ ଅଫ' ଅବଧି ଉପରେ ନିଶ୍ଚିତ ହେବାକୁ ଏବେ ପୋଲ ପ୍ୟାନେଲ ବ୍ୟଗ୍ରତା ପ୍ରକାଶ କରିଛି। ଏହି 'କୁଲିଂ ଅଫ୍' ଅବଧି କେତେ ସମୟ ହେବା ଉଚିତ ଓ କିଭଳି କାର୍ଯ୍ୟକାରୀ ହେବ କମିଶନଙ୍କୁ ତାହା କରିବାକୁ ବାକି ଅଛି। ତେବେ ଏହା ଅତିକମ୍‌ରେ ଦୁଇବର୍ଷ ହୋଇପାରେ ବୋଲି କୁହାଯାଉଛି।

### ରହସ୍ୟରେ ବଦଳି

ଉତ୍ତରାଖଣ୍ଡ ବନ ବିଭାଗ ଏବଂ ରାଜ୍ୟ ସରକାର ପରସ୍ପର ମୁହାଁମୁହିଁ ହେବା ଭଳି ଲାଗୁଛି। ସରକାର ୨୦୨୦–୨୧ରେ କୌଣସି ଅଧିକାରୀଙ୍କୁ ବଦଳି କରାଯାଇପାରିବନାହିଁ ବୋଲି ଏକ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଏହି ନିର୍ଦ୍ଦେଶକୁ ବନ ବିଭାଗ ଅମାନ୍ୟ କରି ସେପ୍ଟେମ୍ବର ଏବଂ ଅକ୍ଟୋବର ମଧ୍ୟରେ ଅଧିକାରୀମାନଙ୍କୁ ବଦଳି କରିଥିଲା। ହେଲେ ନିକଟରେ ଏହି ସମସ୍ତ ବଦଳିକୁ ସରକାର ରଦ୍ଦ କରିଦେଇଛନ୍ତି। ବନ ବିଭାଗ ସରକାରଙ୍କଠାରୁ ପ୍ରଥମେ ଅନୁମତି ନ ଆଣି ପାଖାପାଖି ଏକ ଡଜନ ଅଧିକାରୀଙ୍କୁ ବଦଳି କରିଛି। ଜୁଲାଇ ପ୍ରାରମ୍ଭରେ ବନ ବିଭାଗ ବଦଳି ନିର୍ଦ୍ଦେଶ ଜାରି କରିବାର ୪୮ ଘଣ୍ଟା ମଧ୍ୟରେ ସରକାର ୧୧ ଜଣ ଡେପୁଟି କଞ୍ଜରଭେଟର ଅଫ ଫରେଷ୍ଟ( ଡିସିଏଫ୍)ଙ୍କର ବଦଳି ନିର୍ଦ୍ଦେଶକୁ ରଦ୍ଦ କରିଥିଲେ। ଏହା ଏକ ସରକାରୀ ନିର୍ଦ୍ଦେଶ ଓ ଆମେ ଏହାକୁ ଅନୁପାଳନ କରୁଛୁ ବୋଲି ସେ ସମୟରେ ବନବିଭାର ପ୍ରମୁଖ ସଚିବ ଆନନ୍ଦ ବର୍ଦ୍ଧନ ଏକ ସଂକ୍ଷିପ୍ତ ମନ୍ତବ୍ୟ ଦେଇଥିଲେ। ବଦଳି ପାଇଁ ସିଭିଲ ସର୍ଭିସ ବୋର୍ଡରେ ଉପସ୍ଥାପନ କରାଯାଇ ନ ଥିବା ଅନେକ ଅଧିକାରୀଙ୍କ ନାମ ବଦଳି ତାଲିକାରେ ରହିଥିବା ଯୋଗୁ ଏହି ନିର୍ଦ୍ଦେଶକୁ ରଦ୍ଦ କରାଗଲା ବୋଲି ବହୁ ଭାରତୀୟ ବନ ସେବା ଅଧିକାରୀ( ଆଇଏଫ୍ଏସ୍)ପ୍ରକାଶ କରିଥିବା ଜଣାପଡିଛି। ପୁନଶ୍ଚ ଡେପୁଟେଶନରେ ଥିବା କେତେ ଜଣ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଥିଲା, ଯାହା କି ସମ୍ପୂର୍ଣ୍ଣ ନିୟମ ବିରୋଧୀ। ସିଭିଲ ସର୍ଭିସ ବୋର୍ଡର ବିନା ଅନୁମୋଦନରେ କୌଣସି ବଦଳି କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଣୁ କାହିଁକି ଏହା କରାଗଲା ? ତାହା ହିଁ ଏକ ରହସ୍ୟ ହୋଇ ରହିଛି।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | C | A | | 3 | | E | | | | D | | |
| | | 9 | | E | | | | | | | 7 | | | 8 |
| C | E | | D | 1 | 3 | | | | | B | | | | |
| 6 | | 3 | B | | 4 | C | | | 2 | | | | | |
| | | | 8 | | | B | 9 | 7 | | | | 4 | | 0 |
| | 1 | | E | D | 5 | | | 3 | | | | | 0 | |
| | 5 | | | 2 | | | | B | | | | | | |
| 4 | | | | 6 | | D | | | | | 0 | | 8 | A |
| 2 | A | | 4 | | | 9 | | | | 5 | D | | | 3 |
| | C | D | | | | 5 | | | | | | E | | |
| | | E | | 9 | 6 | | | A | | 1 | | | | 4 |
| | | | A | | | | 8 | | | C | | | 1 | 2 |
| | | | 2 | | | 6 | | 4 | | 9 | | | A | |
| | 8 | 2 | | 4 | 7 | E | | | | | | | B | |
| | | | | | B | | 1 | 5 | | | 8 | 0 | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | E | A | 9 | 5 | 1 | 0 | 4 | 8 | 7 | C | D | 6 | 2 |
| 1 | D | 8 | 2 | C | E | 6 | A | 9 | 5 | B | 0 | 4 | 3 | 7 |
| A | 7 | 6 | 0 | 1 | 4 | B | 8 | C | 2 | D | 3 | 5 | E | 9 |
| 2 | 9 | C | 8 | D | B | 7 | 5 | 3 | 6 | E | 4 | 0 | A | 1 |
| 5 | 4 | 0 | 6 | 3 | 7 | E | 2 | D | 1 | A | 9 | C | B | 8 |
| 7 | 5 | 4 | B | 0 | 6 | 9 | 1 | A | C | 3 | E | 2 | 8 | D |
| E | 2 | 1 | 4 | A | D | 8 | B | 0 | 9 | 5 | 7 | 3 | C | 6 |
| C | A | 3 | 1 | 8 | 2 | 4 | 7 | E | D | 0 | 6 | B | 9 | 5 |
| 8 | 6 | 9 | E | 7 | C | 3 | D | 5 | 4 | 2 | B | 1 | 0 | A |
| D | 0 | B | 9 | 5 | 3 | 2 | C | 6 | A | 1 | 8 | E | 7 | 4 |
| 9 | E | 5 | 7 | 2 | 1 | 0 | 3 | 8 | B | 4 | A | 6 | D | C |
| 6 | 1 | 7 | 5 | B | 0 | C | 9 | 2 | 3 | 8 | D | A | 4 | E |
| 4 | 8 | A | 3 | E | 9 | D | 6 | 1 | 0 | C | 2 | 7 | 5 | B |
| 0 | C | 2 | D | 4 | 8 | A | E | B | 7 | 6 | 5 | 9 | 1 | 3 |
| B | 3 | D | C | 6 | A | 5 | 4 | 7 | E | 9 | 1 | 8 | 2 | 0 |

ଗତ କାଲିର ଉତ୍ତର

# କପିଚାଷ ପ୍ରଶିକ୍ଷଣ



ଡ. ମନୋରଞ୍ଜନ ପ୍ରଧାନ

ପରୀକ୍ଷାରେ କପି ବା ନକଲ କରିବା ଏକ ଦଣ୍ଡନୀୟ ଓ ନିନ୍ଦନୀୟ ଆଚରଣ। ଏହା ଏକ ପ୍ରକାର ସାମାଜିକ ଓ ଆଇନଗତ ଅପରାଧ। ଏହା ଦ୍ୱାରା ଶିକ୍ଷାର୍ଥୀ ସମାଜରେ ନିନ୍ଦିତ ହେବା ସହ ନିଜ ଉପରେ ଥିବା ଭରସା ହରାଇ ବସେ। ଏହା ତାକୁ ଜୀବନ ସାରା ଠକିବା ପାଇଁ ଖୋରାକ ଯୋଗାଏ। ଫଳରେ ଶିକ୍ଷାର୍ଥୀର ବ୍ୟକ୍ତିଗତ କ୍ଷତି ହେବା ସହ ସମାଜ ତଥା ରାଷ୍ଟ୍ରର ମଧ୍ୟ ଅପୂରଣୀୟ କ୍ଷତି ଘଟେ। ଏ ସମ୍ବନ୍ଧରେ ଦକ୍ଷିଣ ଆଫ୍ରିକାର ଏକ ବିଶ୍ୱବିଦ୍ୟାଳୟର ପ୍ରବେଶ ଦ୍ୱାରରେ ଅତି ଶିକ୍ଷଣୀୟ କଥା ଲେଖାଯାଇଛି–Destroying any nation does not require the use of atom bomb or the use of long range missiles. It only requires lowering the quality of education and allowing cheating in the examination by the students. ଏହି ଆପ୍ତବାକ୍ୟ ଦୁଇଟି କଥା ସୂଚାଉଛି। ଯଥା–ଉତ୍ତମ ତଥା ଗୁଣାତ୍ମକ ଶିକ୍ଷା ଓ ନିରପେକ୍ଷ ମୂଲ୍ୟାୟନ ବ୍ୟକ୍ତି ନିର୍ମାଣ ଓ ରାଷ୍ଟ୍ର ଗଠନର ଆଧାରଶିଳା। ଅର୍ଥାତ ଗୋଟିଏ ଦେଶ ଅତି ସହଜ ଓ ସୁବିଧାରେ ପରମ ବୈଭବଶାଳୀ ହୋଇପାରିବ ଯଦି ତା'ର ଶିକ୍ଷା ବ୍ୟବସ୍ଥା ଉତ୍ତମ ଓ ଗୁଣାତ୍ମକ ହେବ। ଅପରପକ୍ଷେ, ଯଦି ଶିକ୍ଷା ତା'ର ଗୁଣାତ୍ମକ ମାନ ହରେଇବ ଏବଂ ପରୀକ୍ଷା ବ୍ୟବସ୍ଥା କପି ବା ନକଲ ଆଧାରିତ ହେବ, ତେବେ ସେ ଦେଶକୁ ଧ୍ୱଂସ କରିବାକୁ କୌଣସି ପରମାଣୁ ବୋମା ଅଥବା ଦୂରଗାମୀ ବା ଦ୍ରୁତଗାମୀ କ୍ଷେପଣାସ୍ତ୍ରର ଆବଶ୍ୟକ ପଡିବ ନାହିଁ। ସରଳ ଭାବରେ କହିଲେ, ଯେଉଁ ଦେଶ ଶିକ୍ଷା ପରିବର୍ତ୍ତେ ସାକ୍ଷରତା ଓ ତଥ୍ୟ ରଟା, ଶିଶୁର ସର୍ବାଙ୍ଗୀନ ବିକାଶ ପରିବର୍ତ୍ତେ ମାର୍କ/ଗ୍ରେଡ ଉପରେ ଜୋର ଦିଏ, ସେ ଦେଶର ଭାଗ୍ୟ ଓ ଭବିଷ୍ୟତ ତମସାଚ୍ଛନ୍ନ। ବିଶେଷକରି, ପରୀକ୍ଷାରେ ଉତ୍ତୀର୍ଣ୍ଣ ହାର ବୃଦ୍ଧି ବା ଅଧିକ ମାର୍କ ରଖି ବାହାବା ନେବାର ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଲକ୍ଷ୍ୟରେ ଯଦି ପିଲାଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କପି କରିବାର ସୁଯୋଗ ଦିଆଯାଏ, ତେବେ ସେ ଦେଶ ଧୂଳିସାତ ହେବାରେ କେହି ବଞ୍ଚେଇ ପାରିବେ ନାହିଁ।

ମନେପଡୁଛି ପିଲାବେଳେ ସାହିତ୍ୟରେ ପଢିଥିବା ଏକ କବିତାର ସାରମର୍ମ। ଥରେ ଜଣେ ପରିଦର୍ଶକ ବିଦ୍ୟାଳୟ ପରିଦର୍ଶନରେ ଆସି ପିଲାଙ୍କୁ କିଛି ଲେଖିବାକୁ ଦେଲେ। ପିଲାମାନେ ନିଜ ନିଜ ଖାତାରେ ଉତ୍ତର ଲେଖିବାରେ ବ୍ୟସ୍ତ। କିନ୍ତୁ ଶ୍ରେଣୀରେ ବସିଥିବା ମୋହନ ପ୍ରଶ୍ନ ଗୁଡିକର ଉତ୍ତର ବୁଝି ନ ପାରି ଚୁପଚାପ ବସିଥିଲେ। ଶିକ୍ଷକ ପାଖ ପିଲାଠାରୁ ଦେଖି ଲେଖିବାକୁ ସଙ୍କେତ ଦେଲେ। କିନ୍ତୁ ପିଲାଟି ଅନ୍ୟର କପି ନ କରି ସେମିତି ବସି ରହିଲା। ପରିଦର୍ଶକ ଯିବାପରେ ଶିକ୍ଷକ ବିରକ୍ତ ହେଲେ। କବିଙ୍କ ଭାଷାରେ– ଚାଲିଗଲେ ପରିଦର୍ଶକ ପୁଣି କ୍ଷଣକ ପରେ, ତିଆରି ତାହାକୁ କହିଲେ ଗୁରୁ ବିରକ୍ତ ଭରେ/ଏଡିକି ନିର୍ବୋଧ ପିଲା ତୁ ଠାର ବୁଝିଲୁ ନାହିଁ,ଦେଖି ଲେଖିଥିଲେ ସୁନାମ ସିନା ଥାଆନ୍ତୁ ପାଇ। ପ୍ରତ୍ୟୁତ୍ତରରେ ପିଲାଟି କହିଲା– ବିନୟେ କହିଲା ପିଲାଟି କପି କରିବା ପରା,ଅନ୍ୟାୟ ଭିତରେ ଗୁରୁଜୀ ବଡ ଅନ୍ୟାୟ ଧରା/କରିଥାନ୍ତି ଅବା କିଭଳି ଏଡେ ଅନୀତି କାମ, ଅସତ ପଥରେ ଚଳିକି କେହି ଅରଜେ ନାମ। ପିଲାଦିନୁ ସତ୍ୟର ପଥିକ ଥିବା ସେ କୁନି ଶିଶୁ ପରବର୍ତ୍ତୀ ସମୟରେ ଆମ ସମସ୍ତଙ୍କ ବାପୁଜୀ ବା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଭାବେ ସାରା ଜଗତରେ ବିଖ୍ୟାତ ହେଲେ। ତେବେ କପି କରିବା କିଭଳି ପାପ ଓ ଅନ୍ୟାୟ ଏହା ଗାନ୍ଧିଜୀଙ୍କ ଜୀବନୀରୁ ଜାଣିବା ସହ ଆମ ସାମାଜିକ ଶୃଙ୍ଖଳା ସମ୍ବନ୍ଧରେ ମଧ୍ୟ ସୂଚନା ମିଳେ। ତେବେ ବର୍ତ୍ତମାନ ଆମ ଶିକ୍ଷା ବ୍ୟବସ୍ଥା କେତେ ଗୁଣାତ୍ମକ ଓ କପି ମୁକ୍ତ ତାହା ଆତ୍ମ–ସମୀକ୍ଷା କରିବା ଆବଶ୍ୟକ।

ସତ କହିବାକୁ ଗଲେ ଆଜିକାଲି ପିଲାଙ୍କ ମାର୍କ/ଗ୍ରେଡ ପାଇଁ ସମସ୍ତେ ବ୍ୟାକୁଳ ଓ ଉଦ୍‌ବିଗ୍ନ। କୌଣସି ଉପାୟରେ ମଧ୍ୟ ପିଲାମାନେ କିପରି ପରୀକ୍ଷାରେ ଭଲ ନମ୍ବର ରଖିବେ, ସେଥିପାଇଁ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକ, ନିଜେ ଶିକ୍ଷାର୍ଥୀ ଏପରି କି ପ୍ରଶାସନ ମଧ୍ୟ ତତ୍ପର। ସେଥିପାଇଁ କୋମଳମତି ବାଳକ ବାଳିକାମାନଙ୍କୁ ଦିନରାତି ତଥ୍ୟ ରଟେଇବାରେ କୌଣସି ସୁଯୋଗର ହାତଛଡା କରିବାକୁ ଚାହାନ୍ତି ନାହିଁ ମାତାପିତା। ତଥ୍ୟ ଘୋଷି ଘୋଷି ବିଚରା ପିଲାମାନେ ନିଜ ପିଲାଳିଆମି, ଚପଳତା,ଖେଳକୁଦ ତଥା ସାଙ୍ଗସୁଖ କ'ଣ ଭୁଲି ଯାଉଛନ୍ତି। ଏଭଳି ପରିସ୍ଥିତିରେ ପିଲାଙ୍କ ମୌଳିକ ଚିନ୍ତନ,ସୃଜନଶୀଳ ମନନ, ବିଶ୍ଳେଷଣାତ୍ମକ ଭାବନା, ଅଭିନବ ତଥା ବୈଜ୍ଞାନିକ ଦୃଷ୍ଟିକୋଣ ଇତ୍ୟାଦି କେଉଁଠି ନା କେଉଁଠି ଲୋକଲୋଚନକୁ ଆସିବାକୁ ସଂଘର୍ଷରତ। ସବୁଠାରୁ ସମ୍ବେଦନଶୀଳ କଥା ହେଉଛି ବେଳେବେଳେ ପ୍ରତ୍ୟକ୍ଷ ବା ପରୋକ୍ଷରେ,ଜ୍ଞାତ ବା ଅଜ୍ଞାତରେ ପିଲାମାନେ ପରୀକ୍ଷାରେ ଠକିବା ବା କପି କରିବା ଭଳି ଦଣ୍ଡନୀୟ କାମ କରିବାକୁ ବିବଶ ହୋଇଥାନ୍ତି। ସ୍ପଷ୍ଟ ଭାବେ କହିଲେ ବେଳେବେଳେ ଅଭିଭାବକ, ମାତାପିତା,ଶିକ୍ଷାଦାତା ଆଦିଙ୍କ ପ୍ରତ୍ୟକ୍ଷ ସହଯୋଗରେ ପିଲାମାନେ ଏଭଳି ନିନ୍ଦନୀୟ କାମ କରିଥାନ୍ତି, ଯାହାର ନଗ୍ନ ଉଦାହରଣ ସ୍ୱରୂପ ଟିଭି ପରଦାରେ ବେଳେବେଳେ ଦେଖିବାକୁ ମିଳୁଛି। ପରୀକ୍ଷାବେଳେ ଝରକା ପଟୁ, ଛାତ ଉପରୁ,କୌଣସି କର୍ମଚାରୀକୁ ହାତର କରି କିମ୍ବା ଅନ୍ୟ କୌଣସି ଚଞ୍ଚକତା କରି ପିଲାଙ୍କ ମାର୍କ ବଢେଇବା ପାଇଁ ପ୍ରୟାସ କରେଇବାର କଳଙ୍କିତ ଦୃଶ୍ୟ ସମାଜକୁ ଯନ୍ତ୍ରଣା ଦେଇଥାଏ। କୌଣସି ଏକ ଖବରକାଗଜରେ ବ୍ୟଙ୍ଗୋକ୍ତି ପ୍ରକାଶ କରି କେହି ଜଣେ ଲେଖିଥିଲେ– ପିଲା ଦେଉଅଛି ଶିକ୍ଷାରେ ପରୀକ୍ଷା ବାପା ଯୋଗାଉଛି କପି, ମାଷ୍ଟର କରୁଛି ପ୍ରଶ୍ନ ଭାଇରାଲ ମୋବାଇଲ ଚିପିଚିପି/କପି ନାମ ଜପିଜପି, ପିଲାଏ ଡେଇଁଲେ ପରୀକ୍ଷା ସମୁଦ୍ର ଜୀବନ ହେବ କି ହାପି ?। ଏହା ବ୍ୟଙ୍ଗ ହେଲେ ମଧ୍ୟ ଚିନ୍ତାଶୀଳ। କିନ୍ତୁ ସବୁର ମୂଳେ ମାର୍କ ବା ଗ୍ରେଡର ଖେଳ। ଅବଶ୍ୟ ଏହାଦ୍ୱାରା ମାର୍କ ଆଣିବାରେ ପିଲାମାନେ କିଛିକାଂଶରେ ସଫଳ ହେଉଛନ୍ତି। କିନ୍ତୁ ବ୍ୟକ୍ତିଗତ ଭାବେ ପିଲା ଏବଂସାମୂହିକ ଭାବେ ଦେଶ ଓ ସମାଜର ଅପୂରଣୀୟ କ୍ଷତି ହୋଇଥାଏ। ଆଜିକାଲି ଏମିତି ବି ଦୃଶ୍ୟ ଦେଖିବାକୁ ମିଳୁଛି ଯେଉଁଠି ପରୀକ୍ଷାର୍ଥୀମାନେ କପି କରିବାକୁ ଆନ୍ଦୋଳନ ତଥା ଅନଶନ କରିବାକୁ ପଛାଉ ନାହାନ୍ତି। ତେବେ ଏଭଳି ମାନସିକତା ସୃଷ୍ଟିର ଅନ୍ତୁଡ଼ିଶାଳ ବା ଷଠିଘର ତଥା କପିଚାଷର ଉଦ୍‌ଗମ ସ୍ଥଳ ସମ୍ବନ୍ଧରେ ବର୍ତ୍ତମାନ ଆଲୋଚନା କରିବା।

କରୋନା କାଳରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଲା। ତେଣୁ ଅନ୍‌ଲାଇନ୍ ଜରିଆରେ ଶିକ୍ଷାଦାନ ଓ ପରୀକ୍ଷା ଏକମାତ୍ର ବିକଳ୍ପ ଭାବେ ସମସ୍ତେ ଆଦରି ନେବାକୁ ବାଧହେଲେ। ଅନଲାଇନ୍ ପରୀକ୍ଷାର ଏକ ଜୀବନ୍ତ ଉଦାହରଣ କିପରି ନିଷ୍କପଟ ଶିଶୁମାନଙ୍କୁ କପି ଭଳି ନିନ୍ଦନୀୟ କାମପାଇଁ ପ୍ରଶିକ୍ଷଣ ଦେଇଛି ତା'ର ଏକ ଉଦାହରଣ ଉପସ୍ଥାପନ କରୁଛି। ଏକ ଘରୋଇ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ପ୍ରାକ୍–ବିଦ୍ୟାଳୟ ସ୍ତରରେ ଅନଲାଇନ୍ ମୌଖିକ ପରୀକ୍ଷା ଚାଲିଥାଏ ଇଂଲିଶ ଏବଂ ଗଣିତ ବିଷୟରେ। ମିସ୍ ପିଲାଙ୍କୁ ଏ ରୁ ଏଲ କହିବା ସହ କୌଣସି ଏକ ରାଇମ୍ ଆବୃତ୍ତି କରିବାକୁ ନିର୍ଦ୍ଦେଶ ଥାଏ। ସେହିଭଳି ଗଣିତ ବିଷୟରେ ଜିରୋ ରୁ ଫାଇଭ ସ୍ପେଲିଙ୍ଗ ସହ କହିବାକୁ ସୂଚନା ଥାଏ। ଜଣ ଜଣ କରି କୁନି କୁନି ପିଲାମାନେ ଖନେଇ ଖନେଇ କହୁଥାନ୍ତି ମୁଖସ୍ଥ ପାଠ। ଜଣେ ପିଲା କହୁ କହୁ କହିଲା– ମମି ଠିକରେ ଦେଖାଅ ମୋତେ ଦେଖାଯାଉନି। ବୋଧହୁଏ ପୂର୍ବ ପ୍ରଶିକ୍ଷଣ ମୁତାବକ ପିଲାଟିକୁ ସହାୟତା କରିବା ପାଇଁ ମାଆ କିଛି ସହାୟକ ପାଠ୍ୟବସ୍ତୁ ଦେଖଉ ଥିଲେ। ସେହିଭଳି ଆଉ ଗୋଟେ ସରଳ ନିଷ୍ପାପ ପିଲା କହିଲା–ଟିକେ ଜୋରରେ କୁହ ମାଆ ମୁଁ ଶୁଣି ପାରୁନି। ବିଚରା ମାଆଦ୍ୱୟ ଧରା ପଡ଼ିଗଲେ। କିନ୍ତୁ ପ୍ରଶ୍ନ ହେଉଛି କୁନି ପିଲାମାନଙ୍କର ମାର୍କ କମିଗଲେ କ'ଣ ସମ୍ମାନ ହାନି ହୋଇଯିବ ନା ଚାକିରି ପାଇବାରୁ ବଞ୍ଚିତ ହୋଇଯିବ। ବରଂ ଏହି କପିଚାଷ ପ୍ରଶିକ୍ଷଣ ପିଲାଙ୍କ ଭିତରେ ଏକ ପ୍ରବଣତା ସୃଷ୍ଟି ହୁଏ। ବାପା କହିଲେ ବାପା ଘରେ ନାହାନ୍ତି ଭଳି ଛୋଟ ବାକ୍ୟଟି ଦିନେ ପିଲାଙ୍କୁ ମିଛୁଆ କରିଦିଏ। ପରେ ମାତାପିତାଙ୍କ ସବୁ ନୀତିବାଣୀ, ପ୍ରବଚନ ବା ନାଲି ଆଖି କିଛି କାମରେ ଆସେନି।

ମାତାପିତାଙ୍କର ଛୋଟ ଛୋଟ ଭୁଲ୍ ପିଲାଙ୍କୁ ଅବାଟରେ ନେଇଯାଏ। ବେଳେବେଳେ ଶିକ୍ଷକମାନେ ମଧ୍ୟ ନିଜ ଉଦାରପଣ ପ୍ରଦର୍ଶନ ହେଉ କିମ୍ବା ମାର୍କ ବଢେଇବାର ଲକ୍ଷ୍ୟରେ କପି ଭଳି ଅସାଧୁ ଆଚରଣର ପ୍ରଶିକ୍ଷକ ସାଜିଯାନ୍ତି ; ଫଳରେ ସମାଜ ତଥା ଦେଶକୁ ଅନେକ ଦାମ୍ ଦେବାକୁ ପଡେ। ମାଗି ଅଣା ତିଅଣ ଆଉ ପର ଶିକ୍ଷା ବୁଦ୍ଧି କ୍ଷଣସୁଖ ମାତ୍ର। ତେଣୁ ପିଲାଙ୍କ ଶୁଭକାଙ୍କ୍ଷୀ ଭାବେ ମାତାପିତା, ଶିକ୍ଷାଦାତା ପିଲାଙ୍କୁ ନିଜେ କିଛି କରିବାର କୌଶଳ ଶିଖାନ୍ତୁ। ମାଛ ଆଣି ଭଲଭାବେ ରାନ୍ଧି ଖାଇବାକୁ ଦେଇ ତୃପ୍ତି କରେଇବା ଅପେକ୍ଷା ପିଲାଙ୍କୁ ମାଛ ଧରିବା ଏବଂ ଖାଦ୍ୟ ପ୍ରସ୍ତୁତି କରିବାର କୌଶଳ ଶିଖେଇଦେଲେ, ପିଲାମାନେ ଜୀବନଭରି ସେହି ସ୍ୱାଦର ପରଶ ଉପଭୋଗ କରିପାରିବେ। ଶୁଭକାମନା କରୁଥିବା ବ୍ୟକ୍ତିଗଣ ପିଲାଙ୍କୁ ଏହା ଶିକ୍ଷା ଦେବେ,ଏତିକି କାମନା।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ
ଜୟପୁର, କୋରାପୁଟ
ମୋ: ୯୪୩୭୯୧୪୮୧୮

# ଦାରିଦ୍ର୍ୟମୁକ୍ତ ବିଶ୍ୱର ପରିକଳ୍ପନା



ହିମାଂଶୁ ଶେଖର ଆଚାର୍ଯ୍ୟ

ଦାରିଦ୍ର୍ୟ ମାନବର ଏକ ଦୁଃଖଦ ଅବସ୍ଥା। ଜୀବନ ଧାରଣ, ସ୍ୱାସ୍ଥ୍ୟ ରକ୍ଷା ତଥା ଦକ୍ଷତା ବୃଦ୍ଧି ପରି ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣର ଅକ୍ଷମତା ହିଁ ଦରିଦ୍ରତା। ପ୍ରକାରାନ୍ତରେ କହିଲେ ସ୍ଥାୟୀ ବା ଅସ୍ଥାୟୀ ଭାବେ ଯେତେବେଳେ ଜଣେ ଲୋକ ନିଜର ତଥା ତା' ପରିବାରର ସଦସ୍ୟମାନେ କାର୍ଯ୍ୟକ୍ଷମ ଭାବେ ବଞ୍ଚିବା ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ ହୋଇଥାଏ ତାକୁ ଆମେ ଦାରିଦ୍ର୍ୟ ବୋଲି କହିବା। ଏହା ତାଙ୍କର ଶାରୀରିକ ତଥା ମାନସିକ ଦକ୍ଷତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହି ଦାରିଦ୍ର୍ୟ ସାରା ବିଶ୍ୱର ଏକ ପ୍ରମୁଖ ସମସ୍ୟା। କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଉଥିଲେ ମଧ୍ୟ ବିଶ୍ୱରେ ଦରିଦ୍ରତାର ପ୍ରଭାବ ଅତୁଟ ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସାଫଲ୍ୟ ହାସଲ କରିଥିବା ସତ୍ତ୍ୱେ ଏକ ଦାରିଦ୍ର୍ୟମୁକ୍ତ ବିଶ୍ୱ ପରିକଳ୍ପନା ଏବେ ବି ଏକ ଆହ୍ୱାନ ହୋଇ ରହିଛି।

ଦାରିଦ୍ର୍ୟକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇଥାଏ। ପ୍ରଥମତଃ ଚରମ ବା ଉତ୍କଟ ଦାରିଦ୍ର୍ୟ ଓ ଦ୍ୱିତୀୟତଃ ଆପେକ୍ଷିକ ଦାରିଦ୍ର୍ୟ। ଯେଉଁ ଲୋକ ବଞ୍ଚି ରହିବା ପାଇଁ ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିପାରନ୍ତି ନାହିଁ ସେମାନଙ୍କ କ୍ଷେତ୍ରରେ ଚରମ ବା ଉତ୍କଟ ଦାରିଦ୍ର୍ୟ ଦେଖାଯାଏ ବୋଲି କୁହାଯାଏ। ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ ଭିତ୍ତିରେ ଚରମ ଦରିଦ୍ରତା ନିର୍ଣ୍ଣୟ ହୋଇଥାଏ। ଏଗୁଡିକର ନିରୂପିତ ମୂଲ୍ୟଠାରୁ କମ ଖର୍ଚ୍ଚ କରିଥିବା ଲୋକମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ବୋଲି ଧରାଯାଏ। ଆପେକ୍ଷିକ ଦାରିଦ୍ର୍ୟର ଅର୍ଥ ଭିନ୍ନ। ଯେତେବେଳେ ଦୁଇ ଜଣ ବ୍ୟକ୍ତି ବା ଦୁଇ ଗୋଷ୍ଠୀର ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ନେଇ ତୁଳନା କରାଯାଏ, ସେତେବେଳେ ଆମେ ଆପେକ୍ଷିକ ଦାରିଦ୍ର୍ୟ କଥା କହିଥାଉ। ତେଣୁ ଆପେକ୍ଷିକ ଦାରିଦ୍ର୍ୟ କହିଲେ ଆୟର ବୈଷମ୍ୟକୁ ବୁଝାଏ।

ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେ ବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବା ଜଣାଯାଏ। କମ୍ ଦାରିଦ୍ର୍ୟ ଥିବା ଦେଶଗୁଡ଼ିକ ମଧ୍ୟରେ କାତାର, ମାକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶଗୁଡ଼ିକ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଭାରତର ସ୍ଥାନ ୧୨୪ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ। ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି।

ଭାରତ ଭଳି ବିକାଶମୁଖୀ ଦେଶଗୁଡ଼ିକରେ ଦେଖାଦେଇଥିବା ଗଣ ଦାରିଦ୍ର୍ୟ କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି– 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏ ଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଞ୍ଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି। ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩–୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪–୦୫ ବେଳକୁ ୩୭.୨ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩–୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪–୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧–୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।

ଦାରିଦ୍ର୍ୟ ହିଁ କ୍ଷୁଧାର ପ୍ରମୁଖ କାରଣ। ବିଶ୍ୱର ୧୦୭ଟି ଦେଶକୁ ନେଇ କରାଯାଇଥିବା କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତ ୯୪ ତମ ସ୍ଥାନରେ ରହିଛି। ଏପରି କି ପଡୋଶୀ ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଓ ନେପାଳଠାରୁ ବି ପଛରେ ରହିଛି ଆମ ଦେଶ। ଭାରତରେ ଏଭଳି ନୈରାଶ୍ୟ ପ୍ରଦର୍ଶନ ପାଇଁ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ଉପଯୁକ୍ତ ତଦାରଖ ଅଭାବକୁ ଦାୟୀ କରାଯାଇଛି। ଏପରି କି ଭାରତର ଜନସଂଖ୍ୟାର ୧୪ ପ୍ରତିଶତ ଲୋକ କୁପୋଷଣର ଶିକାର ହେଉଛନ୍ତି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଏହା ସହିତ ଭାରତରେ ଶିଶୁ ସ୍ୱାସ୍ଥ୍ୟ ମଧ୍ୟ ନୈରାଶ୍ୟ ଜନକ ରହିଛି। ସେହିଭଳି ଭାରତରେ ୫ବର୍ଷରୁ କମ୍ ବର୍ଷର ଶିଶୁ ମୃତ୍ୟୁ ହାର ୩.୭ ପ୍ରତିଶତ ରହିଛି। ଏହା ହିଁ ଚରମ ଦାରିଦ୍ର୍ୟର ପ୍ରତିଫଳନ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ। ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମ୍‌ର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ଏଥିପାଇଁ ସବୁ ସ୍ତରରେ ଆନ୍ତରିକ ଉଦ୍ୟମ ଲୋଡା।

ଜଗତ୍‌ସିଂହପୁର, ମୋ–୯୯୩୭୧୫୧୦୫୨

## ଏଇ ଭାରତରେ

ପରିବେଶ ସୁରକ୍ଷା ଲାଗି ଭିନ୍ନ ଭିନ୍ନ ପନ୍ଥା ଆପଣାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଚନ୍ଦ୍ର କିଶୋର ପଟେଲ ହେଉଛନ୍ତି ଅନ୍ୟତମ। ସେ ନାସିକ୍‌ର ଇନ୍ଦିରାନଗରରେ ରହନ୍ତି। ସେ ହିଁ ରିୟଲ ଲାଇଫ ହିରୋ। ପ୍ରଦୂଷଣ ରୋକିବା ପାଇଁ ସେ ଗୋଦାବରୀ ନଦୀକୁ ଜଗୁଛନ୍ତି। ପଞ୍ଚ ବର୍ଷ ହେବ ଚନ୍ଦ୍ର ଏହି କାର୍ଯ୍ୟ କରୁଛନ୍ତି। ନଦୀ କଡ଼ରେ ଠିଆହୋଇ ଅଳିଆ ଆବର୍ଜନା ପକାଇବାକୁ ଲୋକଙ୍କୁ ବାରଣ କରୁଛନ୍ତି। ରାତିପାହିବା କ୍ଷଣି ଘରୁ ବାହାରି ଯାଉଛନ୍ତି ନଦୀ କୂଳକୁ ଓ ସେଠାରୁ ଫେରୁଛନ୍ତି ପୂର୍ବାହ୍ନ ୧୧ଟାରେ। ଠିଆ ହୋଇଥିବା ସମୟରେ ଯଦି କେହି ଆବର୍ଜନା ନଦୀରେ ପକାଇବାକୁ ଆସୁଛନ୍ତି ତେବେ ଚନ୍ଦ୍ର ହୁଇସିଲ ମାରି ତାଙ୍କୁ ସତର୍କ କରି ଦେଉଛନ୍ତି। ଯିଏ ତାଙ୍କୁ ବିରୋଧ କରୁଛନ୍ତି ତାଙ୍କୁ ସେ ଉପଯୁକ୍ତ ଶିକ୍ଷା ଦେଉଛନ୍ତି। ନଦୀରୁ ଗୋଟିଏ ବୋତଲରେ ପାଣି ଆଣି ତାଙ୍କୁ ଢୋକେ ପିଇବାକୁ କହିବା ସହ ପ୍ରଦୂଷଣ ସମ୍ପର୍କରେ ସଚେତନ କରୁଛନ୍ତି। ଫଳରେ ଲୋକେ ବାଧ ହୋଇ ଅଳିଆ ନେଇ ଫେରିଯାଉଛନ୍ତି କିମ୍ବା ଚନ୍ଦ୍ରଙ୍କୁ ଦେଇଯାଉଛନ୍ତି। ଚନ୍ଦ୍ର ସେମାନଙ୍କଠାରୁ ଅଳିଆ ଆବର୍ଜନା ସଂଗ୍ରହ କରି ଏକ ବ୍ୟାଗରେ ରଖି ତା' ପାଇଁ ଉଦ୍ଦିଷ୍ଟ ଜାଗାରେ ପକାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୫

- ଚେଚେନିୟାରେ ଆହତ ହୋଇଥିବା ରୁଷ୍‌ର ଜେନେରାଲ ଆନାଟୋଲି ରୋମାନୋଭଙ୍କୁ ତାଙ୍କ ସାହସିକ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ବୋରିସ ୟେଲଟସିନ 'ରୁଷର ହିରୋ' ମାନ୍ୟତା ପ୍ରଦାନ କରିଛନ୍ତି।
- ପୋଲଭଟରେ ୪.୨୩ ମିଟର ଉଚ୍ଚତା ଡେଇଁ ଚୀନର ମହିଳା ପୋଲଭଲଟର ସୁନକାଇୟନଙ୍କ ବିଶ୍ୱ ରେକର୍ଡ।
- ପ୍ରଖ୍ୟାତ ଓଡ଼ିଆ ସାହିତ୍ୟିକ ତଥା ବ୍ୟଙ୍ଗକାର ଫତୁରାନନ୍ଦଙ୍କ ୮୧ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡ଼ି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠକିଲା ଆଜି
ସ୍ୱପନ ଏବେ ଦେଲା ଘଉଡି।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁଶ୍ଚିନ୍ତାରେ ଅଭିଭାବକ

ମହାଶୟ,

୨୦୦୯ ମସିହାରୁ ଖଇରାମୁଣ୍ଡା ଉ.ପ୍ରା. ସ୍କୁଲ ୫୩ ନଂ. ରାଜପଥ ପାଇଁ ଅଧିଗ୍ରହଣ ହୋଇଛି। ସ୍କୁଲ ଭଙ୍ଗା ହେଲେ ଛାତ୍ରୀଛାତ୍ର କେଉଁଠି ପଢିବେ ? ଅଭିଭାବକ ଚିନ୍ତାରେ। ସ୍କୁଲ ସହିତ ଏ ୦.୪୦ ଡେସିମିଲ ଜମି ପାଇଁ ୧୮ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ମିଳିଛି। ଅନତି ଦୂରରେ ଖାତା ନଂ. ୨୩୩ରେ ଗ୍ରାମ ନିକଟରେ ୪୫ ଡେସିମିଲ ସରକାରୀ ଜମି ଅଛି। କିନ୍ତୁ ତହସିଲଦାର ସେ ଜାଗାକୁ ସ୍କୁଲ ପାଇଁ ଶିକ୍ଷା ବିଭାଗକୁ ହସ୍ତାନ୍ତର ନ କରି ପୁରୁଣା ସ୍କୁଲର ଅବଶିଷ୍ଟ ୧୫ ଡେସିମିଲରେ ସ୍କୁଲ କରିବାକୁ ବାଧ କରୁଛନ୍ତି। ସେହି ଜାଗାରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ପୂର୍ବରୁ ରହିଛି। ସ୍କୁଲ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଗୋଟିଏ ସ୍କୁଲ ପାଇଁ ଶ୍ରେଣୀ କୋଠରି, ଅଫିସ, ଖେଳପଡିଆ, ଶୌଚାଳୟ, ନଳକୂପ, ରୋଷଶାଳା ଆବଶ୍ୟକ। ଏ ସବୁ ସୁବିଧା ୪୫ ଡେସିମିଲ ସରକାରୀ ଜାଗାରେ ରହିପାରିବ। କିନ୍ତୁ ଜଣେ ଜବରଦଖଲକାରୀଙ୍କ ସ୍ୱାର୍ଥକୁ ନଜରରେ ରଖି ଶିକ୍ଷା ବିଭାଗକୁ ଦଖଲ ଦେବାକୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯଥାଶୀଘ୍ର ସ୍କୁଲ ନିର୍ମାଣ ପାଇଁ ଦାବି ହେଉଛି।

–ଗିରିଧାରୀ ସ୍ୱାଇଁ, ଖଇରାମୁଣ୍ଡା, ପିଠିରି, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରଭାବିତ ହେବା ଆଶଙ୍କା

ଗଞ୍ଜାମ,୬।୧୧(ଡି.ଏନ.ଏ.)

ନଭେମ୍ବର ଶେଷ ଆଡକୁ ଗଞ୍ଜାମ ନିକଟ ରଷିକୁଲ୍ୟା ମୁହାଣଠାରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହେବ। ଠିକ ମାସେ ପରେ ଅନୁକୂଳ ପାଗ ଓ ଦକ୍ଷିଣା ପବନ ବୋହିଲେ ବିରଳ ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ହେବ ବୋଲି ସ୍ଥାନୀୟ ପରିବେଶବିତ ମାନେ ମତ ପ୍ରକାଶ

## କୂଳ ଲଂଘୁଛି ସମୁଦ୍ର

କରିଛନ୍ତି। କିନ୍ତୁ ଗଞ୍ଜାମ ବ୍ଲକ ଗୋଖରକୁଦା ଠାରୁ ପ୍ରୟାଗୀ ଓ ଦକ୍ଷିଣରେ ଥିବା ଆର୍ଯ୍ୟପଲ୍ଲୀ ପର୍ଯ୍ୟନ୍ତ ଦିନକୁ ଦିନ ସମୁଦ୍ର କୂଳ ଲଂଘୁଥିବା ଦେଖିବାକୁ ମିଳିଛି। ଫଳରେ ରଷିକୁଲ୍ୟା ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି। ଯାହାଦ୍ୱାରା ବେଳାଭୂମିଠାରୁ ବଟେଶ୍ୱର ଶୈବପୀଠ ଯାଏ ଅଞ୍ଚଳ ସମ୍ପୂର୍ଣ ଭାବେ ସମୁଦ୍ରରେ ଲୀନ ହେବାକୁ ବସିଲାଣି। ଏହି ଅବକ୍ଷୟ ଯୋଗୁ ଗତବର୍ଷ କଇଁଛ ଅଣ୍ଡାଦାନ କରିବାକୁ ଆସି ନ ଥିଲେ। ଚଳିତ ବର୍ଷ ମଧ ଅନୁରୂପ ଆଶଙ୍କା ଦେଖାଦେଇଛି। ବେଳାଭୂମି କ୍ଷତିଗ୍ରସ୍ତ ହେଉଥିବାରୁ ସମୁଦ୍ରକୂଳ


ଅବକ୍ଷୟ ହେଉଥିବା ରଷିକୁଲ୍ୟା ବେଳାଭୂମି।

ନିକଟବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀମାନେ ଡଙ୍ଗା ଓ ଜାଲ ରଖିବାକୁ ସ୍ଥାନ ପାଉନାହାନ୍ତି। ୨୦୦୭ରୁ ସାମୁଦ୍ରିକ ଅଞ୍ଚଳରୁ କୂଳ ଖାଇବା ଆରମ୍ଭ ହୋଇଛି ବୋଲି ବରିଷ୍ଠ ପରିବେଶବିତ ରବୀନ୍ଦ୍ର କୁମାର ସାହୁ କହିଛନ୍ତି। ବର୍ତ୍ତମାନ ଅଣ୍ଡାଦାନ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଗତ ୧ ତାରିଖରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫଓ) ଅମ୍ଳାନ ନାୟକଙ୍କ ତତ୍ତ୍ୱାବଧାନରେ ସମୁଦ୍ରରେ କଇଁଛଙ୍କ ଗତିବିଧି ଅନୁଧ୍ୟାନ କରାଯାଇଛି। ସମୁଦ୍ର କୂଳକୁ ବନ ବିଭାଗ ପକ୍ଷରୁ ସଫେଇ କରାଯାଇଛି। ଏ ସମ୍ପର୍କରେ ଡିଏଫଓଙ୍କୁ ଯୋଗାଯୋଗ କରିବାରୁ କଇଁଛଙ୍କ ସୁରକ୍ଷା ପାଇଁ ଅଣ୍ଡାଦାନ ସ୍ଥାନ ଗୁଡିକରେ ବ୍ୟାରିକେଡ ନିର୍ମାଣ କରାଯିବା ସହ କୋଷ୍ଟ ଗାର୍ଡ ନିୟୋଜିତ କରାଯାଇଥିବା ସେ କହିଛନ୍ତି।

## ପୁରସ୍କୃତ ହେଲେ ଶ୍ରେଷ୍ଠ ପୋଷ୍ଟାଲ ବ୍ୟାଙ୍କର

ଆସିକା,୬।୧୧(ଡି.ଏନ୍.ଏ)– ଗ୍ରାମାଞ୍ଚଳରେ ଡାକ ବିଭାଗ ପକ୍ଷରୁ ଏଇପିଏସ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ ସେବା ପ୍ରଦାନ ଲାଗି ଆସିକା ଡାକମଣ୍ଡଳ ବ୍ରହ୍ମପୁର ରିଜନ ଓ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଆସିକା ଡାକମଣ୍ଡଳକୁ ଏହି ସ୍ତରରେ ପହଞ୍ଚାଇବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗ୍ରାମାଞ୍ଚଳର ଶ୍ରେଷ୍ଠ ପୋଷ୍ଟାଲ ବ୍ୟାଙ୍କରମାନଙ୍କୁ ଶୁକ୍ରବାର କାର୍ଯ୍ୟାଳୟଠାରେ ପୁରସ୍କୃତ କରାଯାଇଥିଲା। ଡାକପାଳ ପ୍ରଦୀପ୍ତା ପଟ୍ଟନାୟକ ପ୍ରଥମ, ବିଭୂତି ଭୂଷଣ ଦାସ ଦ୍ୱିତୀୟ ଓ ରଚି ବେହେରାଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ଆସିକା, ଧରାକୋଟ, ବୁଗୁଡ଼ା, ବାଲିପଦର ଆଦି ଅଞ୍ଚଳର ୧୦ଜଣ ଡାକପାଳଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ଲାଗି ପୁରସ୍କୃତ କରାଯାଇଥିଲା। ମଣ୍ଡଳ ଅଧିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା ଡାକପାଳମାନଙ୍କୁ ପୁରସ୍କୃତ କରିଥିଲା ବେଳେ ସୀମାଞ୍ଚଳ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ବୁଣାକାରଙ୍କୁ ସୂତା, ମାସ୍କ ବଣ୍ଟନ

ବ୍ରହ୍ମପୁର ଅଫିସ, ୬।୧୧

କୋଭିଡ୍ ମହାମାରୀ ଯୋଗୁ ବ୍ରହ୍ମପୁର ପାଟ ବୁଣାକାରଙ୍କ ଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି। ବ୍ରହ୍ମପୁର ପ୍ରସିଦ୍ଧ ପାଟ ବୁଣାକାରଙ୍କୁ ପୁନଃ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରିବାକୁ ନେଇ ରାଜ୍ୟ ସରକାରଙ୍କ ଅଣୁ, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ(ଏମ୍ଏସ୍ଏମ୍ଇ) ସହଯୋଗରେ ପରିବର୍ତ୍ତନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମହିଳା ବୁଣାକାରଙ୍କୁ କଞ୍ଚାମାଲ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସହରର ଗଣେଶନଗର, କୈଳାସନଗର, ବାଲ୍ମିକିପେଟାସାହିର ୧୦୦ ମହିଳା ବୁଣାକାରଙ୍କୁ ଏମ୍ଏସ୍ଏମ୍ଇ ସହାୟତାରେ ପ୍ରାୟ ୬ ହଜାର ଟଙ୍କାର ୨ କିଲୋ ୧୫୦ ଗ୍ରାମର ସୂତା ଓ ମାସ୍କ ବଣ୍ଟନ କରାଯାଇଥିଲା । ଫାଷ୍ଟଗେଟସ୍ଥିତ ପରିବର୍ତ୍ତନ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ଡିସିଆଇଓ ଉମାପତି ବେହେରା, ସିଡିପିଓ ପୁଷ୍ପାଞ୍ଜଳୀ ବେହେରା, ବ୍ରହ୍ମପୁର ମହାନଗର ନିଗମ କମ୍ୟୁନିଟି ଅର୍ଗାନାଇଜର ଗୀତାଞ୍ଜଳି ସାମନ୍ତରାୟ ଓ ପରିବର୍ତ୍ତନ ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷକ ସଭାର ବିକ୍ଷୋଭ

ଗଞ୍ଜାମ,୬।୧୧(ଡି.ଏନ.ଏ.)

ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଦେଶବ୍ୟାପୀ ଆନ୍ଦୋଳନ ଆହ୍ୱାନରେ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡ଼ିଶା କୃଷକ ସଭା ପକ୍ଷରୁ ଗଞ୍ଜାମ ସହର ଜୟଶ୍ରୀ ଛକ ଜାତୀୟ ରାଜପଥ ଠାରେ ବିଭିନ୍ନ ଦାବିନେଇ ଓଡ଼ିଶା କୃଷକ ସଭା ରାଜ୍ୟ ଉପସଭାପତି ତଥା ଜିଲା ସମ୍ପାଦକ ପି.ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା।

## ମଧୁବାବୁ ପେନ୍‌ସନ ବଣ୍ଟନ

କବିସୂର୍ଯ୍ୟନଗର,୬।୧୧

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏନ୍ଏସି ଗୃହ ପ୍ରକୋଷ୍ଠରେ ଶୁକ୍ରବାର ୬ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନଶନ ଯୋଜନା ଅନ୍ତର୍ଭୁକ୍ତ କରାଇ ଖାତା ପ୍ରଦାନ କରିଛନ୍ତି। ଶୀତଦିନେ କରୋନା ସଂକ୍ରମଣ ଆଶଙ୍କା ଅଧିକ ଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇ ମାସ୍କ ବଣ୍ଟନ କରିଥିଲେ। ନିର୍ବାହୀ ଅଧିକାରୀ ବଳୟ ଦେଉରୀ, ପ୍ରାକ୍ତନ ଏନ୍ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ପ୍ରାକ୍ତନ ଏନ୍ଏସି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପ୍ରାକ୍ତନ କାଉନ୍‌ସିଲର ଓ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ।

# ବୋହୁପଥର-ଶଙ୍କୁରୁ ରାସ୍ତା ନିର୍ମାଣ ଦାବି

ବୁଗୁଡ଼ା,୬।୧୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବୁଗୁଡ଼ା-ମାଣିତରା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ବୋହୁପଥର ଠାରୁ ସଙ୍କୁରୁ ଗ୍ରାମକୁ ପ୍ରାୟ ଅଢ଼େଇ କିଲୋମିଟର ରାସ୍ତା ଦୀର୍ଘବର୍ଷ ହେଲା ମରାମତି ହୋଇନାହିଁ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ସଙ୍କୁର ଓ ଗୋଳାବନ୍ଧ ପଞ୍ଚାୟତ ଲୋକେ ପ୍ରତିଦିନ ଯାତାୟାତ କରନ୍ତି। ପ୍ରାୟ ୨୦ବର୍ଷ ହେଲା ରାସ୍ତା ମରାମତି ହୋଇନାହିଁ। ପୂର୍ବତନ ବିଧାୟକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଗାଁ ସଙ୍କୁରୁକୁ ଏହି ରାସ୍ତା ହୋଇଥିଲେ ମଧ୍ୟ ପ୍ରଶାସନ ଆଖିବୁଜି ଦେଇଛି। ଗୁରୁବାର ସଙ୍କୁରୁ ଓ ଚିଲିଖମା ଗ୍ରାମର ଶତାଧିକ ଲୋକେ ରାସ୍ତା ନିର୍ମାଣ କରିବାକୁ ସରପଞ୍ଚଙ୍କ ନିକଟରେ ଦାବି କରିଥିଲେ। ସେମାନେ ରାସ୍ତା କଡ଼ରେ ଥିବା ଗଛ ବୁଦା ସଫା କରିବା ସହ ସରପଞ୍ଚଙ୍କୁ ଡ଼ାକି ରାସ୍ତା ମରାମତି କରିବାକୁ ଦାବି କରିଥିଲେ। ସରପଞ୍ଚ ପ୍ରତିନିଧି ଏଥିରେ ସମ୍ମତି ହୋଇ ରାସ୍ତାର ପ୍ରତିକାର କରିବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ।

# ଆର୍ଯ୍ୟଭଟ୍ଟ ଛାତ୍ରଙ୍କ କୃତିତ୍ୱ



କୃତୀ ଛାତ୍ର ସମ୍ବିତଙ୍କ ସମେତ ଆର୍ଯ୍ୟଭଟ୍ଟର ନିର୍ଦ୍ଦେଶକ ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ, ୬।୧୧

## ଭାରତୀୟ ପରିସଂଖ୍ୟାନ ଅନୁଷ୍ଠାନର ପ୍ରବେଶିକା ପରୀକ୍ଷା

ଭାରତୀୟ ପରିସଂଖ୍ୟାନ ଅନୁଷ୍ଠାନ ପ୍ରବେଶିକା ପରୀକ୍ଷାରେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ଛାତ୍ର ସମ୍ବିତ ମିଶ୍ର ଉତ୍କର୍ଷତା ହାସଲ କରିଛନ୍ତି। ସର୍ବଭାରତୀୟସ୍ତରରେ ସେ ୬୨ତମ ସ୍ଥାନ ଅଧିକାର କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ବାଙ୍ଗାଲୋର ପରିସଂଖ୍ୟାନ ଅନୁଷ୍ଠାନରେ ଗଣିତଶାସ୍ତ୍ର ଅଧ୍ୟୟନ ପାଇଁ ନାମ ଲେଖାଇବେ । ଦୁଇବର୍ଷ ଧରି ଏଥିପାଇଁ ଆର୍ଯ୍ୟଭଟ୍ଟ ଅନୁଷ୍ଠାନରେ ଅଧ୍ୟୟନ ସହ ପ୍ରୟାସ ଜାରି ରଖିଥିଲେ। ଏହି ଅବସରରେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ଶିକ୍ଷକ ଓ ପିତାମାନଙ୍କ ପ୍ରେରଣା ପାଇଁ ଏହି ସଫଳତା ହାସଲ କରିପାରିଥିବା ସମ୍ବିତ କହିଛନ୍ତି । ଏହି ସଫଳତା ପାଇଁ ଆର୍ଯ୍ୟଭଟ୍ଟ ଅନୁଷ୍ଠାନ ନିର୍ଦ୍ଦେଶକ ସୁଧୀର କୁମାର ରାଉତଙ୍କ ସମେତ ସମସ୍ତ ଶିକ୍ଷକ ସମ୍ବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଯୌତୁକ ପାଇଁ ହତ୍ୟା ଅଭିଯୋଗ

ହିଞ୍ଜିଳିକାଟୁ,୬।୧୧(ଡି.ଏନ୍.ଏ.)

ହିଞ୍ଜିଳି ଥାନା ସୋମପୁର ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜେଶ୍ୱରୀ ସାହୁ। ରଜେଶ୍ୱରୀଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ବାପା ବିଜୟ ସାହୁ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ନଂ. ୪୦୧/୨୦ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଭିକାରି ସାହୁ ଓ ଶଶୁର ରାମହରି ସାହୁଙ୍କୁ ଗିରଫ କରିଛି। ରାଜେଶ୍ୱରୀଙ୍କ ଶାଶୁ ଘର ଲୋକଙ୍କ କହିବାନୁସାରେ, ସେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଦେଖି ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି।

ସମ୍ବଲପୁରୀ ବସ୍ତ୍ରାଳୟ

ପବିତ୍ର କାଳୀପୂଜା ଓ ଦୀପାବଳି ଉପଲକ୍ଷେ
ସରକାରୀ ରିହାତି
10% + 20%
ଅବଧି
ତା୦୫।୧୧।୨୦୨୦ରୁ ତା୧୪।୧୧।୨୦୨୦ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ରାଜ୍ୟ ଭିତରେ ଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

Service Engineer/ Technician required for applied Engineering Services, Bhubaneswar
Preferably ITI Mechanical, Diploma in Electrical/ Mechanical having work experience in hydraulics shall be preferred. Kindly send your resume to info@appliedengg.in.
You can contact us on
+91-9437679795 or 0674-2430093

**GOVERNMENT OF ODISHA "e" PROCUREMENT NOTICE**
**Bid Identification No 16 of 2020 - 21**
**Ph.-06842-253314 eerwss_plb @ nic.in**

No.O-517:- 1. Name of the Work :- Execution of different civil works in the district of Kandhamal. (Refer DTCN available in the website :- tendersorissa.gov.in). 2. Total No. of work :- 24 Nos. 3. Estimated Cost :- Rs. 10.14 lakh to 48.55 lakh. 4. Eligible Class of Contractor: - D & C, C & B and B & A. 5. Period of Completion :- 03 months to 04 months (Refer DTCN available in the website tendersorissa.gov.in). 6. Other Details :

| Procurement Officer | Bid Identification No. | Availability of tender online for bidding | | Date and time for opening of bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 16 of 2020-21 | Dt.11.11.2020 at 10.00 hrs. | Dt.20.11.2020 upto 17.00 hrs. | Dt.23.11.2020 at 11.00 A.M. |

Further details can be seen from the website www.tendersorissa.gov.in. Corrigendum, if any, will be uploaded in website only.
OIPR-25006/11/0004/2021 Executive Engineer, RWS&S Division, Phulbani

**DIRECTORATE OF TECHNICAL EDUCATION AND TRAINING, ODISHA, KILLAMAIDAN, BUXIBAZAR, CUTTACK - 753001**
E-mail:dacdtetodisha@gmail.com, Website: http;/www.dtetorissa.gov.in

No.KK-41 **NOTICE - DIPLOMA ADMISSION – 2020**

Phase –II Diploma Admission (Government & Private Institutions) under SAMS - 2020

| Sl. No. | Activities | Timeline | |
|---|---|---|---|
| | | 3rd Semester (L.E.) | 1st Semester/1st Year |
| 1 | Start date for online registration / application | 06.11.2020 | 06.11.2020 |
| 2 | Last date for online registration / application | 15.11.2020 | 17.11.2020 |
| 3 | Document verification at selected NCCs of applicants whose required documents have not been validated online | 07.11.2020 to 17.11.2020 | 07.11.2020 to 19.11.2020 |
| 4 | Merit list publication | 20.11.2020 | 22.11.2020 |
| 5 | Date for Choice Filling by eligible applicants | 20.11.2020 to 22.11.2020 | 22.11.2020 to 24.11.2020 |
| 6 | Final Allotment of seat, Deposit of admission fees & Reporting at the allotted Institute | 25.11.2020 | 27.11.2020 |
| 7 | Last date for Admission Fees Deposit at the allotted Institute Level & Reporting | 26.11.2020 | 28.11.2020 |
| 8 | Spot admission of eligible candidates at Institute level against the vacant seats | 29.11.2020 & 30.11.2020 | 29.11.2020 & 30.11.2020 |

Category of applicants eligible to participate in Phase-II (Help Line: 155335/ 1800-345-6770)
- Fresh eligible applicants of **phase-II**
- Registered applicants of **phase-I** but not validated
- Applicants validated in **phase-I** but not filled choices
- Applicants allotted seat but not deposited part admission fees in **Phase-I**
- Applicants exercised choices but not allotted seat in **Phase-I**
- Applicants allotted seat in **Phase-I** and not reported for admission

Sd/-
OIPR-14004/11/0025/2021 Director of Technical Education & Training, Odisha

**S.C.S. COLLEGE (AUTONOMOUS), PURI**
**ADMISSION NOTICE: 2020-21**

No. CAD-675: Applications are invited for admission into the following Self-Financing Courses offered under Utkal University for the Session 2020-21 (PPP). The Admission into 2 Yr. MBA Course shall be made through Odisha JEE - 2020.

| Course | Annual Fee | Eligibility |
|---|---|---|
| 3 Yr. BBA Bachelor of Business Administration | Rs.15,000/- | Minimum 40% in +2 or equivalent in any Stream |
| MBA Master of Business Administration | Rs.45,000/- | ODISHA JEE 2020 |

**Scholarship: Available for eligible SC, ST, OBC & Minority Category.**

The application form for BBA can be obtained from the College on all working days on payment of Rs.100/- and the form duly filled in all respect should reach the Principal on or before 12.11.2020.
OIPR-11021/11/0002/2021 PRINCIPAL
7873692880, 9439616026, 9776242247, 8917663919

Annexure - I
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କନ୍ଧମାଳ**
ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର
**DISTRICT RURAL DEVELOPMENT AGENCY, KANDHAMAL**
**PANCHAYATIRAJ DEPARTMENT, GOVERNMENT OF ODISHA**
DRDA, KANDHAMAL, Phulbani - 752001
Tel. 06842 (STD Code) - 253696 (Off), 253709(Res.), 255297, 253905 (Fax), E-mail: ori-dphulbani@nic.in
No. 4158 Date: 05.11.2020

**TENDER NOTICE**

Sealed tenders are invited from reputed Manpower Agencies/ Service Providers to provide the services of Data Entry Operators & MGNREGS Assistants 12 Nos. each per Blocks and 01 No. of MGNREGS Asst. for DRDA handling MGNREGS related works for a period of one year on contract basis for day to day official work. The engaged of Manpower Agencies/ Service Provider Firm shall be made through two Bid systems i.e. Technical & Financial Bid separately. The technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof.
For details please visit our website in **www.kandhamal.nic.in**
1. Last date of receipt of sealed Bid is on 19.11.2020 upto 5.30 P.M. through Registered/Speed Post only.
2. Opening of Bid papers is on Dt.20.11.2020 at 3.30 P.M.

Sd./- Collector-cum-DPC
MGNREGS, Kandhamal

DSPL-97
କରୋନା ମହାମାରୀ ସମୟରେ ପ୍ରାଣୀସମ୍ପଦ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପଦକ୍ଷେପ

ଡିପ୍ ଲିଟର୍ ମାଧ୍ୟମରେ ୫୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା

- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବୀ ଓ ଚାଷୀମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ଆମ ସରକାର "ଡିପ୍ ଲିଟର୍ ମାଧ୍ୟମରେ ୫୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା" ଯୋଜନାରେ ପ୍ରବାସୀ ଏବଂ ଚାଷୀମାନଙ୍କୁ ସାମିଲ କରିଛନ୍ତି।
- ଏହି ଯୋଜନାର ମୋଟ ୧୦ କୋଟି ୯୦ ଲକ୍ଷ ୪୨ ହଜାର ଟଙ୍କା ହିତାଧିକାରୀ ସହାୟତା ଆକାରରେ ପାଇବେ।
- କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୧ ଲକ୍ଷ ୭୭ ହଜାର ଟଙ୍କା ଦିଆଯିବ।
- ପ୍ରତ୍ୟେକ ହିତାଧିକାରୀ ୫୦୦ଟି ଦିନିକିଆ ବ୍ରଏଲର କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ।
- ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୭୧ ହଜାର ରିହାତି ଆକାରରେ ପ୍ରଦାନ କରିବେ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍‌ସ୍ତରୀୟ ନିରୀକ୍ଷଣ କମିଟି, ମିଶନ ଶକ୍ତି ଓ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ହିତାଧିକାରୀ ଚୟନ କରାଯିବ।
- ସହାୟତା ପାଇବା ନିମନ୍ତେ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧ୍ୟମରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଆବେଦନ ପତ୍ରରେ ଆବେଦନ କରିବାକୁ ହେବ।

ଡିପ୍ ଲିଟର୍ ମାଧ୍ୟମରେ ୨୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସହାୟତା

- କରୋନା ମହାମାରୀ ସମୟରେ ରାଜ୍ୟର ମହିଳାମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ଡିପ୍ ଲିଟର୍ ମାଧ୍ୟମରେ ୨୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସହାୟତା" ଯୋଜନା ଆରମ୍ଭ କରିଛନ୍ତି।
- ଏହି ଯୋଜନାର ୧୦ କୋଟି ୧୨ ଲକ୍ଷ ଟଙ୍କା ସହାୟତା ଆକାରରେ ଦିଆଯିବ।
- କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୨ ଲକ୍ଷ ଟଙ୍କା ଦିଆଯିବ।
- ପ୍ରତ୍ୟେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୪ ସପ୍ତାହର ୨୦୦ ଗୋଟି କଳିଙ୍ଗ ବ୍ରାଉନ୍ କିମ୍ବା ରୋଡ୍ ଆଇଲାଣ୍ଡ ରେଡ୍ ପ୍ରଜାତିର ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ପାଇଁ ସହାୟତା ପାଇବେ।
- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧ ଲକ୍ଷ ଟଙ୍କା (ଖର୍ଚ୍ଚର ୫୦ ପ୍ରତିଶତ) ରିହାତି ଆକାରରେ ଦିଆଯିବ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍‌ସ୍ତରୀୟ କମିଟି ଓ ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବଛାଯିବ।

ପିଞ୍ଜରା ମାଧ୍ୟମରେ ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା

- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବୀ ଓ ଚାଷୀମାନଙ୍କୁ ଜୀବିକା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ପିଞ୍ଜରା ମାଧ୍ୟମରେ ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା" ନାମକ ଯୋଜନା ଆରମ୍ଭ କରିଛନ୍ତି।
- ଏହି ଯୋଜନାର ମୋଟ ୧୯ କୋଟି ୯୩ ଲକ୍ଷ ଟଙ୍କା ସହାୟତା ଆକାରରେ ମିଳିବ।
- କୁକୁଡ଼ା ଘର, ପିଞ୍ଜରା, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୭ ଲକ୍ଷ ୫୯ ହଜାର ଟଙ୍କା ଦିଆଯିବ।
- ପ୍ରତ୍ୟେକ ହିତାଧିକାରୀ ୧୪ ସପ୍ତାହର ୧୦୦୦ଟି କଳିଙ୍ଗ ବ୍ରାଉନ କିମ୍ବା ରୋଡ୍ ଆଇଲାଣ୍ଡ ରେଡ୍ ପ୍ରଜାତିର ମାଈ କୁକୁଡ଼ା ପାଳନ କରିବା ପାଇଁ ସହାୟତା ପାଇବେ।
- ପ୍ରତ୍ୟେକ ହିତାଧିକାରୀଙ୍କୁ ୩ ଲକ୍ଷ ୩ ହଜାର ଟଙ୍କା ରିହାତି ଆକାରରେ ଦୁଇଟି କିସ୍ତିରେ ମିଳିବ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ ।
- ବ୍ଲକ୍‌ସ୍ତରୀୟ ନିରୀକ୍ଷଣ କମିଟି ଓ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ହିତାଧିକାରୀ ବଛାଯିବ।
- ସହାୟତା ପାଇବା ନିମନ୍ତେ ପ୍ରତ୍ୟେକ ହିତାଧିକାରୀ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧ୍ୟମରେ ବ୍ଲକ୍ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ଆବେଦନ କରିବେ।

ବାଡ଼ି ଅଗଣାରେ କୁକୁଡ଼ାପାଳନ

- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ ମହିଳା କର୍ମଜୀବୀ, ମହିଳା ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ବାଡ଼ି ଅଗଣାରେ କୁକୁଡ଼ା ପାଳନ ମାଧ୍ୟମରେ ଚାଷୀଙ୍କୁ ଜୀବିକା ପ୍ରଦାନ" ଯୋଜନା କାର୍ଯ୍ୟକାରୀ କରିଛନ୍ତି।
- ଏହି ଯୋଜନାର ୩ କୋଟି ୬୩ ଲକ୍ଷ ୪୭ ହଜାର ଟଙ୍କା ହିତାଧିକାରୀ ସହାୟତା ଆକାରରେ ପାଇବେ।
- ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ବ୍ୟକ୍ତିଗତ ଭାବେ ଏହି ଯୋଜନରେ ସହାୟତା ପାଇପାରିବେ। ସେଥିପାଇଁ ସେମାନେ ଡିପ୍ ଲିଟର୍ ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ସହାୟତା ପାଇନଥିବା ଦରକାର ।
- ସ୍ୱଳ୍ପ ଖର୍ଚ୍ଚଯୁକ୍ତ କୁକୁଡ଼ା ଚିଆଁ ଓ କୁକୁଡ଼ାଙ୍କ ରାତ୍ର ଆଶ୍ରୟସ୍ଥଳୀ ବାବଦ ଖର୍ଚ୍ଚକୁ ମିଶାଇ ଏହି ଯୋଜନାରେ ପ୍ରତ୍ୟେକ ୟୁନିଟ୍ ପିଛା ୩୭୫୦ ଟଙ୍କା, ପ୍ରତ୍ୟେକ କୁକୁଡ଼ା ଚିଆଁ ପାଇଁ ୬୫ ଟଙ୍କା ଓ ରାତ୍ର ଆଶ୍ରୟସ୍ଥଳୀ ପାଇଁ ୫୦୦ ଟଙ୍କା ଦିଆଯାଉଛି।
- ବ୍ଲକ୍ ପ୍ରାଣୀଚିକିତ୍ସା ଅଧିକାରୀ ଓ ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକର୍ତ୍ତାଙ୍କ ମିଳିତ ସହଯୋଗରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ହିତାଧିକାରୀ ରୂପେ ବଛାଯିବ।
- ପ୍ରତ୍ୟେକ ହିତାଧିକାରୀ ୪ ସପ୍ତାହର ୫୦ଟି କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ ।
- ପ୍ରାରମ୍ଭିକ ଅବସ୍ଥାରେ ୟୁନିଟ୍‌ର ସମସ୍ତ ଖର୍ଚ୍ଚ (୩୭୫୦ ଟଙ୍କା) ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରଦାନ କରିବେ ।

ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ କିମ୍ବା ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ
କୁକୁଡ଼ା ପାଳନ୍ତୁ, ରୋଜଗାର ବଢ଼ାନ୍ତୁ । ରାଜ୍ୟର ପ୍ରଗତିରେ ଭାଗୀଦାର ହୁଅନ୍ତୁ ।
ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
OIPR-06014/13/0010/2021

# ଜିତାଇବ ଜର୍ଜିଆ

୧୯୯୨ ମସିହାରେ ଡେମୋକ୍ରାଟିକ୍ ପାର୍ଟିର ବିଲ୍ କ୍ଲିଣ୍ଟନ ଜର୍ଜିଆ ବିଜୟ ସହ ଆମେରିକାର ୪୨ତମ ରାଷ୍ଟ୍ରପତି ହୋଇଥିଲେ। ଏହା ପରେ ଦୀର୍ଘ ୨୮ ବର୍ଷ ଧରି ଏହି ଦକ୍ଷିଣପୂର୍ବ ରାଜ୍ୟ ରିପବ୍ଲିକାନ୍ ଦୁର୍ଗ ଭାବେ ରହିଆସିଛି। ଏବେ ପୁଣି ଥରେ ଡେମୋକ୍ରାଟ୍ ଜୋ ବାଇଡେନ୍‌ଙ୍କ ହାତକୁ ଯାଇପାରେ ଜର୍ଜିଆ। ଏଠାରେ ଅଦ୍ୟାବଧି ବାଇଡେନ୍‌ଙ୍କୁ ୨୪,୫୦,୧୧୭(୪୯.୪%) ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ୨୪,୪୮,୫୩୮(୪୯.୪%) ଭୋଟ ମିଳିଛି। ଜାତୀୟ ସ୍ତରରେ ଭୋଟ ହାରକୁ ଦେଖିଲେ ବାଇଡେନ୍‌ଙ୍କ ସପକ୍ଷରେ ୭,୩୬,୪୦,୧୩୬(୫୦.୫%) ଓ ଟ୍ରମ୍ପ୍‌ଙ୍କ ସମର୍ଥନରେ ୬,୯୭,୧୨,୦୩୦(୪୭.୮%) ଖଣ୍ଡ ପପୁଲାର ଭୋଟ ପଡ଼ିଛି। ଇଲେକ୍ଟୋରାଲ କଲେଜ ଭୋଟ ସଂଖ୍ୟା ଦେଖିଲେ ବାଇଡେନ୍‌ଙ୍କ ହାତରେ ୨୬୪ ଥିବାବେଳେ ଟ୍ରମ୍ପ୍ ୨୧୪ରେ ସୀମିତ ରହିଛନ୍ତି। କୁହୁକ ସଂଖ୍ୟା ସ୍ପର୍ଶ କରିବାକୁ ବାଇଡେନ୍‌ଙ୍କୁ ଆଉ ୬ ଭୋଟ ଆବଶ୍ୟକ। ଏମିତିରେ ଜର୍ଜିଆର ୧୬ ଇଲେକ୍ଟୋରାଲ କଲେଜ ଭୋଟ ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି।

## କେବେ କାହା ଦଖଲରେ




- ୧୯୯୨: ବିଲ୍ କ୍ଲିଣ୍ଟନ (ଡେମୋକ୍ରାଟ)
- ୧୯୯୬: ବବ୍ ଡୋଲେ (ରିପବ୍ଲିକାନ୍)
- ୨୦୦୦: ଜର୍ଜ ଡବ୍ଲ୍ୟୁ. ବୁଶ୍ (ରିପବ୍ଲିକାନ୍)
- ୨୦୦୪: ଜର୍ଜ ଡବ୍ଲ୍ୟୁ. ବୁଶ୍ (ରିପବ୍ଲିକାନ୍)
- ୨୦୦୮: ଜନ୍ ମ୍ୟାକେନ (ରିପବ୍ଲିକାନ୍)
- ୨୦୧୨: ମିଟ୍ ରେମନି (ରିପବ୍ଲିକାନ୍)
- ୨୦୧୬: ଡୋନାଲ୍ଡ ଟ୍ରମ୍ପ (ରିପବ୍ଲିକାନ୍)




# ବିଜୟ ଆଉ ପାଦେ

ୱାଶିଂଟନ,୬।୧୧

୭୭ ବର୍ଷୀୟ ଡେମୋକ୍ରାଟ୍ ଜୋ ବାଇଡେନ୍ ଏବେ ହ୍ୱାଇଟ୍ ହାଉସ୍‌ଠାରୁ ମାତ୍ର ଗୋଟିଏ ପାଦ ଦୂରରେ ଅଛନ୍ତି। ଆରିଜୋନା ଓ ଜର୍ଜିଆ ଭଳି ବ୍ୟାଟଲଗ୍ରାଉଣ୍ଡ ଷ୍ଟେଟ୍‌ରେ ଭୋଟ ଗଣତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ବହୁ ପଛରେ ଚାଲିଛନ୍ତି। ଇତିମଧ୍ୟରେ ଟ୍ରମ୍ପ୍ ଏହି ଜନାଦେଶକୁ ଗ୍ରହଣ କରିବାକୁ ଅସ୍ୱୀକାର କରିଛନ୍ତି। ଏହାସହ ସେ ବାଇଡେନ୍‌ଙ୍କ ବିରୋଧରେ ଭୋଟ ଜାଲିଆତି ଅଭିଯୋଗ ଆଣି ଆମେରିକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦୋହରାଇଛନ୍ତି। ଏଭଳି ସମୟରେ ଆମେରିକା ରାଷ୍ଟ୍ରପତି ନିର୍ବାଚନର ବହୁ ପ୍ରତୀକ୍ଷିତ ଅନ୍ତିମ ପରିଣାମ କାହା ସପକ୍ଷରେ ଯାଉଛି ତା' ଉପରେ ବିଶ୍ୱ ସମୁଦାୟର ନଜର କେନ୍ଦ୍ରୀଭୂତ ହୋଇଛି।



ଜୋ ବାଇଡେନ

ପୂର୍ବତନ ଉପରାଷ୍ଟ୍ରପତି ତଥା ଡେମୋକ୍ରାଟ୍ ବାଇଡେନ୍ ଚଳିତ ନିର୍ବାଚନରେ କେବଳ ଡେମୋକ୍ରାଟିକ୍ ପାର୍ଟିର ଗଡ଼ଗୁଡ଼ିକୁ ଦଖଲ କରିଛନ୍ତି ତାହା ନୁହେଁ, ସେ ଆରିଜୋନା ଭଳି ରିପବ୍ଲିକାନ୍ ଦୁର୍ଗକୁ ମଧ୍ୟ ଭେଦ କରିବାରେ ସକ୍ଷମ ହୋଇଛନ୍ତି। ମିଶିଗାନ ଓ ୱିସ୍କୋନସିନ ପରି ବ୍ୟାଟେଲଗ୍ରାଉଣ୍ଡ ଷ୍ଟେଟ୍‌ରେ ନିର୍ଣ୍ଣାୟକ ଯୁଦ୍ଧ ଜିତିବା ପରେ ବାଇଡେନ୍ ୨୭୦ ଇଲେକ୍ଟୋରାଲ କଲେଜ ଭୋଟ ହାତେଇବା ଅପେକ୍ଷାରେ ଅଛନ୍ତି। ଜର୍ଜିଆ ଓ ପେନ୍‌ସିଲଭାନିଆରେ ଟ୍ରମ୍ପ୍‌ଙ୍କୁ ପଛରେ ପକାଇ ଧାଉଁଥିବା ବାଇଡେନ୍ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ନିର୍ବାଚନ ଜିଣିବା ନେଇ ଆଶାବାଦୀ। ଟ୍ରମ୍ପ୍‌ଙ୍କ ହାତରେ ବର୍ତ୍ତମାନ କେବଳ ଆଇନଗତ ବିକଳ୍ପ ରହିଥିବାରୁ ସେ ବାରମ୍ବାର କୋର୍ଟ ଭୟ ଦେଖାଉଛନ୍ତି। ଇତିମଧ୍ୟରେ ଜର୍ଜିଆ ଓ ମିଶିଗାନରେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପକ୍ଷରୁ ଦାଏର ଲ'ସୁଟ୍ ଖାରଜ ହୋଇଯାଇଛି। ନିର୍ବାଚନୀ ପ୍ରକ୍ରିୟାକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ରିପବ୍ଲିକାନ୍ ସମର୍ଥକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଅନ୍ୟପକ୍ଷେ ବାଇଡେନ୍ ଡେମୋକ୍ରାଟ୍ ଭାବେ ସର୍ବାଧିକ ୭୨ ନିୟୁତରୁ ଊର୍ଦ୍ଧ୍ୱ ଭୋଟ ପାଇ ଆମେରିକା ଇତିହାସରେ ରେକର୍ଡ ସୃଷ୍ଟି କରିଛନ୍ତି।

ଜର୍ଜିଆରେ ୧୬ ଇଲେକ୍ଟୋରାଲ କଲେଜ ଭୋଟ ଥିବାବେଳେ ପେନ୍‌ସିଲଭାନିଆରେ ୨୦ ଓ ନର୍ଥ କାରୋଲିନାରେ ୧୫ ରହିଛି। ତେଣୁ ଏହି ୩ ରାଜ୍ୟରେ ଜାରି ଭୋଟ ଗଣତି ଉପରେ ସମସ୍ତଙ୍କ ନଜର ରହିଛି। ରାଷ୍ଟ୍ରପତିଙ୍କୁ ତାଙ୍କ ଗଡ଼ରେ ପରାସ୍ତ କରି ହ୍ୱାଇଟ୍ ହାଉସ୍ ଦଖଲ କରିବାକୁ ଆଉ ପାଦେ ବାକିଥିବାରୁ ବାଇଡେନ୍‌ଙ୍କ ସପକ୍ଷରେ ଖୁବ୍‌ଶୀଘ୍ର ଶୁଭଫଳ ଆସିପାରେ।

## କିଛି ତଥ୍ୟ



- ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ୧୨୦ ବର୍ଷର ରେକର୍ଡ ଭାଙ୍ଗିଛି। ପ୍ରାଥମିକ ଆକଳନ ଅନୁସାରେ ୨୩୯ ନିୟୁତ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୧୬୦ ନିୟୁତ (୬୬.୯%) ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଗଣତି ଶେଷ ହେବା ପରେ ଏହି ସଂଖ୍ୟା ଆହୁରି ବଢ଼ିବ। ୧୯୦୦ ମସିହା ନିର୍ବାଚନରେ ଏହି ହାର ୭୩.୭% ଥିଲା।
- ୨୦୦୮ରେ ୫୮% ଆମେରିକୀୟ ଭୋଟ ଦେଇଥିବାବେଳେ ୨୦୧୬ରେ ୫୬% ମତଦାନ ହୋଇଥିଲା।
- ଚଳିତ ନିର୍ବାଚନରେ ମିନେସୋଟା ଓ ମାଇନେରେ ସର୍ବାଧିକ ୭୯.୨% ଲେଖାଏ ଭୋଟ ଗ୍ରହଣ କରାଯାଇଛି। ଆଓ୍ୱାରେ ଏହି ହାର ୭୮.୬% ରହିଛି। ମାଇନେ ଏବଂ ଆଓ୍ୱାରେ ଟ୍ରମ୍ପ୍ ବିଜୟୀ ହୋଇଥିବାବେଳେ ଡେମୋକ୍ରାଟ୍ ଜୋ ବାଇଡେନ୍ ମିନେସୋଟା ଦଖଲ କରିଛନ୍ତି।
- ୭୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ରାଜ୍ୟଗୁଡ଼ିକ ହେଲା କଲୋରାଡୋ(୭୭.୧%), କୋନେକ୍ଟିକଟ୍(୭୧.୧%), ଡେଲାଓ୍ୱେର(୭୦.୮%), ଫ୍ଲୋରିଡା(୭୨.୯%), ମେରିଲାଣ୍ଡ(୭୨.୨%), ମାସାଚ୍ୟୁସେଟ୍ସ(୭୩.୪%), ମିଶିଗାନ(୭୩.୫%) ଓ ମୋଣ୍ଟାନା(୭୨.୩%)।
- ଏଥର ଅର୍କାନ୍ସାସରେ ସର୍ବନିମ୍ନ ୫୬.୧% ଭୋଟ ଗ୍ରହଣ କରାଯାଇଛି।
- ଆମେରିକାରେ ବିଶ୍ୱର ସବୁଠୁ କମ୍ ମତଦାନ ହୋଇଆସୁଥିବାବେଳେ ୨୦୨୦ ନିର୍ବାଚନର ଭୋଟ ହାର ଉଲ୍ଲେଖଯୋଗ୍ୟ ବୋଲି ଟାଇମ୍ ମାଗାଜିନ ପ୍ରକାଶ କରିଛି।
- ନିକଟ ଅତୀତରେ ବିଶ୍ୱର ୩୫ ରାଷ୍ଟ୍ରର ମତଦାନ ହାରକୁ ଅନୁଧ୍ୟାନ କଲେ ଆମେରିକା ୩୦ତମ ସ୍ଥାନରେ ରହିଥିବା ପିଉ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି।
- ଗୁରୁବାର ଅପରାହ୍ନ ସୁଦ୍ଧା ବାଇଡେନ୍‌ଙ୍କୁ ୭୩ ନିୟୁତରୁ ଊର୍ଦ୍ଧ୍ୱ ଭୋଟ ମିଳିଛି, ଯାହାକି ୨୦୧୬ରେ ଡେମୋକ୍ରାଟ୍ ହିଲାରୀ କ୍ଲିଣ୍ଟନ ପାଇଥିବା ଭୋଟରୁ ୮ ନିୟୁତ ଅଧିକ।
- ଟ୍ରମ୍ପ୍‌ଙ୍କ ସପକ୍ଷରେ ଅଦ୍ୟାବଧି ୬୯ ନିୟୁତ ଭୋଟ ଯାଇଛି, ଯାହାକି ରିପବ୍ଲିକାନ୍ ପାର୍ଟି ସମର୍ଥନରେ ଏଯାଏ ସବୁଠୁ ଅଧିକ ମତଦାନ।




## ବୈଧ ଭୋଟରେ ସହଜରେ ଜିତିବି

ନିର୍ବାଚନରେ ଯଦି କେବଳ ଆଇନଗତ ଭୋଟଗୁଡ଼ିକୁ ଗଣତି କରାଯିବ ତେବେ ସହଜରେ ଜିତିଯିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୃଢ଼ୋକ୍ତି ବାଢ଼ିଛନ୍ତି। ରିପବ୍ଲିକାନ୍ ଟ୍ରମ୍ପ୍‌ଙ୍କ ମତରେ ଯେଉଁ ମତଦାନ କେନ୍ଦ୍ରକୁ ପର୍ଯ୍ୟବେକ୍ଷକଙ୍କୁ ଯିବାକୁ ଅନୁମତି ନ ଦେଇ ଭୋଟ ଦିଆଯାଇଛି ସେଗୁଡ଼ିକୁ ବେଆଇନ ଭୋଟ ବୋଲି ବିବେଚନା କରାଯିବା ଉଚିତ। ଅଦାଲତ ହିଁ ଏନେଇ ନିଷ୍ପତ୍ତି ନେବେ ବୋଲି ଟ୍ରମ୍ପ୍ କହିଛନ୍ତି।



## ଦିନକରେ ହଟିଲା ଟ୍ରମ୍ପଙ୍କ ୧୨ ଟୁଇଟ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ୧୨ ଟୁଇଟ୍‌କୁ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ହଟାଇଦେଇଛି। ନିର୍ବାଚନ ପରେ ଟ୍ରମ୍ପ୍ ୨୪ ଘଣ୍ଟା ମଧ୍ୟରେ ୩୨ଟି ଟୁଇଟ୍ କରିଥିଲେ। ସେଥିରୁ ୧୨ଟିକୁ ଟୁଇଟର୍ ବିବାଦୀୟ ଓ ନିର୍ବାଚନୀ ପ୍ରକ୍ରିୟାକୁ ନେଇ ବିଭ୍ରାନ୍ତିକର କହି ହଟାଇଦେଇଛି। ଏନେଇ ଟ୍ରମ୍ପ୍ କହିଛନ୍ତି, ଟୁଇଟର୍ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ସରକାରଙ୍କ ଉପହାର ଧାରା ୨୩୦ ପ୍ରୟୋଗ କରି ଏପରି କରିପାରିଛି!

## ଟ୍ରମ୍ପ୍‌ଙ୍କୁ ତାଙ୍କ ଭାଷାରେ କଟାକ୍ଷ କଲେ ଗ୍ରେଟା

ୱାଶିଂଟନ, ୬।୧୧(ଆଇଏଏନ୍ଏସ୍)

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ସ୍ୱିଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ତାଙ୍କ ନିଜ ଭାଷାରେ କଟାକ୍ଷ କରିଛନ୍ତି। ଭୋଟ ଗଣତି ବନ୍ଦ କରିବା ଲାଗି ଟ୍ରମ୍ପ୍ ଟୁଇଟ୍ କରିଥିବାବେଳେ ୧୭ ବର୍ଷୀୟା ଗ୍ରେଟା ମାଇକ୍ରୋ-ବ୍ଲଗିଙ୍ଗ୍ ପ୍ଲାଟ୍‌ଫର୍ମରେ ଏହାର ଜବାବ ଦେଇ 'ଅତି ହାସ୍ୟାସ୍ପଦ' ବୋଲି ଉଲ୍ଲେଖ କରିଛନ୍ତି। ଟ୍ରମ୍ପ୍ ତାଙ୍କ କ୍ରୋଧ ପରିଚାଳନା ସମସ୍ୟାର ସମାଧାନ କରନ୍ତୁ ଏବଂ ନିଜକୁ ଶାନ୍ତ କରିବା ଲାଗି ଜଣେ ବନ୍ଧୁଙ୍କ ସହ ଯାଇ ଗୋଟିଏ ଭଲ ପୁରୁଣା ଫ୍ୟାଶନ୍‌ର ଚଳଚ୍ଚିତ୍ର 'ଚିଲ୍ ଟ୍ରମ୍ପ୍, ଚିଲ୍' ଦେଖନ୍ତୁ। ଗ୍ରେଟାଙ୍କର ଏହି ଟୁଇଟ୍‌କୁ କିଛି ଘଣ୍ଟା ମଧ୍ୟରେ ୧୦ ଲକ୍ଷରୁ ଅଧିକ ଲାଇକ୍ କରିଥିବାବେଳେ ୩ ଲକ୍ଷ ରିଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ ଗ୍ରେଟାଙ୍କୁ



### ଭୋଟ ଗଣତି ବନ୍ଦ କରିବା ଲାଗି କହିବା 'ଅତି ହାସ୍ୟାସ୍ପଦ'

ଟାଇମ୍ ପତ୍ରିକା 'ପର୍ସନ ଅଫ୍ ଦି ଇୟର' ଘୋଷଣା କରିବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ଏହାକୁ ସମାଲୋଚନା କରି ଟ୍ରମ୍ପ୍ ୨୦୧୯ ଡିସେମ୍ବର ୧୨ରେ ଅନୁରୂପ ମନ୍ତବ୍ୟ ଟୁଇଟ୍ କରିଥିଲେ। ସେ ଲେଖିଥିଲେ, ଏହା ଅତ୍ୟନ୍ତ, ହାସ୍ୟାସ୍ପଦ, ଗ୍ରେଟା ତାଙ୍କ କୋଧ ପରିଚାଳନା ସମସ୍ୟା ଦିଗରେ କାର୍ଯ୍ୟ କରନ୍ତୁ ଓ ପରେ ଜଣେ ବନ୍ଧୁଙ୍କ ସହ ଯାଇ 'ଚିଲ୍ ଗ୍ରେଟା, ଚିଲ୍' ପୁରୁଣା ଫ୍ୟାଶନ ଚଳଚ୍ଚିତ୍ର ଦେଖନ୍ତୁ।

## ବିହାର ଭୋଟ ଆଜି ସରିବ

### ୭୮ ଆସନ:୧,୨୦୪ ପ୍ରାର୍ଥୀ

**ପାଟନା,୬।୧୧:** ବିହାର ବିଧାନସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ୭ ତାରିଖରେ ହେବାକୁ ଯାଉଥିବାବେଳେ ପ୍ରସ୍ତୁତିପର୍ବ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୫ ଜିଲାର ୭୮ ଆସନ ଲାଗି ଭୋଟଗ୍ରହଣ କରାଯିବାକୁ ଥିବାବେଳେ ମୋଟ ୧,୨୦୪ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ୧୧୦ ମହିଳା ପ୍ରାର୍ଥୀ ଅଛନ୍ତି। ନିର୍ବାଚନ ଲାଗି ସମସ୍ତ ପ୍ରସ୍ତୁତିପର୍ବ ପ୍ରାୟ ଶେଷ ହୋଇଥିବାବେଳେ କଡ଼ା ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯାଇଛି। ୨.୩୫ କୋଟିରୁ ଊର୍ଦ୍ଧ୍ୱ ଭୋଟର ଏହି ପର୍ଯ୍ୟାୟରେ ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିବେ। ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କରାଯିବ। ମାଓବାଦୀସ୍ପ୍ରବଣ ୪ ନିର୍ବାଚନ ମଣ୍ଡଳୀରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଏଚ୍.ଆର୍. ଶ୍ରୀନିବାସ କହିଛନ୍ତି। ମୋଟ ୩୩,୭୮୨ ପୋଲିଂ ଷ୍ଟେଶନ ମଧ୍ୟରୁ ୪,୯୯୯ଟି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ମାଓବାଦୀ ପ୍ରବଣ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କୋଭିଡ୍ କଟକଣାକୁ ମାନି ସମସ୍ତ କାର୍ଯ୍ୟ କରାଯିବ ଓ ସବୁ ବୁଥ୍‌କୁ ସାନିଟାଇଜ୍ କରାଯିବାର ବ୍ୟବସ୍ଥା କରାଯାଇଛି।

ଚୂଡ଼ାନ୍ତ ପର୍ଯ୍ୟାୟରେ ଭାଜପା ୩୫, ଜେଡିୟୁ ୩୭, ଭିଆଇପି ୫, ହିନ୍ଦୁସ୍ତାନୀ ଆଓ୍ୱାମ୍ ମୋର୍ଚ୍ଚା ୧, ଆର୍‌ଜେଡି ୪୬, କଂଗ୍ରେସ ୨୫, ବାମଦଳ ୭, ଏଲ୍‌ଜେପି ୪୨, ଆର୍‌ଏଲ୍‌ଏସ୍‌ପି ୨୩, ବିଏସ୍‌ପି ୧୯ ଓ ଏନ୍‌ସିପି ୩୧ ଆସନରେ ପ୍ରାର୍ଥୀ ଦେଇଛନ୍ତି। ଏହି ପର୍ଯ୍ୟାୟରେ ୧୨ ମନ୍ତ୍ରୀ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି। ପ୍ରକାଶଥାଉ କି, ୨୪୩ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାର ଭୋଟ ୩ ପର୍ଯ୍ୟାୟରେ କରାଯାଉଛି। ଭୋଟ ଫଳାଫଳ ନଭେମ୍ବର ୧୦ରେ ଜଣାପଡ଼ିବ।

## ସିଏଏ ଶୀଘ୍ର ଲାଗୁ ହେବ



### ମମତାଙ୍କ ଗଡ଼ରେ ଶାହା

କୋଲକାତା,୬।୧୧: ଖୁବ୍‌ଶୀଘ୍ର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ କରାଯିବ। ପଶ୍ଚିମବଙ୍ଗର ବିକାଶ ଲାଗି ଭାଜପା ବଦ୍ଧ ପରିକର ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁକ୍ରବାର କହିଛନ୍ତି। କେନ୍ଦ୍ର ସରକାର ଆଣିଥିବା ଆଇନ ତା ବାଟରେ ଯିବ, ଏହାକୁ କେହି ଅଟକାଇ ପାରିବେ ନାହିଁ ବୋଲି ଶାହା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗରେ ରାଜନୈତିକ ହତ୍ୟା କରାଯାଉଛି, ହେଲେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋକୁ ତଥ୍ୟ ଆସୁନି। ରାଜ୍ୟ ସରକାର ୨୦୧୮ରୁ ଏନେଇ ତଥ୍ୟ ଲୁଚାଉଛନ୍ତି। ମମତା ବାନାର୍ଜୀ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ଶାହା ଦାବି କରିଛନ୍ତି।

## ମହାରାଷ୍ଟ୍ର ବିଧାନସଭା ସଚିବଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୬।୧୧(ପି.ଟି.)

ରିପବ୍ଲିକାନ ଟିଭିର ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ ବିଧାନସଭା ନୋଟିସକୁ ସୁପ୍ରିମକୋର୍ଟଙ୍କୁ ହସ୍ତାନ୍ତର କରି ଗୋପନୀୟତା ଉଲ୍ଲଂଘନ କରିଥିବା ଅଭିଯୋଗରେ ମହାରାଷ୍ଟ୍ର ବିଧାନସଭା ସଚିବ ତାଙ୍କୁ ଚେତାବନୀ ଦେଇ ପତ୍ର ଲେଖିଥିଲେ। ଏଥିପାଇଁ ତାଙ୍କ ବିରୋଧରେ କ'ଣ ପାଇଁ ଅଦାଲତ ଅବମାନନା ମକଦ୍ଦମା ନ ଚାଲିବ ୨ ସପ୍ତାହ ମଧ୍ୟରେ ସ୍ପଷ୍ଟୀକରଣ ଦେବା ପାଇଁ ସର୍ବୋଚ୍ଚ ଅଦାଲତ ଶୁକ୍ରବାର ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି।

ମହାରାଷ୍ଟ୍ର ବିଧାନସଭା ସ୍ୱାଧିକାର ଭଙ୍ଗ ମାମଲାରେ ଅର୍ଣ୍ଣବଙ୍କ ଗିରଫଦାରି ଉପରେ ସର୍ବୋଚ୍ଚ ଅଦାଲତ ରୋକ୍ ଲଗାଇଥିଲେ। ଅକ୍ଟୋବର ୧୩ରେ ସଚିବ ଲେଖିଥିବା ପତ୍ରକୁ ଖଣ୍ଡପୀଠ ଗୁରୁତର ସହ ନେଇଛନ୍ତି। ଅର୍ଣ୍ଣବଙ୍କ ଓକିଲ ହରିଶ୍ ସାଲ୍‌ଭେଙ୍କ ଠାରୁ ଉକ୍ତ ପତ୍ର ସମ୍ପର୍କରେ ଶୁଣିବା ପରେ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ଏହା ଅଦାଲତ ଅବମାନନା ବୋଲି ଖଣ୍ଡପୀଠ କହିଥିଲେ। ଆବେଦନକାରୀ କୋର୍ଟ ଯାଇଥିବାରୁ ତାଙ୍କୁ ଧମକାଇବା ଉକ୍ତ ପତ୍ରର ଉଦ୍ଦେଶ୍ୟ ବୋଲି ସ୍ପଷ୍ଟ ହେଉଛି। ସେଥିପାଇଁ ସମ୍ବିଧାନର ଅନୁଚ୍ଛେଦ ୧୨୯ରେ ପ୍ରଦତ୍ତ କ୍ଷମତା ବଳରେ ସଚିବଙ୍କୁ କ'ଣ ପାଇଁ ଦଣ୍ଡିତ କରା ନ ଯିବ କାରଣ ଦର୍ଶାଇବାକୁ ଖଣ୍ଡପୀଠ କହିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନ ରହିଛନ୍ତି।

### ଅର୍ଣ୍ଣବଙ୍କୁ ଧମକପୂର୍ଣ୍ଣ ପତ୍ର ଲେଖିବା ଘଟଣା

## ଆଜି ଅର୍ଣ୍ଣବଙ୍କ ଜାମିନ ଶୁଣାଣି

**ମୁମ୍ବାଇ, ୬।୧୧:** ଜଣେ ଇଣ୍ଟେରିୟର ଡିଜାଇନରଙ୍କୁ ତାଙ୍କ ବକେୟା ୮୩ ଲକ୍ଷ ଟଙ୍କା ନ ଦେଇ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ରିପବ୍ଲିକ୍ ଟିଭି ଏଡିଟର-ଇନ୍-ଚିଫ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ବୁଧବାର ଗିରଫ କରାଯାଇଥିଲା। ଶୁକ୍ରବାର ବମ୍ବେ ହାଇକୋର୍ଟରେ ତାଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ ହୋଇ ନ ପାରିବାରୁ ଶନିବାର ଏହା ଜାରି ରହିବ। ଏଥିଯୋଗୁ ଅର୍ଣ୍ଣବଙ୍କୁ ତୃତୀୟ ରାତି ହାଜତରେ କଟାଇବାକୁ ପଡ଼ିଛି।

୨୦୧୮ରେ ସ୍ଥପତି ଅନ୍ୱୟ ନାଏକ ରିପବ୍ଲିକ୍ ଟିଭିଠାରୁ ନିଜ କାମର ବକେୟା ଟଙ୍କା ପାଇ ନ ଥିଲେ। ଏହା ଆତ୍ମହତ୍ୟାର କାରଣ ବୋଲି ଅନ୍ୱୟ ସୁଇସାଇଡ ନୋଟ୍‌ରେ ଲେଖିଥିଲେ। ପୋଲିସ ଅର୍ଣ୍ଣବଙ୍କୁ ଗିରଫ ପରେ ହେପାଜତକୁ ନେବା ଲାଗି ଆବେଦନ କରିଥିଲେ ହେଁ ମୁଖ୍ୟ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଏହାକୁ ଖାରଜ କରିଦେଇ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ଜଷ୍ଟିସ୍ ଏସ୍.ଏସ୍. ସିନ୍ଧେ ଏବଂ ଏମ୍.ଏସ୍. କାର୍ନିକଙ୍କ ଖଣ୍ଡପୀଠ ଶୁକ୍ରବାର ଅର୍ଣ୍ଣବଙ୍କ ଓକିଲ ହରିଶ୍ ସାଲ୍‌ଭେ ଏବଂ ଆବଦ ପୋଣ୍ଡାଙ୍କ ଜବାବ ଶୁଣିବା ପରେ ଆଉ ସମୟ ନ ଥିବାରୁ ଶନିବାର ଶୁଣାଣି ଜାରି ରହିବ ବୋଲି କହିଥିଲେ।



## ସଂକ୍ଷେପରେ

### ୨୮ରେ ବଡ଼ଓଷା: ୨୯ରେ ଗଜ ଭୋଗ

**ଭକ୍ତଙ୍କ ପାଇଁ ସିଧାପ୍ରସାରଣ ବ୍ୟବସ୍ଥା**

**ଖୁଣ୍ଟୁଣୀ,୬ା୧୧ (ଡ଼ି.ଏନ.ଏ.):** ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷା ପର୍ବ ପାଳନ କରାଯିବ। ଏଥିପାଇଁ ଆଠଗଡ ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଧବଳେଶ୍ୱରଙ୍କ ପୀଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ ଉପଜିଲାପାଳ ଅଜାମ୍ବର ମହାନ୍ତି ଅଧକ୍ଷତା କରିଥିଲେ। କରୋନା ଯୋଗୁ ଚଳିତବର୍ଷ ଏହି ପର୍ବକୁ ବିନା ଭକ୍ତରେ ପାଳନ କରାଯିବ। ଆସନ୍ତା ୨୮ ତାରିଖ ରାତିରୁ ମନ୍ଦିରରେ ବଡ଼ଓଷା ଭୋଗ ଲାଗିବା ପରେ ୨୯ ସକାଳୁ ଗଜଭୋଗ ସର୍ବସାଧରଣଙ୍କୁ ପ୍ରଦାନ କରାଯିବ। ପଞ୍ଚକର ପ୍ରଥମ ୩ ଦିନ ମହାପ୍ରଭୁଙ୍କ ବଡ଼ସିଂହାର ବେଶ, ଚତୁର୍ଥ ଓ ପଞ୍ଚମ ଦିନ ନାଗାର୍ଜୁନ ବେଶ ଏବଂ ପୂର୍ଣ୍ଣିମାରେ ଯୋଗୀ ବେଶ ଅନୁଷ୍ଠିତ ହେବ। ଭକ୍ତମାନଙ୍କ ସୁବିଧା ଲାଗି ଏହି ବେଶର ସିଧାପ୍ରସାରଣ ବ୍ୟବସ୍ଥା କରାଯିବ। ଏହି ୬ ଦିନ ମହାପ୍ରଭୁଙ୍କର ସମସ୍ତ ନୀତି ସେବାୟତମାନେ ବିଧି ଅନୁସାରେ କରିବେ। ସମସ୍ତ ସେବାୟତଙ୍କର ଥର୍ମାଲ ସ୍କ୍ରିନିଂ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ପୋଲିସ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଦେବୋତ୍ତର ସହକାରୀ କମିଶନର ଦେବାଶିଷ ଦାସ, ଅତିରିକ୍ତ ଏସପି ପି.କେ. ଜେନା, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ଗୁରୁଡିଝାଟିଆ ଆଇଆଇସି ବିଜୟ କୁମାର ବିଶି, ଉପଖଣ୍ଡ ସୂଚନା ଅଧିକାରୀ ଶାରଦା ପ୍ରସନ୍ନ ମହାନ୍ତି , ମଞ୍ଚେଶ୍ୱର ସରପଞ୍ଚ ପ୍ରିୟବ୍ରତ ସାହୁ, ସମିତି ସଭ୍ୟ ଅଶୋକ ଖଟୁଆଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତହସିଲଦାର ତପନ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ଫାର୍ମାସିଷ୍ଟ ସଂଘର ନୂତନ କର୍ମକର୍ତ୍ତା

**କଟକ ଅଫିସ,୬ା୧୧:** ଆସନ୍ତା ୨ବର୍ଷ ନିମନ୍ତେ ଓଡ଼ିଶା ଫାର୍ମାସିଷ୍ଟ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏ ସମ୍ପର୍କରେ ସଂଘର କର୍ମକର୍ତ୍ତାମାନେ ଏସ୍‌ସିବି ଫାର୍ମାସୀ ଉଇଙ୍ଗରେ ଆୟୋଜିତ ଏକ ସମ୍ମିଳନୀରେ ମିଳିତ ନିଷ୍ପତ୍ତି ନେଇଛନ୍ତି । ସଂଘର ସଭାପତି ଭାବେ ଦୀପ୍ତିରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଚିନ୍ମୟ କୁମାର ସିହ୍ନା, ଉପସଭାପତି ସୁଧାଂଶୁ ଶେଖର ପଣ୍ଡା, ଚନ୍ଦ୍ରଶେଖର ମହାନ୍ତି, ଶେଷରାମ ପ୍ରଧାନ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ମମତା ଚୌଧୁରୀ, ବନୀତା ଜେନା ପାଇଶାଣୀ, ସମ୍ପାଦକ ଅନ୍ତ ମୁର୍ମୁ, ପ୍ରିତିମୟୀ ସାହୁ, ଅମିତ୍ କୁମାର ମଲ୍ଲିକ, ସୁଧୀର କୁମାର ପାଣିଗ୍ରାହୀ, ନିଜୀତା ମିଶ୍ର ଏବଂ କୋଷାଧକ୍ଷ ଭାବେ ପ୍ରଭାତ ସାହୁ ମନୋନୀତ ହୋଇଛନ୍ତି। ପରାମର୍ଶଦାତା କମିଟିରେ ଦଶରଥ ଦାସ, ଅକ୍ଷୟ କୁମାର ବିଶ୍ୱାଳ, ନାରାୟଣ ପ୍ରସାଦ ତିୱାରୀ, ପ୍ରଦ୍ୟୁମ୍ନ ସେଠୀ, ରାଜେନ୍ଦ୍ର କୁମାର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ କର୍ମକର୍ତ୍ତା ମଣ୍ଡଳୀ କ୍ୟାଡର ପୁନର୍ଗଠନ, ଖାଲିଥିବା ନିୟମିତ ପଦବୀ ପୂରଣ ଏବଂ କୋଭିଡ୍‌ରେ ପ୍ରାଣହାନି ଘଟିଥିବା ସଦଶ୍ୟଙ୍କ ପରିବାର ଲୋକଙ୍କୁ ତୁରନ୍ତ ସରକାରୀ ପ୍ରାପ୍ୟ ପ୍ରଦାନ କରାଇବା ନିମନ୍ତେ ପ୍ରାଥମିକତା ଆଧାରରେ କାମ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସାଧାରଣ ସମ୍ପାଦକ ଜେନା କହିଛନ୍ତି ।

### ଦାଦାବଟି ଆଦାୟ: ୨ ଗିରଫ

**ଚୌଦ୍ୱାର, ୬ା୧୧(ଡି.ଏନ୍.ଏ.):** ଦାଦାବଟି ଆଦାୟ ଅଭିଯୋଗରେ ଚୌଦ୍ୱାର ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟିପିଏମ୍ ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ଗ୍ରାମର ଅଜୟ ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ମହାରଣା। ପୋଲିସ ସୂଚନା ଅନୁଯାୟୀ, ଇନ୍ଦାଣୀପାଟଣା ପଞ୍ଚାୟତରେ ଥିବା ଏକ ଘରୋଇ ଲଜିଷ୍ଟିକ୍ କମ୍ପାନୀରେ ପଶି କର୍ମଚାରୀ, କଣ୍ଟ୍ରାକ୍ଟର ଓ ଲଜିଷ୍ଟିକ୍ ଡ୍ରାଇଭରମାନଙ୍କୁ ଧମକ ଦେଇ ଅଭିଯୁକ୍ତ ଦ୍ୱୟ ନିୟମିତ ଦାଦାବଟି ଆଦାୟ କରୁଥିଲେ। ଏ ନେଇ କମ୍ପାନୀ ମାଲିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୫୨୨/୨୦) ରୁଜୁ କରିଥିଲା।

# ମାପଚୁପକୁ ବିରୋଧ, ଉତ୍ତେଜନା

**ସିଦ୍ଧମହାବୀର ଆର୍‌ଓବି**
**ଚିହ୍ନଟ ସ୍ଥାନ ପରିବର୍ତ୍ତନ ଦାବି**

**ପୁରୀ ଅଫିସ, ୬ା୧୧**

ପୁରୀର ବହୁ ପ୍ରତୀକ୍ଷିତ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ (ଆର୍‌ଓବି) ପାଇଁ ଜମି ଅଧିଗ୍ରହଣ ନିମନ୍ତେ ମାପଚୁପ ଓ ସର୍ଭେ କାମ ଚାଲିଛି। ଶୁକ୍ରବାର ମାଟିଆପଡ଼ା ଛକରେ ମାପଚୁପ ଚାଲିଥିବାବେଳେ କ୍ଷତିଗ୍ରସ୍ତ ହେବାକୁ ଥିବା ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ପ୍ରତିବାଦ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ବ୍ୟବସାୟୀମାନେ ଆର୍‌ଓବି ପାଇଁ ଚିହ୍ନଟ ସ୍ଥାନ ପରିବର୍ତ୍ତନ ଦାବି କରିଥିଲେ। ମାଟିଆପଡ଼ା ଓ ସିଦ୍ଧମହାବୀର ଦେଇ ଆର୍‌ଓବି ଗଲେ ଶତାଧିକ ସ୍ଥିତିବାନ ଲୋକ ବାସହୀନ ହୋଇପଡ଼ିବେ। ବହୁ ବ୍ୟବସାୟୀ ମଧ୍ୟ କ୍ଷତିଗ୍ରସ୍ତ ହେବେ। ତେଣୁ ସରକାରୀ ଜମି ଦେଇ ଏହାକୁ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ବିନା ପଲ୍ଲିସଭାରେ ମାପଚୁପ ଏବଂ ସର୍ଭେ କରାଯାଉଥିବା ଲୋକେ କହିଛନ୍ତି।

ପୁରୀ-କୋଣାର୍କ ରାସ୍ତାର ସିଦ୍ଧମହାବୀର ଲେଭଲ କ୍ରସିଂ ଉପରେ ଆର୍‌ଓବି ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ପୁରୀ ଜିଲାର କୋଣାର୍କ, ଗୋପ, କାକଟପୁର, ନିମାପଡ଼ା ସମେତ ପଡ଼ୋଶୀ ଜଗତ୍‌ସିଂହପୁର ଜିଲାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଆର୍‌ଓବି ନ ଥିବାରୁ ଟ୍ରାଫିକ ଜାମ୍ ହେଉଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ଆମ୍ବୁଲାନ୍ସ ମଧ୍ୟ ଫସିରହୁଛି। ଦୀର୍ଘବର୍ଷର ଦାବି ଏବେ ପୂରଣ ହେବାକୁ ଯାଉଛି। ଆର୍‌ଓବି ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ସର୍ବସାଧାରଣରେ ନୋଟିସ ପ୍ରକାଶ ପରେ ଜାତୀୟ ରାଜପଥ ବିଭାଗ ଓ କମ୍ପିଟେଣ୍ଟ ଅଥରିଟି ଅଫ୍ ଲ୍ୟାଣ୍ଡ ଆକ୍ୱିଜିଶନ (କାଲା) ପକ୍ଷରୁ ସର୍ଭେ ଏବଂ ମାପଚୁପ ଚାଲିଛି। ପ୍ରସ୍ତାବିତ ପ୍ରକଳ୍ପ ଓ ଡିଜାଇନ ଅନୁଯାୟୀ ଏହି ଆର୍‌ଓବି ମାଟିଆପଡ଼ା ଓ ସିଦ୍ଧମହାବୀର ଦେଇ ଯିବ। ଏଥିପାଇଁ ୨.୬୬ ଏକର ଜମି ଅଧିଗ୍ରହଣ କରାଯିବ। ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ବାଲୁଖଣ୍ଡ, କୁମୁଟିପାଟଣା, ମାଟିଆପଡ଼ା ଓ ସିଦ୍ଧମହାବୀର ମୌଜାରେ ୧୨୯ଟି ପ୍ଲଟ ରହିଛି। ଏହାମଧ୍ୟରେ ଘରବାଡ଼ି, ପୁରାତନ ପଡ଼ିଆ, ରାସ୍ତା, ଦେବସ୍ଥଳୀ, ବଗାୟତ, ଜଳାଶୟ ଓ ଘର ଆଦି ରହିଛି। ବାଲୁଖଣ୍ଡ ମୌଜାରେ ୧୨, କୁମୁଟିପାଟଣା ମୌଜାରେ ୪୮, ମାଟିଆପଡ଼ା ମୌଜାରେ ୩୦ ଓ ସିଦ୍ଧମହାବୀର ମୌଜାରେ ୩୯ଟି ପ୍ଲଟ ରହିଛି। ଏହି ଆର୍‌ଓବି ପାଇଁ ୫୩ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ସହ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ସରିଛି। ସର୍ଭେ ଓ ମାପଚୁପ ସରିବା ପରେ ଫାଇନାଲ ଡିଜାଇନ ପ୍ରସ୍ତୁତ ହେବ। ଅଞ୍ଚଳବାସୀ ଆର୍‌ଓବିକୁ ସ୍ୱାଗତ କରୁଥିଲେ ମଧ୍ୟ ଚିହ୍ନଟ ସ୍ଥାନ ପରିବର୍ତ୍ତନ କରି ସରକାରୀ ଜମିରେ ଆର୍‌ଓବି ନିର୍ମାଣ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଜମି ଅଧିଗ୍ରହଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା କହିଛନ୍ତି, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ ଆର୍‌ଓବି ପାଇଁ କାମ ଚାଲିଛି। ବର୍ତ୍ତମାନ ଜମି ମୂଲ୍ୟ ନିର୍ଦ୍ଧାରଣ କରାଯିବ। ଥ୍ରୀ ଜି ନୋଟିଫିକେଶନ ଅନୁଯାୟୀ ମୂଲ୍ୟ ନିର୍ଦ୍ଧାରଣ ସରିଲେ ଗୃହକର୍ତ୍ତାଙ୍କୁ ମୂଲ୍ୟ ସଂକ୍ରାନ୍ତରେ ଜଣାଇ ଦିଆଯିବ। ଯଦି କିଛି ଦାବି ଥିବ ତାହା ଜିଲା ପ୍ରଶାସନକୁ ଜଣାଇବା ପାଇଁ ସେମାନଙ୍କୁ ୨ମାସ ସମୟ ଦିଆଯିବ।



ଉତ୍ତେଜନାବେଳେ ଘଟଣାସ୍ଥଳରେ ସ୍ଥାନୀୟ ବାସିନ୍ଦା ଓ ପୋଲିସ।

# ୯ରେ ରୁପା ଛାଉଣି ଡିଜାଇନ ଚୂଡ଼ାନ୍ତ

**ଝଲସିବ ଶ୍ରୀମନ୍ଦିର ୮ ଦ୍ୱାର**



**ପୁରୀ ଅଫିସ, ୬ା୧୧**

ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପାରେ ଝଲସିବ। ଜୟ ବିଜୟ, କଳାହାଟ, ବେହେରଣ, ସାତ ପାହାଚ, ପଶ୍ଚିମ ଭୋଗ ମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଏବଂ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭଦ୍ୱାରକୁ ରୁପା ଛାଉଣି କରାଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ଜଣେ ଭକ୍ତ ବହନ କରିବେ। ଏହି ୮ଟି ଦ୍ୱାର କବାଟରେ ପ୍ରାୟ ଅଢ଼େଇ ଟନ୍ ରୁପା ଲାଗିବ। ଏ ନେଇ ଗଠିତ କମିଟିର ବୈଠକ ଆସନ୍ତା ୯ ତାରିଖରେ ନୀଳାଦ୍ରି ଭକ୍ତ ନିବାସରେ ବସିବ। ଏଥିରେ ସମ୍ପୃକ୍ତ ଭକ୍ତଙ୍କ ପକ୍ଷରୁ ମୁମ୍ବାଇର କାରିଗର ଓ ଡିଜାଇନର ଯୋଗଦେବେ। ବୈଠକରେ ରୁପା ଡିଜାଇନ ଚୂଡ଼ାନ୍ତ କରାଯିବ।

ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପା ଛାଉଣି ପାଇଁ ଗତ ୨୭ ତାରିଖରେ ୨୧ ଜଣିଆ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କବାଟ ତିଆରିଠାରୁ ରୁପା ଛାଉଣି ପର୍ଯ୍ୟନ୍ତ ସମସ୍ତ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କେଉଁଠି ତିଆରି ହେବ, କେତେଜଣ କାରିଗର ଲାଗିବେ, ସିସିଟିଭିରେ କାମର ତଦାରଖ, ଷ୍ଟୋର ରୁମ୍ ଆଦି ବିଷୟ ଚୂଡ଼ାନ୍ତ ହୋଇଥିଲା। ଶ୍ରୀମନ୍ଦିର ପରମ୍ପରା ରକ୍ଷା ତଥା ଉତ୍କଳୀୟ କଳା, କାରିଗରିର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କାମ ହେବ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଛି। ମାତ୍ର ରୁପା ଛାଉଣି ଡିଜାଇନ ଚୂଡ଼ାନ୍ତ ହୋଇପାରି ନ ଥିଲା। ସୂଚନାଥାଉ କି, ପ୍ରଥମେ ୮ଟି ଯାକ କବାଟ ବର୍ମା ଟିକ୍ କାଠରେ ତିଆରି କରାଯିବ। ଏହା ଉପରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରୁପା ଚାଦର ଆବରଣ କରାଯିବ। ପ୍ରଥମେ ସାତପାହଚ ଦ୍ୱାର ରୁପା ଛାଉଣି କରାଯିବ। ଯଦି ଏଥିରେ କୌଣସି ତ୍ରୁଟିବିଚ୍ୟୁତି ନଜରକୁ ଆସେ ତେବେ ପରବର୍ତ୍ତୀ ୭ଟି ଯାକ କବାଟରେ ଏହାକୁ ସଂଶୋଧନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।



ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଶୁକ୍ରବାର କାଫେଟେରିଆକୁ ଲୋକାର୍ପଣବେଳେ ଓଟିଡ଼ିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଓ ଅନ୍ୟମାନେ କେକ୍ କାଟୁଛନ୍ତି।

# ଇନ୍ଧନ ଦକ୍ଷ ଡ୍ରାଇଭିଂ ତାଲିମ ପାଇଁ ଚୁକ୍ତି ସ୍ୱାକ୍ଷର

**ଭୁବନେଶ୍ୱର, ୬ା୧୧ (ବ୍ୟୁରୋ)**

ଡ୍ରାଇଭର ତାଲିମ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଓ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ପେଟ୍ରୋଲିୟମ ସଂରକ୍ଷଣ ଅନୁସନ୍ଧାନ ସଂଘ ପକ୍ଷରୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି। ଏହାଦ୍ୱାରା ନିଗମର ପ୍ରାୟ ୭୫୦ ଡ୍ରାଇଭରଙ୍କୁ ଇନ୍ଧନ ଦକ୍ଷ ଡ୍ରାଇଭିଂ ଦକ୍ଷତା ଉପରେ ତାଲିମ ଦିଆଯିବ। ପେଟ୍ରୋଲିୟମର ଦକ୍ଷ ବ୍ୟବହାର ନେଇ ଡ୍ରାଇଭରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ହୋଇଥିବା ଏହି ଚୁକ୍ତିନାମାକୁ ଓଏସ୍‌ଆର୍‌ଟିସିର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଏବଂ ପେଟ୍ରୋଲିୟମ ସଂରକ୍ଷଣ ଅନୁସନ୍ଧାନ ସଂଘର ଅତିରିକ୍ତ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା ସ୍ୱାକ୍ଷରିତ କରିଛନ୍ତି। ଏହି ଅବସରରେ ବୋଥ୍ରା କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ସୂଚନା ଦେଇ କହିଲେ, ନିଗମ ସବୁବେଳେ ନାଗରିକଙ୍କୁ ଭଲ ବସ୍ ସେବା ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏପରି ମିଳିତ ପ୍ରୟାସ ଦ୍ୱାରା ପରିବେଶ ସଂରକ୍ଷଣରେ ଯୋଗଦାନ ବ୍ୟତୀତ ଇନ୍ଧନ ସହ ଅର୍ଥ ସଞ୍ଚୟ ହେବ। ବଜାରରେ ପ୍ରଚଳିତ ନୂତନ ଇନ୍ଧନ-ଦକ୍ଷ ପଦ୍ଧତି ଗ୍ରହଣ କରିବା ପାଇଁ ଡ୍ରାଇଭରଙ୍କୁ ଶିକ୍ଷାଦିଆ ଯାଇପାରିବ ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ଏହି ଚୁକ୍ତିନାମା ଡିଜେଲ ସଂରକ୍ଷଣ ତଥା ଦେଶର ପରିବହନ କ୍ଷେତ୍ରରେ ଡ୍ରାଇଭିଂର ସର୍ବୋତ୍ତମ ଅଭ୍ୟାସ ଆଣିବାକୁ ଲକ୍ଷ୍ୟ ରଖିଛି। ଇନ୍ଧନ ଦକ୍ଷତା ଉନ୍ନତି କାର୍ଯ୍ୟକ୍ରମ (ଏଫ୍‌ଇଆଇପି) ଖରାପ ପ୍ରଦର୍ଶନକାରୀ ଡ୍ରାଇଭର ଓ ବସ୍‌କୁ ଟାର୍ଗେଟ କରାଯାଇଛି। ଏହାଦ୍ୱାରା ନିଗମର ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରାଯାଇପାରିବ। ସଂଘ ଦ୍ୱାରା ବିକଶିତ ସଫ୍ଟୱେର୍ ଖରାପ ପ୍ରଦର୍ଶନକାରୀ ଡ୍ରାଇଭର ଓ ବସ୍ ଚିହ୍ନଟ କରିବ ଏବଂ ଇନ୍ଧନ ଦକ୍ଷ ଚାଳନାରେ ଉନ୍ନତି ପାଇଁ ପରାମର୍ଶ ଦେବ ବୋଲି ନିଗମ ପକ୍ଷରୁ କୁହାଯାଇଛି।

# ବ୍ଲୁ ଫ୍ଲାଗ୍ ବିଚ୍ ପର୍ଯ୍ୟଟକ ଉପକୃତ ହେବେ

**ଓଟିଡ଼ିସିର କାଫେଟେରିଆ ଲୋକାର୍ପିତ**

**ପୁରୀ ଅଫିସ, ୬ା୧୧**

ସମ୍ମାନଜନକ ବ୍ଲୁ ଫ୍ଲାଗ ମାନ୍ୟତା ପାଇଥିବା ପୁରୀର ସ୍ୱର୍ଣ୍ଣିମ ବେଳାଭୂମିରେ ଶୁକ୍ରବାର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡ଼ିସି) ପକ୍ଷରୁ କାଫେଟେରିଆ ଲୋକାର୍ପିତ ହୋଇଛି। ଓଟିଡ଼ିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଏହାକୁ ଲୋକାର୍ପଣ କରିବା ସହ ଖୁବ୍‌ଶୀଘ୍ର ଏହା ପର୍ଯ୍ୟଟକଙ୍କ ଆଦୃତି ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ବ୍ଲୁ ଫ୍ଲାଗ ବିଚ୍‌ରେ କାଫେଟେରିଆ ପରିଚାଳନା ନିମନ୍ତେ ଓଟିଡ଼ିସିକୁ ସୁଯୋଗ ଦେଇଥିବାରୁ ଅଧକ୍ଷା ମିଶ୍ର ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଏହି କାଫେଟେରିଆ ପର୍ଯ୍ୟଟକଙ୍କୁ ପୁରୀ ବେଳାଭୂମିକୁ ଉପଭୋଗ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ସ୍ୱର୍ଣ୍ଣିମ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅଧକ୍ଷା ମିଶ୍ର କୃତଜ୍ଞତା ଜଣାଇଥିଲେ।



କାଫେଟେରିଆ ସମ୍ପର୍କରେ ସୂଚନା ଦେଇ ଓଟିଡ଼ିସିର ପରିଚାଳନା ନିର୍ଦ୍ଦେଶକ ତଥା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଆର୍. ଯାଦବ କହିଛନ୍ତି, ଏଠାରେ ପର୍ଯ୍ୟଟକମାନେ ନିଜ ପସନ୍ଦ ମୁତାବକ ଖାଦ୍ୟର ବରାଦ ଦେଇପାରିବେ। ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ଅଭିଜ୍ଞ ରୋଷେୟାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇ ପର୍ଯ୍ୟଟକଙ୍କୁ ପରଷାଯିବ। ବିଶେଷକରି ଏହି କାଫେଟେରିଆରେ ବାଲିପ୍ରନ, ସାଣ୍ଡୱିଚ୍, ବେବିକର୍ନ, ଚିକେନ ପକୋଡ଼ା, ହ୍ୱକା ନୁଡୁଲ୍ସ, ଭେଜ ପକୋଡ଼ା, ପନିର ପକୋଡ଼ା ସହିତ ଆଇସକ୍ରିମ୍, ମିନେରାଲ ୱାଟର, ଚା ଓ କଫି ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ।

# ଓପିଏସ୍‌ସି କାର୍ଯ୍ୟାଳୟରେ ଇ-ଅଫିସ ଉଦ୍‌ଘାଟିତ

**କଟକ ଅଫିସ,୬ା୧୧**

ଓଡ଼ିଶା ଲୋକସେବା ଅୟୋଗ (ଓପିଏସ୍‌ସି) କାର୍ଯ୍ୟାଳୟରେ ଇ-ଅଫିସ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଓପିଏସ୍‌ସି ଅଧକ୍ଷ ବ୍ରିଗେଡିୟର ଲକ୍ଷ୍ମୀ ଚରଣ ପଟ୍ଟନାୟକ ଏହାର ଭର୍ଚୁଆଲ ଉଦ୍‌ଘାଟନ କରିଥିଲେ। ସେଣ୍ଟର ଫର ମର୍ଡନାଇଜିଙ୍ଗ ଗଭର୍ଣ୍ଣମେଣ୍ଟ ଇନିସିଏଟିଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲାମ ଯୋଗଦେଇ ଇ-ଅଫିସ୍‌ର କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଆୟୋଗର ବୈଷୟିକ ଉପଦେଷ୍ଟା କଲୋନେଲ ପ୍ରକାଶ ପାଣି ବିବରଣୀ ପ୍ରଦାନ ଓ ଅତିରିକ୍ତ ସଚିବ ସତ୍ୟବ୍ରତ ରାୟ ଧନ୍ୟବାଦ ଦେଇଥିଲେ। ଆୟୋଗ ସଭ୍ୟ ସୁଧାଂଶୁ ଶେଖର ରଥ, ବିଭୂତି ଭୂଷଣ ପଟ୍ଟନାୟକ, ସିଏମ୍‌ଜିଆଇର ପ୍ରୋଜେକ୍ଟ ସଂଯୋଜକ ପିନାକୀ ମହାନ୍ତି ଓ ମଳୟ ପ୍ରସାଦ ପାତ୍ର ଉପସ୍ଥିତ ଥିଲେ।

# ପୁଅକୁ ଝୁରି ମା'ଙ୍କ ଆତ୍ମହତ୍ୟା

**ସାଲେପୁର, ୬ା୧୧(ଡି.ଏନ୍.ଏ.):** ସାଲେପୁର ଥାନା ରୋଧପୁର ଗାଁ କଲେଜରୋଡ୍‌ରେ ମୃତ ପୁଅକୁ ଝୁରି ଝୁରି ଗୁରୁବାର ରାତିରେ ମାଆ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସୁଦାମ ଚରଣ ବେହେରାଙ୍କ ସ୍ତ୍ରୀ ଜୟଶ୍ରୀ। ସାଲେପୁରର ସିଡ଼ୋ ଗାଁରେ ସୁଦାମଙ୍କ ଘର ହୋଇଥିବାବେଳେ ପରିବାରକୁ ନେଇ ମାଛୁଆଡି ଅଞ୍ଚଳରେ ଭଡାରେ ରହୁଥିଲେ। ସେହି ଘରେ ଯୁକ୍ତ ୨ରେ ପଢୁଥିବା ପୁଅ ନୀଳକଣ୍ଠ କୌଣସି କାରଣରୁ ୨ମାସ ତଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ଉଭୟ ବାପା ଓ ମା' ମର୍ମାହତ ହୋଇପଡିଥିଲେ। ପରେ ରୋଧପୁର ଗାଁର କଲେଜରୋଡ୍‌ରେ ଘର ଭଡ଼ା ନେଇ ରହୁଥିଲେ। ଗୁରୁବାର ରାତିରେ ସେ ଘରର କବାଟକୁ ଭିତରପଟୁ ବନ୍ଦ କରି ଫ୍ୟାନ୍‌ରେ ଲୁଗା ବାନ୍ଧି ଝୁଲି ଆତ୍ମହତ୍ୟା କରିଥିଲେ। ସ୍ୱାମୀ ସୁଦାମ ଡ୍ୟୁଟି ସାରି ରାତିରେ ଘରକୁ ଫେରି ଏହା ଦେଖି ପଡୋଶୀଙ୍କୁ ଜଣାଇଥିଲେ। ଶୁକ୍ରବାର ସକାଳେ ପୋଲିସ କବାଟ ଭାଙ୍ଗି ଜୟଶ୍ରୀଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ବନ୍ଧୁକ ର୍‌ୟାକେଟ୍ ଠାବ





ଗିରଫ ବାପପୁଅ ଓ ଜବତ ବନ୍ଧୁକ।

- ୨ ବନ୍ଧୁକ, ଗୁଳି, ଟଙ୍କା ଜବତ
- ବାପପୁଅ ଗିରଫ

**ଚୌଦ୍ୱାର,୬ା୧୧(ଡି.ଏନ୍.ଏ.)**

ବାହାର ରାଜ୍ୟରୁ ଚୋରା ବନ୍ଧୁକ ଆଣି ଓଡ଼ିଶାରେ ଅପରାଧୀଙ୍କୁ ବିକ୍ରି କରୁଥିବା ଏକ ର୍‌ୟାକେଟ୍‌କୁ ଧରିଛି ଚୌଦ୍ୱାର ପୋଲିସ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ପାଣିଛତ୍ର ଗ୍ରାମର ବାବୁଲି ମହାରଣା(୬୧) ଓ ତାଙ୍କ ପୁଅ ସୋମନାଥ ମହାରଣା (୩୫)। ସେମାନଙ୍କଠାରୁ ୨ଟି ବନ୍ଧୁକ, ୨ଟି ଗୁଳି ଓ ୨ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ ମାମଲା(ନଂ.୫୨୪/୨୦) ରୁଜୁ ହୋଇଛି। ଚୌଦ୍ୱାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ଶୁକ୍ରବାର ସକାଳେ ବିରୂପା ବ୍ୟାରେଜ ନିକଟ ଓଭରବ୍ରିଜ ତଳେ ଚୋରା ବନ୍ଧୁକ କାରବାର ସମ୍ପର୍କରେ ସୂଚନା ମିଳିଥିଲା। ପରେ ସେଠାରେ ଚଢାଉ କରି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରାଯାଇଛି। ପଚରାଉଚରା ପରେ ସେମାନେ ବାହାର ରାଜ୍ୟରୁ ବନ୍ଧୁକ ଆଣି କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର ଆଦି ଜିଲାରେ କେତେଜଣ ଅପରାଧୀଙ୍କୁ ବିକ୍ରି କରିଥିବା କହିଛନ୍ତି। ବାବୁଲିଙ୍କ ନାଁରେ ଚନ୍ଦନପୁର, ବେଗୁନିଆ, ଜଙ୍କିଆ ଓ ଖୋର୍ଦ୍ଧା ଥାନାରେ ଏକାଧିକ ମାମଲା ରହିଛି। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଏସ୍‌ସିବିରେ ଭିଆର୍‌ଡିଏଲ୍ ଉଦ୍‌ଘାଟିତ

**କଟକ ଅଫିସ, ୬ା୧୧:** ଏସ୍‌ସିବି ମେଡିକାଲ ପରିସରରେ ଭୂତାଣୁ ନିଦାନ ଗବେଷଣା ପରୀକ୍ଷାଗାର(ଭିଆର୍‌ଡିଏଲ୍)ର ନୂତନ ଭାବେ ନିର୍ମିତ ହୋଇଥିବା ପ୍ରଶିକ୍ଷଣ ଓ ସୂଚନାକେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ମୁଖ୍ୟଅତିଥି ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରି କହିଥିଲେ, ଓଡିଶାରେ ଏଭଳି ଲାବରେଟୋରି ନିର୍ମାଣ ହେବା ଦ୍ୱାରା ଏଠାରେ ଗବେଷଣା ସହ ନିଦାନ ବ୍ୟବସ୍ଥା ହୋଇପାରିବ। ଏଠାରେ କୋଭିଡ୍-୧୯ ସମ୍ବନ୍ଧୀୟ ସୂଚନା ଓ ତାଲିମ ପ୍ରଦାନ ପାଇଁ ଏକ କେନ୍ଦ୍ର ଖୋଲାଯିବ। ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ, ଆରଡିସି ଅନିଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଏମ୍‌ପି ଭର୍ତ୍ତୃହରି ମହତାବ ଭିଆର୍‌ଡିଏଲ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ଖୋର୍ଦ୍ଧା: ୩୬ ହାଇସ୍କୁଲକୁ ଶ୍ରେଷ୍ଠ ସ୍କୁଲ ଆୱାର୍ଡ

**ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ ପାଇଁ ପୁରସ୍କାର**

**ଖୋର୍ଦ୍ଧା ଅଫିସ,୬ା୧୧**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ଖୋର୍ଦ୍ଧା ଜିଲାର ୩୬ ହାଇସ୍କୁଲକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶ୍ରେଷ୍ଠ ସ୍କୁଲ ଆୱାର୍ଡ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏବାବଦକୁ ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ମୂଳକ ରାଶି ଦିଆଯିବ ବୋଲି ଡିଇଓ ବନ୍ଦନା ମହାପାତ୍ର ସୂଚନା ଦେଇଛନ୍ତି। ମାଟ୍ରିକ ପରୀକ୍ଷାରେ ଜିଲାର ପାସହାର ୮୭.୨୮ ପ୍ରତିଶତ ରହିଛି। ଆସନ୍ତା ବର୍ଷ ମାଟ୍ରିକ ପରୀକ୍ଷାରେ ଯେପରି ଖୋର୍ଦ୍ଧା ଜିଲା ଏକ ନମ୍ବର ସ୍ଥାନରେ ରହିବ ଏବଂ ହାଇସ୍କୁଲ ଗୁଡିକରେ ସଫଳତା ହାର ବୃଦ୍ଧି ପାଇବ, ସେଥିଲାଗି ମାଷ୍ଟର ପ୍ଲାନ ଆରମ୍ଭ ହୋଇଛି। କରୋନା ମହାମାରୀ ସମୟରେ ଶିକ୍ଷା ସଂଯୋଗ ମାଧ୍ୟମରେ ଅନଲାଇନ ପାଠପଢା ତ୍ୱରିତ କରାଯାଇଛି ବୋଲି ଡିଇଓ ମହାପାତ୍ର କହିଛନ୍ତି।

ଆୱାର୍ଡ ପାଇବାକୁ ଥିବା ସ୍କୁଲଗୁଡ଼ିକ ହେଲା ବାଲିଅନ୍ତା ବ୍ଲକର ଆଞ୍ଚଳିକ ହରିହର ନୋଡାଲ ବିଦ୍ୟାଳୟ ବେଣାପୁର, ବାଲିଅନ୍ତା ନୋଡାଲ ହାଇସ୍କୁଲ ଓ ଅଚ୍ୟୁତାନନ୍ଦ ଆଦର୍ଶ ଉଚ୍ଚ ବିଦ୍ୟାନିକେତନ ପୁରୋହିତପୁର, ବାଲିପାଟଣା ବ୍ଲକର ମୁକୁନ୍ଦଦାସପୁର ହାଇସ୍କୁଲ, ବନମାଳିପୁର ବାଳିକା ହାଇସ୍କୁଲ, ପଞ୍ଚାୟତ ବାଳିକା ହାଇସ୍କୁଲ ବାଲିପାଟଣା, ବାଣପୁର ବ୍ଲକର ନାରାୟଣ ମାନସିଂ ହାଇସ୍କୁଲ ଅନ୍ତରକିଆରୀ, ପଦ୍ମଲୋଚନ ହାଇସ୍କୁଲ ଅଲିଡିହ, ନୀଳକଣ୍ଠେଶ୍ୱର ବିଦ୍ୟାପୀଠ କୁମାରଙ୍ଗ ଶାସନ, ବେଗୁନିଆ ବ୍ଲକର ଗୋପବନ୍ଧୁ ହାଇସ୍କୁଲ, ପଞ୍ଚାୟତ ହାଇସ୍କୁଲ ହଜ, ଜନତା ନୋଡାଲ ବିଦ୍ୟାପୀଠ ପୋଡ଼ାଡିହ, ଭୁବନେଶ୍ୱର ବ୍ଲକର ଉତ୍କଳମଣି ନୋଡାଲ ଉଚ୍ଚବିଦ୍ୟାପୀଠ କେନ୍ଦୁପାଟଣା, ଦାରୁଠେଙ୍ଗ ହାଇସ୍କୁଲ, ଶ୍ରୀ ଅରବିନ୍ଦ ନୋଡାଲ ବିଦ୍ୟାପୀଠ ଗଣ୍ଡରପୁର, ବୋଲଗଡ଼ ବ୍ଲକର ଦେବଗୁରୁ ଆଦର୍ଶ ବିଦ୍ୟାପୀଠ ମୁଗମୁଣ୍ଡାର, ଭକ୍ତ ଚରଣ ବିଦ୍ୟାପୀଠ ସାନପଦର, ସରକାରୀ ହାଇସ୍କୁଲ ହରିପୁର, ଚିଲିକା ବ୍ଲକର ଡି.ପି ହାଇସ୍କୁଲ ଅଲଣ୍ଡା, ଶ୍ରୀ ଅରବିନ୍ଦ ଆଇଏନଟି. ଏଜ୍ୟୁକେସନ ସେଣ୍ଟର ମାତୃବିହାରରେ-କାଳୁପଡାଘାଟ, ଅର୍ପିତ ହାଇସ୍କୁଲ ନଇରୀ, ଜଟଣୀ ବ୍ଲକର ପଞ୍ଚାୟତ ହାଇସ୍କୁଲ ବେଣାପଞ୍ଜରୀ, ଜଗମୋହନ ହାଇସ୍କୁଲ ବ୍ରହ୍ମାକୁଣ୍ଡଳ, ରାଜକିଶୋର ବିଦ୍ୟାପୀଠ ଅରିସାଳ, ଖୋର୍ଦ୍ଧା ବ୍ଲକର ମା' ଭଗବତୀ ବିଦ୍ୟାମନ୍ଦିର ମୋଟା, ପାଇକଦିଗିରିଆ ନୋଡାଲ ହାଇସ୍କୁଲ, ବାଲୁଙ୍କେଶ୍ୱରଦେବ ହାଇସ୍କୁଲ ଭିଙ୍ଗୁଡିଆ, ଟାଙ୍ଗୀ ବ୍ଲକର ପରିଓରୋଡ଼ା ହାଇସ୍କୁଲ ଚଣ୍ଡେଶ୍ୱର, ବଡପାରୀ ନୋଡାଲ ହାଇସ୍କୁଲ, ବଳରାମଦେବ ବିଦ୍ୟାପୀଠ ଟାଙ୍ଗୀ, ଭୁବନେଶ୍ୱର(ବିଏମସି)ରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳାଦ୍ରିବିହାର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୟୁନିଟ-୮, ଖୋର୍ଦ୍ଧ(ପୌର ଅଞ୍ଚଳ)ର ବୀଣାପାଣି ଶିଶୁ ବିଦ୍ୟାମନ୍ଦିର, ଇନ୍ଦିରାଗାନ୍ଧୀ ପଡିଆ, ଜଟଣୀ(ପୌର ଅଞ୍ଚଳ)ର ଏନଡିଆରସି ନୋଡାଲ ହାଇସ୍କୁଲ, ଖୋର୍ଦ୍ଧାରୋଡ, ବାଲୁଗାଁ(ଏନଏସି)ର ବାଲୁଗାଁ ହାଇସ୍କୁଲ ଏବଂ ବାଣପୁର ଏନଏସିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଗବତୀ ବିହାର ଆଦି ଅର୍ନ୍ତଭୁକ୍ତ।

**ଆରମ୍ଭ ହେଲା ପ୍ଲାଜ୍ମା ପ୍ରଦାନ ପାଇଁ ରକ୍ତ ପରୀକ୍ଷା**

ମାଲକାନଗିରି,(ଡି.ଏନ୍.ଏ.)-ମାଲକାନଗିରି ଜିଲାରେ କରୋନା ଆକ୍ରାନ୍ତଙ୍କୁ ପ୍ଲାଜମା ଦାନ ପାଇଁ ରକ୍ତପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଜିଲା ସଦର ମହକୁମାସ୍ଥିତ ରକ୍ତଭଣ୍ଡାରଠାରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଛି। ଜିଲାର ପ୍ରଥମ ବ୍ୟକ୍ତିଭାବେ କାଲିମେଲା ବ୍ଲକର କନିଷ୍ଠଯନ୍ତ୍ରୀ ପ୍ରବୀନ ସୁନ୍ନିନ ରକ୍ତ ନମୁନା ଦେଇଛନ୍ତି। କାଲିମେଲା ବ୍ଲକର ସିପି ଅଜିତ ପାଣିଗ୍ରାହୀ ଓ ପିଇଓ ଶ୍ରୀନିବାସ ପଣ୍ଡା ମଧ ରକ୍ତନମୁନା ଦେଇଛନ୍ତି। ଏମାନେ ଗତ କିଛି ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଛନ୍ତି ସୁସ୍ଥ ହେବା ପରେ ସ୍ୱେଚ୍ଛାକୃତ ଭାବେ ପ୍ଲାଜମା ଦାନ ପାଇଁ ଆଗେଇ ଆସିଛନ୍ତି। ପ୍ଲାଜମା ଦାନ ପୂର୍ବରୁ ସେମାନଙ୍କ ରକ୍ତନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ କୋରାପୁଟଠାରେ ପ୍ଲାଜମା ଦାନ କରିବେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ,୨ ଗିରଫ

କାଲିମେଲା/ଏମ୍‌ଭି-୭୯,୬।୧୧ (ଡି.ଏନ.ଏ)- ବାଇକ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ମାଲକାନଗିରି ଜିଲା କାଲିମେଲା ବ୍ଲକ ସୀମାନ୍ତ ମୋଟୁ ପୋଲିସ ଏହାକୁ ଜବତ କରିଛି। ଏହାର ପରିମାଣ ୨୧ କେଜି ୬ଶହ ଗ୍ରାମ ବୋଲି ଜଣାପଡିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ପପୁଲୋର ପଞ୍ଚାୟତର ରାସବେଡା ଗ୍ରାମର ମହାଦେବ ଖିଲଙ୍କ ପୁଅ ରାଜକୁମାର ଖିଲ(୧୮) ଏବଂ ଏମ୍ ଭି-୫୩ ଗ୍ରାମର ବିଶ୍ୱଜିତ୍ ତରଫଦାର। ସେମାନଙ୍କଠାରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ବାଇକ୍, ମୋବାଇଲ ଫୋନ ଓ ଟଙ୍କା ଜବତ ହୋଇଛି। ରାଜକୁମାର ଏକ ମୋଟରସାଇକେଲରେ ଏକ ପ୍ଲାଷ୍ଟିକ ବସ୍ତାରେ ଗଞ୍ଜେଇ ଧରି ମୋଟୁ ଥାନା ଅନ୍ତର୍ଗତ ଘର୍ଷାପାଲି ଛକ ନିକଟରେ ଥିଲେ। ସୂଚନା ପାଇ ମୋଟୁ ପୋଲିସ ଏସଆଇ ଏସକେ ସାହୁ, ଏଏସଆଇ ଏମ.କେ ଶବର ହାବିଲଦାର ପି.କେ ଖୋସଲା, କନେଷ୍ଟବଳ ମୁକୁନ୍ଦ ସୋଡି, ଶିବଶଙ୍କର ସ୍ୱାଇଁ ଅସିତ ଜୋଦାର ପ୍ରମୁଖ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ମୋଟୁ ଥାନାରେ ୭୩।୨୦ରେ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଶାନ୍ତ କୁମାର ସାହୁ କହିଛନ୍ତି।

### ମାଲକାନଗିରି :୧୮ ପଜିଟିଭ୍

ମାଲକାନଗିରି,୬।୧୧ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଶୁକ୍ରବାର ୧୮ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫ହଜାର ଟପିଛି। ବାଲିମେଲା ଏନଏସିରୁ ୨ଜଣ, ମାଲକାନଗିରି,ମାଥିଲି ଓ ଖଇରପୁଟ ବ୍ଲକରୁ ଜଣେ ଲେଖାଏ, ପଡିଆ ଓ ଚିତ୍ରକୋଣ୍ଡ ବ୍ଲକରୁ ୩ ଜଣ ଲେଖାଏ, କାଲିମେଲା ବ୍ଲକରୁ ୭ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ

ଜୟପୁର, ୬।୧୧ (ଡି.ଏନ.ଏ)-ସ୍ୱାମୀଙ୍କ ନିର୍ଯାତନା ଏବଂ ଘରରୁ ତଡି ଦେଇଥିବା ନେଇ ପ୍ରଥମ ସ୍ତ୍ରୀଙ୍କ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏନେଇ ୬୩/୨୦ରେ ଏକ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡିଛି କୋରାପୁଟ ଜିଲା ବୈପାରୀଗୁଡା ଥାନା ଗାଡପୁଟ ଗ୍ରାମର ଦୁଶା ଦଳେଇ (୩୫) ଗତ ୬ ମାସ ତଳେ ଦ୍ୱିତୀୟ ବିବାହ କରିଥିଲେ। ଫଳରେ ସେ ପ୍ରଥମ ସ୍ତ୍ରୀ ଦହନା ଏବଂ ତାଙ୍କର ୨ ନାବାଳିକା ଝିଅଙ୍କୁ ଶାରିରୀକ, ମାନସିକ ନିର୍ଯାତନା ଦେଇ ଆସୁଥିଲେ। ପରେ ଦହନା ଓ ତାଙ୍କ ୨ ଝିଅଙ୍କୁ ଘରରୁ ତଡି ଦେଇଥିଲେ। ଫଳରେ ତାଙ୍କ ଦୁଇଝିଅଙ୍କୁ ଧରି ଦହନା କୁନ୍ଦୁରା ଥାନା ଅନ୍ତର୍ଗତ ଗାଡଗଣ୍ଡଲା ଗ୍ରାମରେ ବାପ ଘରେ ରହୁଥିଲେ। ଏନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଗୁହାଳରୁ ମୃତଦେହ ଉଦ୍ଧାର ଘଟଣା
### ସ୍ତ୍ରୀ କରିଥିଲେ ସ୍ୱାମୀଙ୍କ ହତ୍ୟା

କାଲିମେଲା,୬।୧୧(ଡି.ଏନ.ଏ)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମଭି-୭୯ ଗ୍ରାମର ହଜୁ ସାନାଙ୍କ ପୁଅ ନିଖିଲ ସାନାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚତ ହୋଇଛି। ତାଙ୍କ ସ୍ତ୍ରୀ ଅଲକା ସାନା ହିଁ ତାଙ୍କୁ ହତ୍ୟା କରିଥିବା ଜଣାପଡିବା ପରେ ଏମଭି-୭୯ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନିଖିଲଙ୍କ ମୃତଦେହ ଘରର ଗୁହାଳଘରୁ ଗତ ୨ ତାରିଖ ବିଳମ୍ବିତ ରାତିରେ ମିଳିଥିଲା। ଅଲକା ଏକ ରଶିରେ ନିଖିଲଙ୍କ ଗଳାକୁ ଚିପିଧରି ହତ୍ୟା କରିଥିବା ପୋଲିସ ପଚରାଉଚରା ବେଳେ ସ୍ୱୀକାର କରିଥିବା ଏମଭି-୭୯ ଥାନା ଅଧିକାରୀ ଜନ ଖୁଜୁର କହିଛନ୍ତି। ନିଖିଲଙ୍କ ପରିବାରରେ ସ୍ୱାମୀ ସ୍ତ୍ରୀଙ୍କ ମଧରେ ସବୁବେଳେ ଗଣ୍ଡଗୋଳ ମାରପିଟ ଲାଗି ରହିଥିଲା। ଗତ ୨ ସଂନ୍ଧ୍ୟାରେ ମଧ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିଖିଲ ମଦ୍ୟପାନ କରି ନିଶାଗ୍ରସ୍ତ ଥିବା ବେଳେ ଅଲକା ନିଜ ପିଲାମାନଙ୍କୁ ନେଇ ଘରେ ଥିଲେ। ଏହାର କିଛି ସମୟରେ ପରେ ଘରଠାରୁ ୨ଶହ ମିଟର ଦୂରରେ ଥିବା ଏକ ଗୁହାଳଘର ଭିତରେ ନିଖିଲଙ୍କ ଗଳାକୁ ରଶିରେ ଚିପିଧରି ଅଲକା ହତ୍ୟା କରଥିଲେ। ପରେ ହତ୍ୟାରେ ବ୍ୟବହୃତ ରଶିକୁ ସେଠାରେ ଲୁଚାଇଦେଇ ନିଖିଲ ବେହୋସ ହୋଇ ପଡିଥିବା ଅଲକା ସାଇପଡିଶା ଏବଂ ଘର ଲୋକଙ୍କୁ ଡାକି କହିଥିଲେ। ତେବେ ଗଳାରେ ରଶିଚିହ୍ନ ଥିବା ଦେଖି ନିଖିଲଙ୍କ ଭାଇ ସୁଶିଲ ସାନା ଏମଭି-୭୯ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ହତ୍ୟାମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନଠାରୁ ହିଁ ଅଲକା ପୋଲିସ ସନ୍ଦେହ ଘେରରେ ଥିଲେ। ତାଙ୍କୁ ଥାନାକୁ ଡାକି ପଚରା ଉଚରା ଚାଲିଥିଲା। ପ୍ରଥମେ ନିଖିଲଙ୍କ ହତ୍ୟା ନେଇ ଅସ୍ୱୀକାର କରୁଥିବା ଅଲକା ପରେ ସବୁ ମାନି ଯାଇଥିଲେ।

# ମାଲକାନଗିରି ଜିଲା ହେବ ମ୍ୟାଲେରିଆ ମୁକ୍ତ: ଜିଲାପାଳ

ମାଲକାନଗିରି,୬।୧୧(ଡି.ଏନ୍.ଏ.)


ବୈଠକରେ ଜିଲାପାଳ ଆଲୋଚନା କରୁଛନ୍ତି।

ଡିସେମ୍ବର ସୁଦ୍ଧା ମାଲକାନଗିରି ଜିଲା ସମ୍ପୂର୍ଣ୍ଣ ମ୍ୟାଲେରିଆମୁକ୍ତ ହେବ। ଜିଲାରେ ଧାନକଟା ସମୟରେ କେତେକ ଆଦିବାସୀ ସମ୍ପ୍ରଦାୟ ନିଜ ପରିବାର ସହ ଜଙ୍ଗଲରେ ଅସ୍ଥାୟୀ କୁଡିଆ କରି ସେଠାରେ ଅମଳ ଶେଷ ପର୍ଯ୍ୟନ୍ତ ରହିଥାନ୍ତି। ସେମାନେ ଯେପରି ମ୍ୟାଲେରିଆରେ ଆକ୍ରାନ୍ତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେଇ ସେମାନଙ୍କୁ ମଶାରି ବଣ୍ଟନ କରାଯାଇଛି। ଏହାକୁ ବ୍ୟବହାର କରିବା ପାଇଁ ସେମାନଙ୍କୁ ସଚେତନ କରାଯାଇଛି ବୋଲି ଡିଆରଡିଏ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଜିଲାରେ ଗତବର୍ଷ ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ୩୬୪୦ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ କେବଳ ୧୩୪୦ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଗତବର୍ଷ ତୁଳନାରେ ଚଳିତବର୍ଷ ୬୩.୧୮ ପ୍ରତିଶତ ହ୍ରାସ ପାଇଛି। ଚଳିତବର୍ଷ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ନୋଡାଲ ଅଧିକାରୀ ଭାବେ ରହିଛନ୍ତି। ବିଡିଓମାନଙ୍କ ଅଧୀନରେ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ୧୪ ଜଣ ଜିଲାସ୍ତରର ଅଧିକାରୀଙ୍କୁ ମ୍ୟାଲେରିଆ କାର୍ଯ୍ୟକ୍ରମ ଓ ମଶାରି ବ୍ୟବହାର ତଦାରଖ ପାଇଁ ନିୟୋଜିତ କରାଯାଇଛି। ଏଥିପାଇଁ ୫୯ ପିଇଓ, ୨୯ ରାଜସ୍ୱ ନିରୀକ୍ଷକ, ୧୩୦୫ ଶିକ୍ଷକ, ୭୯ ବନରକ୍ଷୀ, ୧୦୦ ବନ ସଂରକ୍ଷକ, ସମିତି ଆନିମେଟର ଚିହ୍ନଟ କରାଯାଇଛି। ଜଣେ ଲେଖାଏ ସ୍ୱାସ୍ଥ୍ୟକର୍ମୀଙ୍କୁ ୨/୩ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୧୯୨୭ ଟି ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଓ ୧୫୫୧ ଗ୍ରାମରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ମଶାବାହିତ ରୋଗ ନିୟନ୍ତ୍ରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ହୋଇଛି। ତେବେ ଦୁର୍ଗମ ଅଞ୍ଚଳର ପ୍ରାୟ ୩୮୦ଟି ଗ୍ରାମରେ ଚାଲିଥିବା ମ୍ୟାଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଡିସେମ୍ବରରେ ଶେଷ ହେବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଡିଏଫ୍‌ଓ ପ୍ରଦୀପ ଦେବିଦାଶ ମିରାସେ, ଅତିରିକ୍ତ ଜିଲାପାଳ ପ୍ରଧାନ, ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଭୁବନେଶ୍ୱରରୁ ଯାଇଥିବା ଏଡିପି ଏଚ୍.ଓ. ମଦନମୋହନ ପ୍ରଧାନ, ଧନେଶ୍ୱର ମହାପାତ୍ର, ଡିଡବ୍ଲ୍ୟୁଓ ପିକେ ପଣ୍ଡା, ପିଏ ଆଇଟିଡିଏ କ୍ଷୀରବ୍ଧି ବେହେରାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଡିସେମ୍ବର ଶେଷ ସୁଦ୍ଧା ରହିଛି ଲକ୍ଷ୍ୟ**

- ବନାଞ୍ଚଳରେ ରହୁଥିବା ଲୋକଙ୍କ ପ୍ରତି ରଖାଯାଇଛି ସତର୍କ ଦୃଷ୍ଟି
- ଗତବର୍ଷ ତୁଳନାରେ ଚଳିତବର୍ଷ ହ୍ରାସ ପାଇଛି
- ତଦାରଖ କରୁଛନ୍ତି ଜିଲାସ୍ତରର ଅଧିକାରୀ

# ଦୀର୍ଘ ଦିନ ପରେ ଚିତ୍ରକୋଣ୍ଡାକୁ ଗଡ଼ିଲା ସରକାରୀ ବସ୍

ଚିତ୍ରକୋଣ୍ଡା,୬।୧୧(ଡି.ଏନ.ଏ.)

କରୋନା ମହାମାରୀ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକଡାଉନ, ଶଟଡାଉନ ଆଦି କଟକଣା କରିଥିଲେ। ପରିସ୍ଥିତି ସୁଧୁରିବା ପରେ ରାଜ୍ୟରେ ଗାଡିମୋଟର ଚଳାଚଳ ଆରମ୍ଭ ହୋଇଥିଲା। ଧୀରେଧୀରେ ବିଭିନ୍ନ ଅଞ୍ଚଳକୁ ବସ୍‌ଯାତ୍ରା ଆରମ୍ଭ ହୋଇଥିଲେ ମଧ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକକୁ ମଧ ବସ୍ ଚଳାଚଳ ହୋଇଥିଲା। ଚିତ୍ରକୋଣ୍ଡା ରୁ ଜୟପୁର ପର୍ଯ୍ୟନ୍ତ ଗୋଟିଏ ଘରୋଇ ବସ ଚଳାଚଳ କରୁଥିଲା। ଭୁବନେଶ୍ୱରଠାରୁ ବାଲିମେଳା ପର୍ଯ୍ୟନ୍ତ ଗୋଟିଏ ଘରୋଇ ବସ ଚଳାଚଳ କରୁଥିଲା। ମାତ୍ର ଚିତ୍ରକୋଣ୍ଡାରୁ କଟକ, ଭୁବନେଶ୍ୱରକୁ କୌଣସି ଘରୋଇ ବସ୍ କିମ୍ବା ସରକାରୀ ବସ୍ ଚଳାଚଳ କରୁ ନ ଥିଲା। ଫଳରେ ବ୍ଲକର ୧୮ଟି ପଞ୍ଚାୟତର ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଦୁଇଟି ସରକାରୀ ବସ ବ୍ରହ୍ମପୁରରୁ ଚିତ୍ରକୋଣ୍ଡା ଏବଂ ଅନ୍ୟଟି କଟକରୁ ଚିତ୍ରକୋଣ୍ଡାକୁ ଚଳାଚଳ ଆରମ୍ଭ ହୋଇଛି। ଏହା ଦ୍ୱାରା ୧୮ଟି ପଞ୍ଚାୟତର ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ

ଦଶମନ୍ତପୁର, ୬।୧୧( ଡି.ଏନ.ଏ. )

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିଲିଗୁମ୍ମା ପଞ୍ଚାୟତର ଜାମ୍ବୁର ଗ୍ରାମର ଜଣେ ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଫଳରେ ଭଙ୍ଗା ଝାଟିମାଟି କୁଡିଆରେ ବିପଦସଙ୍କୁଳ ଅବସ୍ଥାରେ ପରିବାର ଧରି ରହୁଛନ୍ତି। ସେ ହେଲେ ଗ୍ରାମର ଡ଼ମ ମୁଦୁଲି। ସ୍ତ୍ରୀ,ଛୋଟଛୋଟ ଝିଅପୁଅଙ୍କୁ ନେଇ ତାଙ୍କ ସଂସାର। ବାପାଙ୍କ ପରଲୋକ, ମାଆଙ୍କ ଅନ୍ୟତ୍ର ଚାଲିଯିବା ପରେ ମାମୁଘରେ ରହି ବଡ଼ ହୋଇଥିଲେ। ବିବାହ କରିବା ନିଜ ଗାଁ ଜାମ୍ବୁରକୁ ଆସି ବାପାଙ୍କ ସମୟରୁ ଥିବା ଜରାଜୀର୍ଣ୍ଣ ଝାଟିମାଟି ଘରେ ମୁଣ୍ଡ ଗୁଞ୍ଜିଥିଲେ। ମୂଲ ମଜୁରି ଲାଗି ଯାହା ଆଣୁଥିଲେ ସେଥିରେ ତାଙ୍କ ପରିବାର ଚଳୁଥିଲା। ଗତବର୍ଷ ଝଡ଼ ତୋଫାନରେ ତାଙ୍କ ଝଟିମାଟିର କୁଡିଆଟି ଭାଙ୍ଗି ଯାଇଥିଲା। ବେସାହାରା ହୋଇ ଯାଇଥିଲା ତାଙ୍କ ପରିବାର। କିଛିଦିନ ପରେ ଗ୍ରାମବାସୀ ଡ଼ମଙ୍କ ପରିବାରକୁ ଅଗ୍ରଗାମୀ ସଂସ୍ଥା ଦ୍ୱାରା ନିର୍ମିତ ଏକ ଗୋଦାମ ଘରେ ନେଇ ରଖାଇଥିଲେ।ତାଙ୍କ ଅବସ୍ଥା ଦେଖି ଗ୍ରାମର କେତେକ ଯୁବକ ତାଙ୍କୁ ଏକ ଆବାସ ଗୃହ ଯୋଗାଇଦେବା ପାଇଁ ଉଦ୍ୟମ କରିଥିଲେ। ଏଥିପାଇଁ ସେମାନେ ଅନେକଥର ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ପଡ଼ିଛନ୍ତି। ଏଯାଏ ଡ଼ମଙ୍କ ପରିବାରକୁ ସରକାରଙ୍କ ଆବାସ ଗୃହ ଯୋଜନାରେ ସାମିଲ କରାଯାଇନାହିଁ। ତାଙ୍କୁ ଆବାସ ଯୋଜନାରେ ସାମିଲକରି ଗୃହଟିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପୀତବାସ ମୁଦୁଲିଙ୍କୁ ଯୋଗାଯୋଗ କରିବାରୁ ସେ ତାଲିକା ଦେଖି ସେଥିରେ ଡ଼ମଙ୍କ ନାମ ରହିଛି କି ନାହିଁ କହିବି ବୋଲି କହିଥିଲେ।

# ଆଗେଇପାରୁନି ନାଲ୍‌କୋ ପାଇପ୍ ଲାଇନ ପ୍ରକଳ୍ପ

କୋରାପୁଟ,୬।୧୧(ସ୍ୱ.ପ୍ର.)


ଗ୍ରାମବାସୀ ଠିକାକମ୍ପାନୀ ଗାଡିକୁ ଅଟକ ରଖିଛନ୍ତି।

ନାଲକୋ ପ୍ରତିଷ୍ଠା ହେବାର ପ୍ରାୟ ୩୬ ବର୍ଷ ହୋଇଗଲାଣି। ତେବେ ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟ ବେଳେ ଜମିହରାଙ୍କ ଦ୍ୱାରା ନାଲକୋ ବିରୋଧର ସମ୍ମୁଖୀନ ହେଉଛି। ଉପର କୋଲାବ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ଜମି ହରାଇଥିବା ଗ୍ରାମବାସୀଙ୍କ ବିରୋଧ ଯୋଗୁ ନାଲକୋ ପାଇପ୍ ଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନାଲକୋ ନିଜ ବ୍ୟବହାର ପାଇଁ କୋଲାବ ଜଳଭଣ୍ଡାରରୁ ପାଣି ନେବାକୁ ଜଳସମ୍ପଦ ବିଭାଗ ସହ ଚୁକ୍ତିନାମା କରିଛି। ପୂର୍ବରୁ ନାଲକୋ ସୁନାବେଡା ନିକଟରେ ପମ୍ପ ହାଉସ୍ କରି ପାଇପ୍ ଯୋଗେ କୋଲାବ ଜଳ ଜଳ ନେଉଥିଲା। ଦିନକୁ ଦିନ ଜଳସ୍ତର ହ୍ରାସ ପାଉଥିବାରୁ ପାଣି ସମସ୍ୟା ଦୂର କରିବା ନେଇ ନାଲକୋ କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତର ବୁଡି ଅଞ୍ଚଳରେ ଥିବା ପୁରୁଣା କୋଟିଆଗୁଡା ନିକଟରୁ କୋଲାବ ଜଳଭଣ୍ଡାରରୁ ପାଣି ନେବାକୁ ରାଜ୍ୟ ସରକାରଙ୍କ ସହ ପୁନର୍ବାର ଚୁକ୍ତି କରିଥିଲା। ଜଳସମ୍ପଦ ବିଭାଗ ଓ ନାଲକୋ ମଧ୍ୟରେ ହୋଇଥିବା ଚୁକ୍ତି ମୁତାବକ ନାଲକୋ ବୁଡି ଅଞ୍ଚଳରେ ଯାଉଥିବା ଜମି ଉପରେ ରାସ୍ତା କରିବା ସହ ପାଇପ୍ ଲାଇନ୍ ବିଛାଇବ। ଏଥିପାଇଁ ଜଳସମ୍ପଦ ବିଭାଗ ମଧ ନାଲକୋକୁ ଅନୁମତି ଦେଇଛି। ନୂତନ ପାଇପ୍ ଲାଇନ୍ କାମ ଆନ୍ଧ୍ର ପ୍ରଦେଶର ଏକ ଠିକା କମ୍ପାନୀ ନେଇଛି। ସମ୍ପୃକ୍ତ କମ୍ପାନୀ କାମ ଆରମ୍ଭ କରିବା ମାତ୍ରେ ପୁରୁଣା ଡୁମୁରିପୁଟରେ କେତେକ ବ୍ୟକ୍ତି ପାଇପ୍ ଲାଇନ୍ କାମକୁ ବିରୋଧ କରି ଠିକା ସଂସ୍ଥାର କର୍ମଚାରୀଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ପାଇପ୍ ଲାଇନ୍ କାମ ପୁରୁଣା କୋଟିଆଗୁଡାରୁ ଦାମନଯୋଡି ଯାଏ ହେବାକୁ ଥିବା ବେଳେ ଚଉଗାଁରୁ ଦାମନଯୋଡି କାମ ପ୍ରାୟ ଶେଷ ହେବାକୁ ବସିଲାଣି। ମାତ୍ର ପୁରୁଣା ଡୁମୁରିପୁଟର କେତେକ ବ୍ୟକ୍ତିଙ୍କ ଯୋଗୁ ଜିରୋ ପଏଣ୍ଟରୁ ଘାଟଗୁଡା ଯାଏ କାମ ହୋଇପାରୁନି। ଉପର କୋଲାବ୍ ଅଧିଗ୍ରହଣ କରିଥିବା ଜମିର କାଗଜପତ୍ର,ତହସିଲଦାରଙ୍କ ପ୍ରମାଣ ପତ୍ର ଓ ନାଲକୋ –ଜଳ ସମ୍ପଦ ବିଭାଗ ମଧ୍ୟରେ ହୋଇଥିବା ଚୁକ୍ତିନାମା ଗ୍ରାମବାସୀଙ୍କୁ ଦେଖାଇଲେ ମଧ ଗ୍ରାମବାସୀ ବୁଝୁନାହାନ୍ତି। ସେମାନେ ପ୍ରତିବାଦ କରି କାମ କରାଇ ଦେଉ ନାହାନ୍ତି। କାମ କରିବାକୁ ସମ୍ପୃକ୍ତ କମ୍ପାନୀ କର୍ମଚାରୀ ଗଲେ ଗ୍ରାମବାସୀ ସେମାନଙ୍କୁ ଆକ୍ରମଣ କରିବାକୁ ଆସୁଥିବା ଓ ଗାଡିକୁ ଜବରଦସ୍ତ ଅଟକାଇ ରଖୁଥିବା କମ୍ପାନୀ କର୍ତ୍ତୃପକ୍ଷ ସୁନାବେଡା ଥାନାରେ ଅଭିଯୋଗ କରିଛନ୍ତି। ଏ ଦିଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

**ତୁଟୁନି ଜମି ବିବାଦ**

## ନଳକୂପ ଖନନନେଇ ବିଡିଓଙ୍କୁ ଦାବିପତ୍ର

ବୋରିଗୁମ୍ମା,୬।୧୧(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରଡ଼ାଗୁଡା ପଞ୍ଚାୟତର ରୋଷେଇପଦର ଗ୍ରାମରେ ପାନୀୟ ଜଳ ସଙ୍କଟ ଦୂର ପାଇଁ ଏକ ନଳକୂପ ଖନନ ଲାଗି ଶୁକ୍ରବାର ଗ୍ରାମବାସୀ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତି ଯୋଗୁ ଏବିଡିଓ ମାଧୁରୀ ଆଚାରି ଦାବିପତ୍ର ଗ୍ରହଣ କରିଛନ୍ତି। ରୋଷେଇପଦର ଗ୍ରାମଟି ପାହାଡ଼ ପର୍ବତ ଘେରରେ ରହିଛି। ଗ୍ରାମରେ ୧୨ଟି ପରିବାରର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ମାତ୍ର ପାନୀୟ ଜଳ ପାଇଁ ଗ୍ରାମରେ ଏଯାଏ ନଳକୂପଟିଏ ନାହିଁ। ଗ୍ରାମବାସୀ ପାନୀୟ ଜଳ ପାଇଁ ଝରଣା ଓ ନଦୀ ନାଳ ଉପରେ ନିର୍ଭର କରନ୍ତି। ସମାଜିକ କର୍ମୀ ବି.ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଆସି ଦାବିପତ୍ର ଦେଇ ଗ୍ରାମରେ ନଳକୂପ ଖନନ ଲାଗି ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାମ୍ବ ସାଆନ୍ତା, ଶୁକରୁ ସାଆନ୍ତା,ତୁଳସା ସାଆନ୍ତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବ୍ଲକ ଅଫିସ ସମ୍ମୁଖରେ କଂଗ୍ରେସର ଧାରଣା

କାଲିମେଲା,୬।୧୧(ଡି.ଏନ.ଏ.)

ଗତ କିଛି ଦିନତଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ହୋଇଥିବା ନୂତନ କୃଷିନୀତି ଆଇନକୁ ମାଲାକନଗିରି ଜିଲା କାଲିମେଲା ବ୍ଲକ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଶୁକ୍ରବାର କାଲିମେଲା ବ୍ଲକ ଅଫିସ ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ମାଲା ମାଡିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଗୋବିନ୍ଦ ପାତ୍ର ଯୋଗଦେଇଥିଲେ। କେନ୍ଦ୍ର ସରକାର ଯେଉଁ କୃଷି ବିଲ୍ ଆଣିଛନ୍ତି ତାହା କୃଷି ମାରଣା ବିଲ ବୋଲି ଅଭିହିତ କରି ଏହାଦ୍ୱାରା ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ବିଲ୍ ପ୍ରତ୍ୟାହାର ନ ହେବା ଯାଏ ଜିଲାର ପ୍ରତ୍ୟେକ ବ୍ଲକରେ ପ୍ରତିବାଦ ଧାରଣା ଚାଲିବ ବୋଲି ଜିଲା ସଭାପତି ପାତ୍ର କହିଛନ୍ତି। ଏହି ବିଲ୍ ଚାଷୀ ବିରୋଧୀ ବିଲ ବୋଲି ବ୍ଲକ ଅଧ୍ୟକ୍ଷ ମାଲା ମାଡି କହିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଉମା ଶଙ୍କର ଦଳାଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ପୋଲିସ ଲୋକଙ୍କ ମିତ୍ର, ଶତ୍ରୁ ନୁହେଁ

ଚିତ୍ରକୋଣ୍ଡା,୬।୧୧(ଡି.ଏନ.ଏ.)


ଗସ୍ତରେ ଆସିଥିବା ଡିଆଇଜି ଅହମ୍ମଦ କେ. ଏବଂ ମାଲକାନଗିରି ଏସ୍‌ପି ବିଏସ୍‌ଏଫ୍ କ୍ୟାମ୍ପ ପରିଦର୍ଶନ କରୁଛନ୍ତି।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳକୁ ଦକ୍ଷିଣାଞ୍ଚଳ ଡିଆଇଜି ସଫିନ ଅହମ୍ମଦ ଶୁକ୍ରବାର ଗସ୍ତ କରିଛନ୍ତି। ତାଙ୍କ ସହ ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରି ମଧ ଯାଇଥିଲେ। ଅଳ୍ପ କିଛି ଦିନ ହେଲା ସ୍ୱାଭିମାନ ଅଞ୍ଚଳରେ ନୂତନ ଭାବେ ନିର୍ମାଣ କରାଯାଇଥିବା ବିଏସ୍‌ଏଫ୍ କ୍ୟାମ୍ପକୁ ତଦାରଖ କରିବା ସହ ଏହି ଅଞ୍ଚଳକୁ କିପରି ସୁରକ୍ଷା ପ୍ରଦାନ କରାଯାଇପାରିବ ସେନେଇ ଡିଆଇଜି ଏସପିଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଆଗାମୀ ଦିନରେ କିପରି ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମାଓବାଦୀ ମୁକ୍ତ ଅଞ୍ଚଳରେ ପରିଣତ ହେବ ସେ ସମ୍ପର୍କରେ ଉଭୟେ ଆଲୋଚନା କରିଥିଲେ। ପୋଲିସ ସ୍ୱାଭିମାନ ଅଞ୍ଚଳବାସୀଙ୍କ ମିତ୍ର, ଶତ୍ରୁ ନୁହେଁ। ଉକ୍ତ ଅଞ୍ଚଳ ସୁରକ୍ଷା ପାଇଁ ପୋଲିସ ସବୁବେଳେ କାର୍ଯ୍ୟରତ। ସୁରକ୍ଷାକୁ କଡାକଡି କରିବାରୁ ଏଠାରେ ରାସ୍ତା ପହଞ୍ଚିପାରିଛି। ଆଗକୁ ଡାକ୍ତର ଆସିବେ। ସ୍କୁଲ ଖୋଲିବ ବୋଲି ଉଭୟ ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏବେ ସ୍ୱାଭିମାନ ଅଞ୍ଚଳରେ ରାସ୍ତା, ପାନୀୟ ଜଳ, ସ୍କୁଲ, ସ୍ୱାସ୍ଥ୍ୟସେବା ନେଇ ବ୍ୟବସ୍ଥା ହୋଇଛି। ଲୋକେ ଏଥିରୁ ଉପକୃତ ହେଉଛନ୍ତି। ଏହି ଅବସରରେ କୋରାସେତୁରେ ହୋଇଥିବା ବିଏସ୍‌ଏଫ୍ କ୍ୟାମ୍ପକୁ ଡିଆଇଜି ଅହମ୍ମଦ ବୁଲି ଦେଖିଥିଲେ। ସୁରକ୍ଷା ଦେବାକୁ ଯାଇ ଶହୀଦ ହୋଇଥିବା ଯବାନଙ୍କ ବଳିଦାନକୁ ମନେ ପକାଇଥିଲେ। ଉକ୍ତ ଅଞ୍ଚଳରେ ଆହୁରି ବିକାଶମୂଳକ କାର୍ଯ୍ୟ ହେବ। ଲୋକେ ଏଥର ଶାନ୍ତିରେ ଜୀବନ ଯାପନ କରିବେ। ମାଓବାଦୀଙ୍କ ଭୟରେ ବିସ୍ଥାପିତ ହୋଇଥିବା ଲୋକେ ପୁଣି ନିଜ ଗ୍ରାମକୁ ଫେରିବେ। ଗୋରାସେତୁ ଏବଂ ଯୋଡାମ୍ବରେ ରହିଥିବା ମାଓବାଦୀଙ୍କ ସ୍ମାରକୀକୁ ନଷ୍ଟ କରାଯିବ ନାହିଁ ବୋଲି ଉଭୟ ଅଧିକାରୀ ପ୍ରକାଶ କରିଥିଲେ।


ମାଲାକନଗିରି ଜିଲା ଖଇରପୁଟ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ମ୍ୟାଲେରିଆ ନିରାକରଣ ସଚେତନତା ରଥକୁ ଡାକ୍ତର ଦେବବ୍ରତ ବାରିକ ଉଦ୍‌ଘାଟନ କରୁଛନ୍ତି। ପାଖରେ ତହସିଲଦାର ରାମକୃଷ୍ଣ ନାୟକ, ରାଜ୍ୟ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅତିରିକ୍ତ ନିର୍ଦ୍ଦେଶକ ମଦନ ମୋହନ ପ୍ରଧାନ, ମାଲକାନଗିରିର ମ୍ୟାଲେରିଆ କନସଲଣ୍ଟାଣ୍ଟ ଅଜିତ୍ ଦଳେଇ, କେ. ପଦ୍ମନାଭ ରାଓ, ଡିପିଓ ସୁନିଲ ଦାସ, ଦିପକ ବିଶୋୟୀ ପ୍ରମୁଖ ଉପସ୍ଥିତ ଅଛନ୍ତି।

## ବିଲାପୁଟ ଜଗନ୍ନାଥ ମନ୍ଦିରରେ ୨୨ ପାହାଚ ନିର୍ମାଣ ଆରମ୍ଭ

କୋରାପୁଟ,୬।୧୧(ସ୍ୱ.ପ୍ର)

କୋରାପୁଟ ଜିଲାର ବିଲାପୁଟ ଗ୍ରାମ ନିକଟରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିରର ଶୁକ୍ରବାର ୨୨ ପାହାଚ ନିର୍ମାଣ ଆରମ୍ଭ ହୋଇଛି। ବିଲାପୁଟ ଜଗନ୍ନାଥ ମନ୍ଦିର କମିଟିର ସଂପାଦକ ଲଳିତ ମୋହନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଶାନ୍ତିଲତା ପାଣି, ବିଶ୍ୱନାଥ ପ୍ରଧାନୀ, ନାରାୟଣ ପ୍ରଧାନୀ, ବଳି ପ୍ରଧାନୀ ପ୍ରମୁଖ ଯୋଗଦେଇଥିଲେ। ପୂଜକ ବୀରବସନ୍ତ ପାଢୀ ପୂଜାର୍ଚ୍ଚନା ଓ ହୋମ କରିସାରିବା ପରେ ମନ୍ଦିରର ୨୨ ପାହାଚ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇପାରନ୍ତି ଦିବ୍ୟାଙ୍ଗ ଆକବ

କୋରୁକୋଣ୍ଡା, ୬।୧୧(ଡି.ଏନ.ଏ)

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକର ଖ୍ରୀଷ୍ଟିଆନ ସାହିରେ ରହୁଛନ୍ତି ଜଣେ ଦିବ୍ୟାଙ୍ଗ ଛାତ୍ର ବି.ଆକବ। ମାଆବାପାଙ୍କ ସହ ରାସ୍ତା କାମ କରିବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କ ଡାହାଣ ହାତ ପୋଡି ଯାଇଥିଲା। ଅନେକ ଦିନ ଚିକିତ୍ସା ପରେ ସେ ଭଲ ହୋଇଥିଲେ ମଧ ହାତଟି ହରାଇଥିଲେ। ହାତଟିକୁ କାଟିବାକୁ ପଡିଥିଲା। ସେତେବେଳେ ସେ ନବମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ତରଫରୁ ତାଙ୍କୁ ଗୋଟିଏ କୃତ୍ରିମ ହାତ ପ୍ରଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ଆର୍ଥିକ ସହାୟତା ମିଳିଥିଲା। ମା'ବାପା ଭାଇ ଭଉଣୀଙ୍କୁ ନେଇ ଆକବଙ୍କ ପରିବାର। ମା'ବାପା କୁଲି କାମ କରି ପରିବାର ଚଳାନ୍ତି। ଆକବଙ୍କୁ ଦିବ୍ୟାଙ୍ଗ ଯୋଜନାରେ ଘରଟିଏ ମିଳିଛି। ସେହି ଘରେ ତାଙ୍କ ଅସୁସ୍ଥ ବାପା, ମା, ଭାଇ ଭଉଣୀ ରହୁଛନ୍ତି। ଆକବ ପାଖରେ ଏକ କୁଡ଼ିଆ ଘରେ ରହି ପଢାପଢି କରୁଛନ୍ତି। ନିଜ କାମ ନିଜେ କରନ୍ତି। ବର୍ତ୍ତମାନ କରୋନା ପାଇଁ କାମଦାମ ମିଳୁନି। ତାଙ୍କ ପରିବାର ଚଳିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆକବ ଏବେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର। ବିଦ୍ୟାଳୟ ପକ୍ଷରୁ ସେତେବେଳେ ତାଙ୍କୁ ଯେଉଁ କୃତ୍ରିମ ହାତ ମିଳିଥିଲା ତାହା ଖରାପ ହୋଇଯାଇଛି। ଫଳରେ ଉଚ୍ଚଶିକ୍ଷା ତାଙ୍କ ପାଇଁ ଆଗକୁ କଷ୍ଟକର ହୋଇପଡିବ। ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ଅବଧି ସରିଲା, ସରିଲାନି ସ୍ପୋର୍ଟସ କମ୍ପ୍ଲେକ୍ସ କାର୍ଯ୍ୟ

ଜୟପୁର,୬।୧୧( ନି.ପ୍ର.)


ମାତ୍ର ୨୦ ପ୍ରତିଶତ କାର୍ଯ୍ୟ ହୋଇଥିବା ଇଣ୍ଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ।

ଜୟପୁର ଫୁଲବାଡ ନିକଟରେ ଇଣ୍ଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏପ୍ରିଲ ୨୦୧୯ କାମ ଆରମ୍ଭ ହୋଇ ୧୮ ମାସ ଭିତରେ ଶେଷ ହେବାକୁ ଲକ୍ଷ୍ୟଥିଲା। ୨୦୨୦ ଆଗଷ୍ଟରେ ଏହାର କାମ ଶେଷ ପାଇଁ ଧାର୍ଯ୍ୟ ହୋଇଥିଲା। ଏହି ଅବଧି ସରିଯାଇଥିଲେ ମଧ ଏଯାଏ ମାତ୍ର ୨୦ ପ୍ରତିଶତ କାମ ସରିଛି। ୨୦ କୋଟି ୩୬ ଲକ୍ଷ ଟଙ୍କା ବିନିମୟରେ ରାଜ୍ୟ ସରକାର ଏଠାରେ ସ୍ପୋର୍ଟସ କଂପ୍ଲେକ୍ସ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଠିକାଦାରଙ୍କ ଆନ୍ତରିକତା ଅଭାବ ଯୋଗୁ ଏହାର କାର୍ଯ୍ୟ ମନ୍ଥର ଗତିରେ ହେଉଛି। ଏହି କ୍ରୀଡ କଂପ୍ଲେକ୍ସରେ ସୁଇମିଂପୋଲ, ଜାତୀୟସ୍ତରୀୟ ଫୁଟବଲ ଗ୍ରାଉଣ୍ଡ, ଇଣ୍ଡୋର ଷ୍ଟାଡିୟମ, ବାସ୍କେଟ ବଲ, ହଷ୍ଟେଲ ଆଦି ରହିବାର ଯୋଜନା ରହିଛି। ସୂଚନାଯୋଗ୍ୟ ଯେ, ଜାତୀୟ କ୍ରୀଡା ଦିବସ ଅବସରରେ ରାଜ୍ୟ ପାଇଁ ଘୋଷିତ ହୋଇଥିବା ୫ଟି ଇଣ୍ଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ ମଧ୍ୟରେ ଜୟପୁର ରହିଥିଲା। କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ଓ ଜୟପୁର ସହରରେ ଏପରି ସ୍ପୋର୍ଟସ କଂପ୍ଲେକ୍ସ ପ୍ରତିଷ୍ଠା ନେଇ ଘୋଷଣା ହୋଇଥିଲା। ସ୍ୱର୍ଣ୍ଣ ଯୋଜନାରେ ଏହି ପ୍ରକଳ୍ପଗୁଡିକ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ସ୍ଥିର ହୋଇଥିଲା। ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କ୍ରୀଡା ବିଭାଗ ଇଡକୋକୁ ଦାୟିତ୍ୱ ଦେଇଥିଲା। ଏହି ଅନୁସାରେ କଂପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାଏ ମାତ୍ର ୨୦ ପ୍ରତିଶତ କାର୍ଯ୍ୟ ହୋଇଛି। ତୁରନ୍ତ ଏହାର କାର୍ଯ୍ୟ ସାରିବାକୁ କ୍ରୀଡାପ୍ରେମୀମାନେ ଦାବି କରିଛନ୍ତି।

**୨୦ ପ୍ରତିଶତରେ ଅଟକିଛି**

**ବଡ ଏନ୍‌ବିଏଫ୍‌ସି ପାଇଁ କଡ଼ାକଡ଼ି ହେଉ ନିୟମ**

ଦେଶର ଫାଇନାନ୍ସିଆଲ ସିଷ୍ଟମରେ ଦୃଢତା ବଜାୟ ରଖିବା ଲାଗି ବଡ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡିକ ଲାଗି ନିୟମ କଡାକଡି ହେବାର ଆବଶ୍ୟକତା ରହିଥିବା ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଏମ୍.ରାଜେଶ୍ୱର ରାଓ ଶୁକ୍ରବାର କହିଛନ୍ତି। ବ୍ୟାଙ୍କ ଭଳି ଏହି ସଂସ୍ଥାଗୁଡିକ ଲାଗି ନିୟମ କଡାକଡି କରିବା ଏବଂ ଅନ୍ୟ ଏନ୍‌ବିଏଫ୍‌ସି ଲାଗି ନିୟମ କୋହଳ ଏବଂ ମାଇକ୍ରୋଫାଇନାନ୍ସ ସଂସ୍ଥା ଲାଗି ରହିଥିବା ନିୟମର ସମୀକ୍ଷା ଆବଶ୍ୟକତା ରହିଥିବା କରିବା ସେ ମତ ଦେଇଛନ୍ତି।

# ଆର୍ଥିକ ସୁଧାର ସତ୍ତ୍ୱେ କମୁଛି ନିଯୁକ୍ତି

## ଅକ୍ଟୋବରରେ ୫.୫ ଲକ୍ଷ ନିଯୁକ୍ତି ହ୍ରାସ

**ନୂଆଦିଲ୍ଲୀ,୬।୧୧:** କରୋନା ମହାମାରୀ ନିୟନ୍ତ୍ରଣ କରିବା ଲାଗି ସରକାର ଜାରି କରିଥିବା ଲକ୍‌ଡାଉନ କଟକଣା ବର୍ତ୍ତମାନ କୋହଳ ହେଉଛି। ଫଳରେ ଅର୍ଥ ବ୍ୟବସ୍ଥାରେ ବର୍ତ୍ତମାନ ସୁଧାର ପରିଲକ୍ଷିତ ହେଉଛି। ଏଭଳି ସ୍ଥିତିରେ ଦେଶ ମଧ୍ୟରେ ରୋଜଗାରକୁ ନେଇ ଏକ ଖରାପ ଖବର ସାମ୍ନାକୁ ଆସିଛି। ଆର୍ଥିକ ସୁଧାର ସତ୍ତ୍ୱେ ମେ ମାସ ପରେ ଅକ୍ଟୋବରରେ ପ୍ରଥମଥର ଲାଗି ରୋଜଗାର ହ୍ରାସ ହୋଇଥିବା ଜଣାପଡିଛି। ଅକ୍ଟୋବର ମାସରେ ପ୍ରାୟ ୫.୫ ଲକ୍ଷ ଚାକିରି ହ୍ରାସ ହୋଇଥିବା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି ପକ୍ଷରୁ ଜାରି ହୋଇଥିବା ଡାଟାରୁ ସାମ୍ନାକୁ ଆସିଛି।

ନଭେମ୍ବର ୧ରେ ଶେଷ ହୋଇଥିବା ଶ୍ରମ ବଜାରର ସାପ୍ତାହିକ ବିଶ୍ଳେଷଣ ଡାଟା ମୁତାବକ ଚଳିତ ବର୍ଷ ମେ ମାସରେ ଚାକିରିରେ ସୁଧାର ଧାରା ଆରମ୍ଭ ହୋଇଥିଲା। ମାତ୍ର ଅକ୍ଟୋବର ଏମିତି ଏକ ମାସ ଯେଉଁଠି ଚାକିରି ହ୍ରାସ ପରିଲକ୍ଷିତ ହୋଇଛି। ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ବେରୋଜଗାରୀ ହାର ହ୍ରାସ ଘଟି ୬.୭% ସ୍ତରକୁ ଖସି ଆସିଥିଲା। ଅକ୍ଟୋବରରେ ଏଥିରେ ଆହୁରି ସୁଧାର ପରିଲକ୍ଷିତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଏହି ମାସରେ ବେରୋଜଗାରୀ ହାର ୭%ସ୍ତର ଛୁଇଁଛି। ରିପୋର୍ଟ ମୁତାବକ, ଦେଶର ରୋଜଗାର ହାର ୩୭.୮% ରହିଛି। ଏହା ସେପ୍ଟେମ୍ବରରେ ୩୮% ରହିଥିଲା। ଶ୍ରମ ଶକ୍ତି ଯୋଗଦାନ ହାର ହ୍ରାସ ଏବଂ ବେରୋଜଗାରୀ ହାର ବଢିବାର ସ୍ଥିତି ଉପୁଜିଛି। ଚଳିତ ବର୍ଷ ଏପ୍ରିଲରେ ନିଯୁକ୍ତି ହାର ୧୨.୨% ସ୍ତର ଛୁଇଁଥିଲା। ମେ, ଜୁନ ଏବଂ ଜୁଲାଇ ସମୟରେ ଏହା ୧୦.୪% ସ୍ତରରେ ରହିଥିଲା। ଲକଡାଉନ ପରେ ମେ ମାସରେ ୩.୧୬% ରୋଜଗାର ବଢିଥିଲା।

# ସପ୍ତାହରେ ୨୨୭୯ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୬।୧୧:** ବିଶ୍ୱ ବଜାରର ଦୃଢ ସ୍ଥିତି ଯୋଗୁ ଭାରତୀୟ ଶେୟାର ବଜାର କାରବାର ଉନ୍ନତ ରହିଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୨୭୯ ପଏଣ୍ଟ ବୃଦ୍ଧି ପାଇଛି। ସପ୍ତାହର ଶେଷ କାରବାର ଦିବସରେ ବିଏସ୍‌ଇ ସେନ୍‌ସେକ୍ସ ୫୫୨.୯୦ ପଏଣ୍ଟ ଉଚ୍ଚରେ ରହି ୪୧,୮୯୩.୦୬ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି କାରବାର ମଧ୍ୟ ୧୪୩.୨୫ ପଏଣ୍ଟ ଉଚ୍ଚରେ ରହି ୧୨,୨୬୩.୫୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ନିଫ୍ଟିର ବ୍ୟାଙ୍କ ଇଣ୍ଡେକ୍ସ ୪୮୫ ପଏଣ୍ଟ ଉଚ୍ଚରେ ରହିଛି। ନିଫ୍ଟିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଶେୟାର କାରବାର ୩%ରୁ ଉର୍ଦ୍ଧ୍ୱରେ ରହି ବନ୍ଦ ହୋଇଛି। ଶେୟାର କାରବାର ବଢିବା ଯୋଗୁ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୧୩.୬୯ ଲକ୍ଷ କୋଟି ଟଙ୍କା ଛୁଇଁଥିବା ଜଣାପଡିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରଭାବରେ ଶେୟାର ବଜାର ଚଳଚଞ୍ଚଳ ରହିଛି।

# କ୍ୟାରେଟଲେନ୍‌ର ଦିୱାଲି ଅଫର

**ଭୁବନେଶ୍ୱର,୬।୧୧:** ଗହଣାବ୍ରାଣ୍ଡ କ୍ୟାରେଟଲେନ୍ ପାର୍ବଣ ଋତୁରେ ଉତ୍ସବକୁ ରଙ୍ଗୀନ କରିବା ପାଇଁ ପ୍ରସ୍ତୁତ ହେଉଛି। ନୂଆ ଗହଣା ସମ୍ଭାର 'ସୋଲାପିଟ୍'ର ଶୁଭାରମ୍ଭ ସହିତ ପ୍ରତି ସପ୍ତାହରେ ନୂଆ ଡିଜାଇନକୁ ଏହା ସହ ଯୋଡା ଯାଇଛି। ଏହି ସମ୍ଭାର ଗୁଡିକର ବିଭିନ୍ନ ମଡେଲ କମ୍ପାନୀର ବିଭିନ୍ନ ଷ୍ଟୋର ଓ ୱେବସାଇଟ ଜରିଆରେ ମଧ୍ୟ ଗ୍ରାହକ ପାଇପାରିବେ। ଚଳିତ ବର୍ଷ



କ୍ୟାରେଟଲେନ୍ ଲାଇଭ୍‌ର ଆରମ୍ଭ କରାଯାଇଛି। ଗହଣା କିଣିବା ଆଗରୁ ମଧ୍ୟ ଗ୍ରାହକ କମ୍ପାନୀ ୱେବସାଇଟକୁ ଯାଇ ନିଜ ପସନ୍ଦର ଗହଣା ଦେଖି ପାରିବେ। ଭିଡିଓ କଲିଂ ଜରିଆରେ ଡିଜାଇନ ସମ୍ପର୍କରେ ବିଶେଷଜ୍ଞଙ୍କ ସହ ଆଲୋଚନା କରିବାର ଅବସର ମିଳିବ। ୬ମାସ ପାଇଁ ମାସିକ କିସ୍ତି ଆକାରରେ ମଧ୍ୟ ଦେୟ ପ୍ରଦାନ ସୁବିଧା ରହିଛି। ପିଓପିରେ ଗ୍ରାହକଙ୍କୁ ଏହି ସୁବିଧା ମିଳିବ। ତୁରନ୍ତ ବିମୋଚନ ପ୍ଲାନ ଜରିଆରେ ଅଳଙ୍କାର କ୍ରୟ ସୁବିଧା ଏବଂ ଡାଇମଣ୍ଡର ୩୦୦୦ରୁ ଅଧିକ ଡିଜାଇନ ଉପରେ ଫ୍ଲାଟ ୨୦% ରିହାତି ବ୍ୟବସ୍ଥା ରହିଛି। ଏସ୍‌ବିଆଇ କ୍ରେଡିଟ କାର୍ଡରେ କ୍ରୟ କଲେ ଅତିରିକ୍ତ ୫% ରିହାତି ମିଳୁଛି। ୧୧ନଭେମ୍ବର ପୂର୍ବରୁ କିଣାକିଣି ଉପରେ ହୀରା ଗହଣା ଉପରେ ଅତିରିକ୍ତ ୨%ଛାଡ, ୬୦,୦୦୦ରୁ ଉର୍ଦ୍ଧ୍ୱ ସଲିଟାୟାର ଡିଜାଇନ ଉପରେ ୬% ରିହାତି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଜୀ ସାର୍ଥକରେ 'ହେ ପ୍ରଭୁ' ଧାରାବାହିକ

**ଭୁବନେଶ୍ୱର,୬।୧୧:** ପ୍ରତି ଥର ଭଳି ଏଥର ମଧ୍ୟ ଓଡିଶାର ଲୋକପ୍ରିୟ ଓଡିଆ ଚ୍ୟାନେଲ ଜୀ ସାର୍ଥକ ତା'ର ଅଗଣିତ ଦର୍ଶକ ଓ ଶୁଭାକାଂକ୍ଷୀମାନଙ୍କ ପାଇଁ ଏକ ଭିନ୍ନ ଧରଣର ଓଡିଆ ମେଗା ଧାରାବାହିକ 'ହେ ପ୍ରଭୁ' ର ପ୍ରସାରଣ କରିବାକୁ ଯାଉଛି। ଏହି ମେଗା ଧାରାବାହିକ ନଭେମ୍ବର ୯ରୁ ପ୍ରତି ସୋମବାରରୁ ଶୁକ୍ରବାର ରାତି ୯ଘଟିକା ସମୟରେ ପ୍ରସାରିତ ହେବାକୁ ଯାଉଛି। ଉକ୍ତ ମେଗା ଧାରାବାହିକ ହେଉଛି ଏକ ସମ୍ପୂର୍ଣ୍ଣ ମନରୋଞ୍ଜନ ଭରା କାହାଣୀ ଉପରେ ପର୍ଯ୍ୟବେସିତ ହୋଇଛି। ଓଡିଆ ସିନେ ଜଗତର ଦୁଇ ପ୍ରତିଭାବାନ କଳାକାର ଶୁଭାଶିଷ ଶର୍ମା ଓ ଲିପ୍ସା ଏହି ଧାରାବାହିକରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ଦୁଇ କଳାକାରଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମଧ୍ୟ ଏହି ଧାରାବାହିକ ଓ ସେମାନଙ୍କ ଅଭିନୟକୁ ନେଇ ଦର୍ଶକମାନେ ଚର୍ଚ୍ଚା କରୁଛନ୍ତି।




# ଆଳୁ, ପିଆଜ ପରେ ଖାଇବା ତେଲଦର ବୃଦ୍ଧି

**ନୂଆଦିଲ୍ଲୀ,୬।୧୧:** ଆଳୁ, ପିଆଜ ପରେ ବର୍ତ୍ତମାନ ଖାଇବା ତେଲ ଦର ବର୍ତ୍ତମାନ ମହଙ୍ଗା ହୋଇଛି। ବିଭିନ୍ନ ବର୍ଗର ଖାଇବା ତେଲ ଦର ବଢିଚାଲିଥିବା ବେଳେ ନିକଟ ଭବିଷ୍ୟତରେ ଏହାର ଦର କମିବା ନେଇ ଦେଖାଯାଉନାହିଁ। ମାଲେସିଆରେ ପାମ୍ ତେଲ ଉତ୍ପାଦନ କମିଛି। ଫଳରେ ଘରୋଇ ବଜାରରେ ଅଶୋଧିତ ପାମ୍ ତେଲ ଦର ୬ ମାସ ମଧ୍ୟରେ ୫୩% ବୃଦ୍ଧି ଘଟିଛି। ସେହିଭଳି ସୋୟାବିନ ଏବଂ ସୋରିଷ ତେଲ ଦର ମଧ୍ୟ ବଢିଛି। ବର୍ତ୍ତମାନ ଶୋରିଷ, ସୋୟା ଏବଂ ପାମ୍ ତେଲ ଦର ସର୍ବୋଚ୍ଚ ସ୍ତରରେ ରହିଛି।

# ହ୍ୱାଟ୍ସ ଆପ୍ ପେମେଣ୍ଟ ସର୍ଭିସ ଆରମ୍ଭ

**ନୂଆଦିଲ୍ଲୀ,୬।୧୧:** ମେସେଜିଂ ସେବା ଯୋଗାଣକାରୀ କମ୍ପାନୀ ହ୍ୱାଟ୍ସ ଆପ୍ ପକ୍ଷରୁ ସାରା ଦେଶରେ ପେମେଣ୍ଟ ସର୍ଭିସ ଶୁଭାରମ୍ଭ କରାଯାଇଛି। ଏକ ବ୍ଲଗ ପୋଷ୍ଟରେ କମ୍ପାନୀ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଗୁରୁବାର ସଂଧ୍ୟାରେ କମ୍ପାନୀର ଏଭଳି ସେବା ଯୋଗାଣକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ସେବା ୟୁପିଆଇ ଭିତ୍ତିକ ହେବ। ସୂଚନାଯୋଗ୍ୟ, ହ୍ୱାଟସ୍ ଆପ୍ ଫେସ୍‌ବୁକର ଏକ ସହାୟକ କମ୍ପାନୀ। ପେମେଣ୍ଟ ସେବା ୧୦ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ ବୋଲି ଫେସ୍‌ବୁକ ସିଇଓ ମାର୍କ ଜୁକରବର୍ଗ ସୂଚନା ଦେଇଛନ୍ତି। ଏଥି ଲାଗି ଲୋକଙ୍କୁ କୌଣସି ଚାର୍ଜ ଲାଗିବ ନାହିଁ। ବର୍ତ୍ତମାନ ସାରା ଦେଶରେ ହ୍ୱାଟସଆପ୍‌ର ୪୦ କୋଟି ୟୁଜର ରହିଛନ୍ତି। ଗତ ୨ ବର୍ଷଠାରୁ ଏଭଳି ସେବା ଆରମ୍ଭ କରିବା ଲାଗି ମଞ୍ଜୁରୀ ଅପେକ୍ଷାରେ ରହିଥିଲା। ସେବା ଆରମ୍ଭ କରିବା ଲାଗି କମ୍ପାନୀ ପ୍ରାୟ ୧୦ ଲକ୍ଷ ୟୁଜର୍ସଙ୍କୁ ନେଇ ପରୀକ୍ଷା ନୀରିକ୍ଷା ଚଳାଇ ଆସିଥିଲା। ଜୁକରବର୍ଗ କହିଛନ୍ତି, ୧୪୦ରୁ ଉର୍ଦ୍ଧ୍ୱ ବ୍ୟାଙ୍କର ଗ୍ରାହକ ଏହି ସେବା ଲାଭ କରିପାରିବେ। ହ୍ୱାଟସ ଆପ୍ ପେମେଣ୍ଟ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଥିବା ସେ ମତ ଦେଇଛନ୍ତି। ହ୍ୱାଟସଆପ୍ ପେମେଣ୍ଟ ଲାଗି ୟୁପିଆଇ ସମର୍ଥୀତ ଡେବିଟ କାର୍ଡ ଆବଶ୍ୟକତା ପଡିବ। ସିଧାସଳଖ ପେମେଣ୍ଟ ସୁବିଧା ମିଳିବ। ପେମେଣ୍ଟ ଫିଚର ହ୍ୱାଟସ ଆପ୍‌ର ନୂଆ ଅପଡେଟରେ ମିଳିପାରିବ। ବର୍ତ୍ତମାନ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଜିଓ ପେମେଣ୍ଟସ ବ୍ୟାଙ୍କ ସହ ହ୍ୱାଟସ ଆପ୍ ଚୁକ୍ତିରେ ସାମିଲ ହୋଇଛି।

**ADVERTISEMENT**

Applications in the prescribed format available on the website (www.koraput.nic.in) and (www.drdakoraput.org) are invited from the eligible candidates for engagement in 03 namely **Programme Manager** (01 No.) **Accountant** (01 No.) and **MIS Assistant** (01 No.) on purely contractual basis in Mahasangram Grama Panchyat Stariya Mahila Mahasangha, Badakerenga of Koraput District under OLM. For more details visit above website.

**Secretary** — Mahasangram, Mahila Mahasangha, Badakerenga GP, Koraput
**President** — Mahasangram, Mahila Mahasangha, Badakerenga GP, Koraput

**GANGADHAR MEHER UNIVERSITY**
**AMRUTA VIHAR, SAMBALPUR-768004**

No. ADVT/CTL-GMU/01/2020 Date. 06.11.2020

**WALK-IN-INTERVIEW**
**(FOR ENGAGEMENT OF CONTRACTUAL LECTURERS)**

The Gangadhar Meher University, Amruta Vihar, Sambalpur is going to conduct 'Walk-in-Interviews for engagement of Lecturers on contractual (temporary) basis in various Self-financing programs as per the following schedule.

| Sl. No. | Courses/ Programs | Date and Reporting Time | Venue |
|---|---|---|---|
| 1 | Management Programs | 13.11.2020 10.00 AM | Amruta Vihar Campus, Sambalpur |
| 2 | Information Science, Electronics & Tele Communication Programs | | |
| 3 | Master of Computer Application (MCA) Program | | |
| 4 | Integrated BA-B.Ed. & B.Sc-B.Ed. Program | | |

Please visit the University website www.gmuniversity.ac.in for details of eligibility, qualification, application form, and other details about the terms and conditions. Bring the filled-in application form with all certificates/ documents with one passport size photograph (color) and produce them at the time of the walk-in-interview.

Sd/- Registrar

**Government of Odisha "e" Procurement Notice**
**WORKS DEPARTMENT**
Bid Identification No. S.E.K.C., Keonjhar No. 12/2020-21
No. B-379 e-mail: sekcpwd_keonjhar@yahoo.com
Letter No. 3177 Dt.05.11.2020

1. No. of the Work : 02 Number of Building Works
2. Estiamted Cost : Rs.355.92 lakhs to Rs.422.15 lakhs
3. Period of Completion : 11 (Eleven) Calendar Months
4. Date and time of availability of Bid document in the portal : From 11.00 hours of 23.11.2020 to 16.00 hours of 03.12.2020
5. Last date/time for receipt of bids in the portal : 16.00 hours of 03.12.2020
6. Date of opening of Bid from portal : 12.00 hours on 04.12.2020
7. Name and address of the Officer Inviting Bid : Superintending Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

Sd./- A.N. Das, Superintending Engineer
Keonjhar (R&B) Circle, Keonjhar
OIPR-34033/11/0013/2021

**NOTICE INVITING BID**
**ODISHA STATE MEDICAL CORPORATION LIMITED (OSMCL)**
In front of Ram Mandir, Convent Square, Unit - III, Bhubaneswar - 751 001
Tel. (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in
Bid Ref. No. OSMCL/2021-22/DRUGS-DHS-GEN-GR-I/01 Date: 09.11.2020

No. CAD-702: Online bids through e-Tender portal **(https://tendersodisha.gov.in)** are invited from eligible bidders for **Supply of Drugs & Medical Consumables (Group - I) as per the particulars mentioned below:**

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | 09.11.2020, 3 P.M. | |
| 2 | Date & time for submission of queries by E-Mail ID: **logistics.osmcl.od@nic.in** | 13.11.2020 upto 5.00 P.M. | |
| 3 | Date & time of Online bid submission | Start Date & Time<br>18.11.2020, 3 P.M. | End Date & Time<br>07.12.2020, 6.00 P.M. |
| 4 | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time<br>08.12.2020, 10 A.M. | End Date & Time<br>15.12.2020, 11.00 A.M. |
| 5 | Date & time of online Technical Bid opening | 15.12.2020, 11.30 A.M. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof all the bids without assigning any reason thererof.

OIPR-10112/11/0034/2021 Sd./- Managing Director, OSMC Ltd., Odisha

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**NIT No. 28/OMC/CIVIL/2020**

No. CAD-700: Tender for the following works are invited Online through e-procurement portal of Govt. of Odisha.

| Sl. No. | Name of the Work | Estimated Cost (Rs. in Lakhs) | Time Period of the Work (In month) | Class of Contractor | EMD (Rs.) Online | Cost of Bid Document (Rs.) Online |
|---|---|---|---|---|---|---|
| 1 | Environmental protection work at New OB dump and waste dump including check dam at Kurmitar Iron Ore Mines in the Dist. of Sundargarh. | 308.04 | 08 (Eight) | A & Spl. | 3,08,100/- | 10,000 + 18% GST |
| 2 | Renovation of 08 (Eight) unit of settling ponds at Kodingamali Bauxite Mines in the Dist. of Koraput. | 289.24 | 08 (Eight) | B & A | 2,89,300/- | 10,000 + 18% GST |
| 3 | Construction of security related structure at Kodingamali Bauxite Mines in the Dist. of Koraput. | 78.71 | 06 (Six) | B & A | 78,800/- | 10,000 + 18% GST |
| 4 | Construction of security related infrastructure at Kurmitar Iron Ore Mines in the dist of Sundargarh. | 93.87 | 06 (Six) | B & A | 93,900/- | 10,000 + 18% GST |
| 5 | Development of approach road and circulation road to WB No.- 13,4/14,2 & 3 of Gandhamardan Iron Ore Mines in the district of Keonjhar | 92.07 | 06 (Six) | B & A | 92,100/- | 10,000 + 18% GST |

1. Available of Bid document in Govt. portal from dt. 10.11.2020 to 24.11.2020 up to 5.00 PM.
2. Last date of on-line submission of tender in the portal is dt. 24.11.2020 up to 5.00 PM.
3. Date of opening of Technical Bid is dt. 25.11.2020 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

Sd./- CGM (Civil)
OIPR-30005/11/0101/2021

idco | ODISHA NEW OPPORTUNITIES

**QUOTATION CALL NOTICE**
**No. HO/Civ/T&E/ET&E/4345/01/2017/14752 Dt.03.11.2020**

No. CAD-696: Sealed quotations are invited from the Original Furniture Manufacturers/Registered Supplier/Firms/Authorized Dealers of Geeken make Furniture for **"Supply of Furniture of 'Geeken' make to Computer Laboratory for Electrical Branch of GCE, Keonjhar"**. The last date of submission of the quotation is 25.11.2020 by 5 P.M. and the quotation will be opened on 26.11.2020 at 11.30 A.M.
For the detail Quotation Call Notice, Terms & Condition, Specification and B.O.Q., Pleae visit our website **www.idco.in** (Tender & Quotation).

Sd./- Chief General Manager (Civil)
IDCO, Bhubaneswar
OIPR-14003/11/0070/2021

**ବନୀକରଣ ଓ ବୃକ୍ଷରୋପଣ ପାଇଁ ରାଜ୍ୟରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ପୁରସ୍କାର**

No. MM-84: ବନୀକରଣ ଓ ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ଚଳିତ ଆର୍ଥିକ ବର୍ଷ (୨୦୨୦-୨୧) ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବିବେଚିତ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ସବ୍‌ଡିଭିଜନ ସ୍ତରରେ (ପ୍ରତି ସବ୍‌ଡିଭିଜନରେ ଗୋଟିଏ ଗ୍ରାମ ପଞ୍ଚାୟତ ଏବଂ ଗୋଟିଏ ଶିକ୍ଷାନୁଷ୍ଠାନ) ଯଥାକ୍ରମେ କୋଡ଼ିଏ ହଜାର ଓ ଦଶ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର ସ୍ଥିର କରିଛନ୍ତି। ଉକ୍ତ ପୁରସ୍କାର ଜିଲ୍ଲା ସଦର ମହକୁମାରେ ମାର୍ଚ୍ଚ ୨୧ ତାରିଖ, ୨୦୨୧ରେ ପାଳିତ ହେବାକୁ ଥିବା ବିଶ୍ୱ ବନ ଦିବସ ଉତ୍ସବରେ ଦିଆଯିବ। ଏଥିପାଇଁ କୌଣସି ଗ୍ରାମ ପଞ୍ଚାୟତ ବା ଶିକ୍ଷାନୁଷ୍ଠାନ ଯେ କି ବିଗତ ତିନି ବର୍ଷ ଭିତରେ ପର୍ଯ୍ୟାପ୍ତ ମାତ୍ରାରେ ବୃକ୍ଷରୋପଣ, ବନୀକରଣ, ବନସୁରକ୍ଷା କରିଛନ୍ତି ଓ ଏଥିପାଇଁ ଜନ ସଚେତନତା ବୃଦ୍ଧି କରିବାରେ ସଫଳତା ଅର୍ଜନ କରିଅଛନ୍ତି, ସେମାନେ ନିର୍ଦ୍ଧାରିତ ଫର୍ମରେ ସମ୍ପୃକ୍ତ ରେଞ୍ଜ ଅଫିସରଙ୍କ ନିକଟରେ ୨୦ ନଭେମ୍ବର ୨୦୨୦ ସୁଦ୍ଧା ଦରଖାସ୍ତ ଦେଇପାରିବେ। ନିର୍ଦ୍ଧାରିତ ଫର୍ମର ନମୁନା ଓ ଏ ସମ୍ପର୍କିତ ସବିଶେଷ ସୂଚନା ସମ୍ପୃକ୍ତ ଡି.ଏଫ୍.ଓ.ଙ୍କ କାର୍ଯ୍ୟାଳୟରେ ମିଳିପାରିବ।

ଡ. ସନ୍ଦୀପ ତ୍ରିପାଠୀ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା
OIPR-08002/11/0010/2021

**କଟକ ମହାନଗର ନିଗମ**
ଚୌଧୁରୀ ବଜାର, କଟକ
**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ, କିଲିଖାନାଗୁଡ଼ିକୁ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷ ଏବଂ ନଡ଼ିଆ ବଗିଚା, ପୋଖରୀ ଆଦି ସୈରାତ ଗୁଡ଼ିକ ୨୦୨୦-୨୧ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଆସନ୍ତା ତା୧୩।୧୧।୨୦୨୦ରିଖ ଅପରାହ୍ନ ୨ଘଟିକା ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତଗୁଡ଼ିକ ପାଇଁ ଧାର୍ଯ୍ୟ ଅମାନତ ଅର୍ଥ, କମିଶନର, କଟକ ମହାନଗର ନିଗମ (Commissioner, Cuttack Municipal Corporation)ଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇପାରିବେ ଏବଂ ତା୧୩।୧୧।୨୦୨୦ରିଖ ଅପରାହ୍ନ ୩ଘଟିକାଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ ନିଲାମ ଦର ଥିବା ଲଫାପାଗୁଡ଼ିକ ପର୍ଯ୍ୟାୟକ୍ରମେ ଖୋଲାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ଟେଣ୍ଡର ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବସାଇଟ୍ **www.cmccuttack.gov.in**ରେ ଦେଖିପାରିବେ। ଇଚ୍ଛୁକ ବ୍ୟକ୍ତି ଟେଣ୍ଡର ପାଇଁ ଉଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ଫର୍ମ ନିଗମ ୱେବସାଇଟ୍‌ରୁ ଡାଉନଲୋଡ୍ କରି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ।

ସ୍ୱା./- ଆୟୁକ୍ତ

**BHUBANESWAR MUNICIPAL CORPORATION**
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
Bid Reference No. BMC-DD-CE-02/2020-21
No. 57508 Dt.06.11.2020

No. C-193: On behlaf of the Commissioner, Bhubaneswar Municipal Corporation, City Engineer, Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid System (Part-I: General & Technical Bid and Part-II: Financial Bid/Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the Class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the succdssful/selected bidder in the prescribed contract form of BMC (attached to the DTCN). Each bid should be submitted Online through the website **www.tendersodisha.gov.in** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer, Drainage Division, Bhubaneswar Municipal Corporation.

1. Total No. of works for which tender invited : 10 Nos.
2. Place of Execution: Different location in Bhubaneswar Municipal Corporation area.
3. Estimated cost of Individual work: Rs.60,70,454/- to Rs.3,55,85,875/- and Class of Contractor - 'B' to 'Special Class' as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to pariticipate through **"Online"** bidding only. The website for online bidding is **https://www.tendersodisha.gov.in**.
5. The bid document will be available in the above website from **11.00 A.M. on Dt.09.11.2020 to 11 A.M. on Dt.24.11.2020** for online bidding.
6. Last date & time of bidding Online: 24.11.2020, 11 A.M.
7. The bidder shall transfer online required E.M.D./Bid Security amount specified for the works in the table above as part of its bid through process as mentioned in the DTCN.
8. Bids received online will be opened at 11.00 A.M. on Dt.25.11.2020.
9. The bidder must possess valid and compatible **Digital Signature Certificate (DSC)**.
10. The successful bidder bidding @ less than the estimated cost has to furnish A.P.S. (Additional Performance Security) as per OPWD Code amendment to Para - 3.5.5(V) failing which the bid shall not be considered.
11. The DTCN of works shall be available in the e-procurement portal **https://www.tendersodisha.gov.in** for Online bidding.
12. Subsequent reserves Corrigendum, if required, shall appear in these websites.
13. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

By Order of Commissioner, BMC
Sd./- City Engineer
Bhubaneswar Municipal Corporation
OIPR-13002/11/0043/2021

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**
**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା - ୨୦୨୦ରେ ଭାଗନେବା ସମ୍ବନ୍ଧରେ ସୂଚନା**

No. PP-13: ବିଗତ ବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର ଜନତା ମଇଦାନରେ ତା୧୫।୧୨।୨୦୨୦ଠାରୁ ତା୨୭।୧୨।୨୦୨୦ ପର୍ଯ୍ୟନ୍ତ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆୟୋଜନ କରାଯାଉଛି। ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ/ଜାତୀୟ ଅଥବା ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର/ଡିଜାଇନରମାନଙ୍କ ପାଇଁ ହସ୍ତତନ୍ତ ଉତ୍ପାଦର ବିକ୍ରୟ ନିମନ୍ତେ ଷ୍ଟଲର ବ୍ୟବସ୍ଥା କରାଯାଇଛି। ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା୨୬।୧୧।୨୦୨୦ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳରେ ଥିବା ବିଭାଗୀୟ ମଣ୍ଡଳ ଉପନିର୍ଦ୍ଦେଶକ/ସହକାରୀ ନିର୍ଦ୍ଦେଶକଙ୍କୁ ଆବେଦନ କରିବାକୁ ଅନୁରୋଧ। ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ନିମନ୍ତେ ଷ୍ଟଲ ସଂରକ୍ଷଣର ବ୍ୟବସ୍ଥା ରହିଛି।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା - ୨୦୨୦ରେ ଭାଗନେବା ପାଇଁ ଆବେଦନ ଫର୍ମ**

୧) ପ୍ରାର୍ଥୀ/ସଂସ୍ଥା/ଏସ୍‌ଏଚ୍‌ଜିର ନାମ :
୨) ଏସ୍‌ଏଚ୍‌ଜି/ସଂସ୍ଥା ରେଜିଷ୍ଟ୍ରେସନ ନମ୍ବର/ତାରିଖ :
୩) ପ୍ରାର୍ଥୀଙ୍କ କ୍ଷେତ୍ରରେ -
(କ) ବୁଣାକାର ପରିଚୟ ପତ୍ର ନମ୍ବର (ଆବଶ୍ୟକ ସ୍ଥଳେ):
(ଖ) ବୟସ ଓ ଯୋଗ୍ୟତା:
(ଗ) ହସ୍ତତନ୍ତ ବୟନ/ବିକ୍ରୟ/ଡିଜାଇନିଂ କ୍ଷେତ୍ରରେ ଅଭିଜ୍ଞତା (ବର୍ଷରେ):
(ଘ) ପାଇଥିବା ଜାତୀୟ/ରାଜ୍ୟ ପୁରସ୍କାରର ବିବରଣୀ:
୪) ବାର୍ଷିକ କରୁଥିବା ବ୍ୟବସାୟର ମୂଲ୍ୟ:
(କ୍ରମିକ ସଂଖ୍ୟା: ୨, ୩ରେ ଦିଆଯାଇଥିବା ତଥ୍ୟ ସହିତ ପ୍ରମାଣପତ୍ର ଓ କ୍ରମିକ ସଂଖ୍ୟା - ୮ ନିମନ୍ତେ ନିଜସ୍ୱ ଶପଥ ପାଠ ଦାଖଲ କରିବାକୁ ଅନୁରୋଧ)।

OIPR-31003/11/0005/2021

**ତହସିଲଦାରଙ୍କ କାର୍ଯ୍ୟାଳୟ, ବଂଅରପାଳ**
ସଂଖ୍ୟା: ୭୯୮୮ ତାରିଖ: ୦୫।୧୧।୨୦୨୦

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

No. F-66: ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବଂଅରପାଳ ତହସିଲ ଅନ୍ତର୍ଗତ ୪ (ଚାରି ଗୋଟି) ଲଘୁ ଖଣିଜ ଖାଦାନକୁ ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ ୨୦୨୦-୨୧ ଆର୍ଥିକ ବର୍ଷ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ୍ ପାଇଁ ତହସିଲଦାର, ବଂଅରପାଳଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules, 2016, Form - 'M'ରେ ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ ଦଲିଲ ସଂଲଗ୍ନ କରି Sealed Coverରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୫।୧୨।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଦାଖଲ କରିବେ। ସମସ୍ତ ପ୍ରାପ୍ତହୋଇଥିବା ବନ୍ଦ ଲଫାପାଗୁଡ଼ିକ ତା୧୬।୧୨।୨୦୨୦ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡ଼ିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ। ଯେଉଁ ସଇରାତ ଉତ୍ସଗୁଡ଼ିକ ପ୍ରଥମ ତାରିଖରେ ଲିଜ୍ ପାଇଁ ଚୂଡ଼ାନ୍ତ ହୋଇ ନ ପାରିବ ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟ ତାରିଖ ତା୨୨।୧୨।୨୦୨୦ରିଖ ଅପରାହ୍ନ ୫ ଘଟିକା ଓ ତୃତୀୟ ତାରିଖ ତା୨୯।୧୨।୨୦୨୦ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଯଥାକ୍ରମେ ତା୨୩।୧୨।୨୦୨୦ରିଖ ଓ ତା୩୦।୧୨।୨୦୨୦ରିଖ ପୂର୍ବାହ୍ନ ଘ୧୧ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ଖାରଜ କରାଯିବ। ସଇରାତ ଉତ୍ସଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ଅନୁଗୁଳ ଜିଲ୍ଲା Website ତଥା **www.angul.nic.in**ରେ ଉପଲବ୍ଧ ହୋଇପାରିବ।

ସ୍ୱା./- ତହସିଲଦାର, ବଂଅରପାଳ
OIPR-24078/11/0002/2021

**GOVERNMENT OF ODISHA** No. B-376
**OFFICE OF THE SUPERINTENDING ENGINEER, BALANGIR (R&B) CIRCLE, BALANGIR**
Mail ID: sepwdbalangir@gmail.com
**e-Procurement Notice**
**BID IDENTIFICATION No. SE(R&B) BGR/05/2020-21**
No. 1768 Dtd.04.11.2020

1. The **Superintending Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from **B/A/Special** Class contractors registered with the State Governments and contractors of equivalent grade/class registered with Central Government/MES/Railways for execution of Civil Works. The proof of registration from the appropriate authority shall be enclosed along with the bid.
2. Nature of Work : Building Work
3. No. of Tender : Building - 02 Nos.
4. Tender Cost : Rs.10,000/-
5. Class of Contractor : B/A/ Special Class
6. Date & Time of sale & receipt of Bids : From Dt.13.11.2020, 10.00 A.M. to Dt.27.11.2020 upto 05.00 P.M.
7. Date of Opening of Bid : Dt.01.12.2020 at 11.00 A.M.
8. The bidders have to participate in ONLINE bidding only. Further details can be seen from the website **http://tendersorissa.gov.in**. All future corrigendum will be available on ONLINE MODE only.

Sd./- Superintending Engineer
Balangir (R&B) Circle, Balangir
OIPR-34131/11/0005/2021

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# କ ବି ତା

## ଟିଁକି ଚଢ଼େଇ

ଟିଁକି ଚଢ଼େଇ ସେ ଭାରି ସୁନ୍ଦର
ତା' ନୀଡ ତା' ଲାଗି ସରଗପୁର।
କାଠି କୁଟା ଘାସ ଯୋଗାଡ଼ କରି
ଗଢ଼ଇ ତାହାକୁ ନ କରି ଡେରି।
ଅତି ଯତନରେ ଗଢି ତାହାକୁ
ଅଣ୍ଡା ଦେଇ କରି ପାଳଇ ତାକୁ।
ଖରା ବରଷାକୁ ନ କରି ଡର



ଗଛ ଡାଳେ ବାନ୍ଧେ ବସା ନିଜର।
ପୋକ ଜୋକ ପୁଣି ଖୁଦ ମରୁକ
ଖାଇ ବଞ୍ଚି ଯାଏ ନ କରି ଦୁଃଖ।
ଟିଁକି ଜୀବ ସିନା ନୁହେଁ କାତର
ବିଭୁର ଦୟାରୁ ଜନମ ତା'ର।
ଡେଣା ଝାଡି ଉଡେ ଟିଁକି ଚଢେଇ
ଆକାଶ କୋଳରେ ହରଷେ ସେହି।
କେତେ କଷ୍ଟ କରି ଯୋଗାଡେ ପଡି
ଆହା କି ମଧୁର ଲାଗେ ତା ଯୋଡି।
ପ୍ରକୃତିର ଲାଗି ଅମୂଲ୍ୟ ଦାନ
ହସ ଖୁସି ଭରା ତା'ର ଜୀବନ।
ଜୀବ ଜନ୍ତୁ ପ୍ରତି ଦୟାର ଭାବ
ରଖିଥିବ ହୃଦେ ନ ଭୁଲି ଯିବ।
ଜାଣି ଥା ପପୁନୁ ଟିଁକି ପିଲାଟି
ତୋ ସାଙ୍ଗମାନଙ୍କୁ ଦେବୁ କହିଟ।

*-ଧ୍ରୁବ ଚରଣ ବେହେରା,*
*ସୁଭାଷ ନଗର, ଅଠରବାଟିଆ,*
*ବାଲୁଗାଁ,ଖୋର୍ଦ୍ଧା*

## ଦେଇକରି କେବେ କହିବା ନାହିଁ

ଦେଇକରି କେବେ କହିବା ନାହିଁ
ନିଜ ଗୁଣ କେବେ ଗାଇବା ନାହିଁ।
ଅହଂକାର କେବେ କରିବା ନାହିଁ
ଅଶିକ୍ଷିତ ପରି ହୋଇବା ନାହିଁ।
ଆମ ସଭିଙ୍କର ଜଣିଏ ସାଇଁ
ସଭିଏ ଆମର ଭଉଣୀ ଭାଇ।
ତାଙ୍କରି ଆଦେଶେ ବହେ ପବନ
ପକ୍ଷୀ ଘୂରିବୁଲେ ସାରା ଗଗନ।
ତାଙ୍କରି ଆଦେଶେ ନଦୀରେ ଜଳ
ସାଗର କେବେ ହେଁ ଲଙ୍ଘେନି କୂଳ।
ସବୁତ କରନ୍ତି ସେଇ ଈଶ୍ୱର
ଗରବ କାହିଁକି କରିବ ନର।
ପ୍ରଶଂସା ଲୋଭରେ କରିଲେ ଦାନ
ବଢ଼ିବନି କେବେ ନିଜର ମାନ।
ପରହିତ ଏକ କର୍ତ୍ତବ୍ୟ ଜାଣ
ନିଜ ହିତ କଥା ଭାବେ କୃପଣ।
କୁଣ୍ଠିତ ନ ହୋଇ ସାହାଯ୍ୟ ଦେବା
ମଣିଷ ପଣିଆ ଆମେ ଶିଖିବା।

*-ଦିଲିପ୍ କୁମାର ତ୍ରିପାଠୀ,*
*ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ,*
*ଢେଙ୍କାନାଳ*

## ଶୀତ ଆସିଲାଣି

ପାଦ ଚିପି ଚିପି ଆମରି ଗାଆଁକୁ
ଆସିଲାଣି ଶୀତ ମାଉସୀ
କାଲୁଆ ହାତରେ ସବୁରି ଦେହକୁ
ଦେଲାଣି ତ ସିଏ ଆଉଁଶି ।
ପାହାନ୍ତା ପହରୁ ପାଇଟିକୁ ସାରି
ବୋଉ ମୋ ପଡିଛି ଗାଧୋଇ
ଚଉରା ମୂଳରେ ଜାଳେ ସଞ୍ଜବତି
ଝୋଟି ମୁରୁଜକୁ ପକେଇ ।
ଶୀତ ଲାଗିବାରୁ ବୁଢ଼ୀ ମାଆ ମୋର
କୁଣ୍ଢେଇ ବସିଛି ଚୁଲିକି
ବଙ୍କୁଲିକୁ ଧରି ଜେଜେ ଆସିଲେଣି
ଖଣ୍ଡେ ବାଟ ପରା ଚାଲିକି ।
ଶୀତୁଆ ପବନ ପରଶେ କ୍ଷେତରେ
ଧାନ ଗଛ ଖେଳେ ଦୋଳିରେ
ସୂରୁଯ କିରଣେ କାକର ଟୋପାଟି
ଦିଶଇ ମୁକୁତା ଭଳିରେ ।
ଶୀତ ସକାଳର କଅଁଳ ଖରାଟି
ଦେହକୁ ଲାଗଇ ବଢିଆ



ନିଆଁ ପୁଇଁବାକୁ ଖଳାକୁ ଦଉଡେ
ଆମ ଘର ପାଖ ଧଡିଆ ।
ଦେହରେ ପଡିଲେ ପାଣିର ଛିଟିକା
ହାତ ଗୋଡ଼ ଥରି ଉଠେରେ
ସୁନ୍ଦର ଦିଶଇ ବାଡ଼ି ବଗିଚାଟି
ଗଛେ ଫୁଲ ମାନ ଫୁଟିରେ।

*-ପ୍ରକାଶ କୁମାର ଚାନ୍ଦ,*
*ଜୟପୁର ଶାସନ, ପିପିଲି, ପୁରୀ*

## ପାଠପଢ଼ା ପାଇଁ..



**ଭଲ ପାଠ ପଢ଼ି ସଫଳତା ହାସଲ କରିବା ନିମନ୍ତେ ପିଲାମାନେ ବିଭିନ୍ନ ପ୍ରକାରରେ ପ୍ରସ୍ତୁତି କରିଥାନ୍ତି। ଛାତ୍ରୀଛାତ୍ରମାନେ ଶ୍ରେଣୀରେ ନମ୍ବର ୱାନ୍ ହେବା ପାଇଁ କିଭଳି ନିଜକୁ ପ୍ରସ୍ତୁତ କରିବେ ସେନେଇ ଜାଣି ରଖନ୍ତୁ କିଛି ଟିପ୍ସ..**

- ପାଠ ପଢ଼ିବା ପାଇଁ ପ୍ରଥମେ ମନକୁ ସ୍ଥିର କରନ୍ତୁ। ଏହାପରେ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେବ।
- ପିଲାମାନେ ସମସ୍ତେ ପ୍ରଥମେ ନିଜ ହୋମୱାର୍କ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ବାହାର କର। ଏହାପରେ ଅନ୍ୟ ପାଠ କେଉଁ ସମୟରେ ଅଭ୍ୟାସ କରିବେ ଆଗରୁ ସ୍ଥିର କରନ୍ତୁ।
- ପରିଶ୍ରମୀ ଓ ମେଧାବୀ ପିଲାଙ୍କ ଗ୍ରୁପରେ ନିଜକୁ ସାମିଲ କରନ୍ତୁ।
- ମନରେ କୌଣସି ପ୍ରକାରର ପ୍ରଶ୍ନ ଆସିଲେ ତୁରନ୍ତ ଶିକ୍ଷକ କିମ୍ବା ଅଭିଭାବକଙ୍କୁ ପଚାରି ଦ୍ୱନ୍ଦ୍ୱ ଦୂର କରନ୍ତୁ। ପ୍ରଶ୍ନ ପଚାରିବା ପାଇଁ ଆଦୌ ଲାଜ କରନ୍ତୁ ନାହିଁ।
- ପରୀକ୍ଷା ନିମନ୍ତେ ଯଥେଷ୍ଟ ପୂର୍ବରୁ ହିଁ ଏକ ଷ୍ଟଡି ପ୍ଲାନ୍ ତିଆରି କରି ସେହି ଅନୁସାରେ ପଢନ୍ତୁ।
- ପାଠ ପଢ଼ିବା ପାଇଁ ଆପଣଙ୍କୁ ସବୁବେଳେ ଶାନ୍ତ ପରିବେଶ ମିଳିବ ନାହିଁ। ତେଣୁ ସବୁ ପରିସ୍ଥିତିରେ ପଢ଼ିବା ନିମନ୍ତେ ପାଠ ବିଷୟ ଉପରେ ହିଁ ଧ୍ୟାନ କେନ୍ଦ୍ରିତ କରିବାକୁ ଚେଷ୍ଟା କରନ୍ତୁ।

## ଆଇନା




## ଖିଲିଖିଲି ହସ

ପାଠ ପଢ଼ାଉଥିବା ସମୟରେ ଶିକ୍ଷକ ସୁମନ୍‌କୁ ପଚାରିଲେ, ଟଙ୍କା ଆଉ ବୁଦ୍ଧି ଦୁଇଟି ଜିନିଷ। ଏହା ମଧ୍ୟରୁ କେଉଁ ଜିନିଷ ତୁମାର ପସନ୍ଦ ? ସୁମନ୍ ଉତ୍ତର ଦେଲା, ସାର୍, ଏହି ଦୁଇଟି ଜିନିଷ ମଧ୍ୟରୁ ମୁଁ କେବଳ ଟଙ୍କାକୁ ହିଁ ଚଏସ କରିବି। ହେଲେ ସାର୍, ଯଦି ଆପଣଙ୍କୁ ଏ ବିଷୟରେ ଚଏସ କରିବାକୁ କୁହାଯାଏ, ତେବେ ଆପଣ କ'ଣ ଉତ୍ତର ଦେବେ ? ସୁମନ୍‌ର ପ୍ରଶ୍ନ ଶୁଣିବା ପରେ ସାର୍ ବିଳମ୍ବ ନ କରି କହିଲେ, ଆରେ, ମୁଁ ବୁଦ୍ଧିକୁ ହିଁ ଚଏସ କରିବି। ଏକଥା ଶୁଣି ସୁମନ କହିଲା, ସାର୍, ଯାହା ପାଖରେ ଯାହା କମ୍ ଥାଏ ସେ ତାକୁ ହିଁ ଚଏସ କରେ।

ଥରେ ଅମିତ୍‌କୁ ତା' ଜେଜେ ପଚାରିଲେ, ଆରେ କହିଲୁ, ୫ ପରେ କେତେ ଆସିଥାଏ ? ଅମିତ୍ ଉତ୍ତର ଦେଲା, ଜେଜେ, ଏହାର ଉତ୍ତର ଅତି ସହଜ, ୫ ପରେ ୬ ଆଉ ୭ ଆସିଥାଏ । ପୁଣି ଜେଜେ ପଚାରିଲେ, ଏଥର କହିଲୁ ତା' ପରେ କ'ଣ ଆସେ ? ଦୀପୁ କହିଲା-୮,୯, ୧୦। 'ଆଉ ତା'ପରେ ବୋଲି ଜେଜେ ପଚାରିଲେ। ଅମିତ୍ ବିଳମ୍ବ ନ କରି ଉତ୍ତର ଦେଲା, ଜେଜେ, ତା'ପରେ ଗୁଲାମ, ବେଗମ, ବାଦଶାହା।

## କହିଲ ଦେଖି



ଯେଉଁଠି ଆମକୁ ନ୍ୟାୟ ମିଳଇ
ଓକିଲ ହାକିମ ରାୟ ଦିଅଇ
କାଠଗଡା ଥାଏ ରହି
ଦୋଷୀକୁ ଶୁଣାନ୍ତି ସେଠାରେ ଦଣ୍ଡ
ଫାଶୀ ଶୁଣି ଭାଙ୍ଗେ କଲମ ମୁଣ୍ଡ
କିଏ ସେ ପାରିବ କହି ?
**ଉତ୍ତର : ନ୍ୟାୟାଳୟ**

ସକାଳୁ ଆମେ ନିଇତି ଯାଉ
ବହି ବସ୍ତାନି ହାତରେ ନେଉ
ପଢ଼ିବା ପାଇଁ ପାଠ
ସେହି ସ୍ଥାନର ନାମଟି କ'ଣ
ଯିଏ କହିବ ପିଲାଏ ଶୁଣ
ନେବ ଚୁଚୁମା ଆଠ ?
**ଉତ୍ତର : ବିଦ୍ୟାଳୟ**





ପିନ୍ଧିଥାଏ ଟୋପି ପୋଷାକ ଖାକି
ଧରିଥାଏ ଝୋଲି କାଖରେ ଜାକି
ବୁଲି ବୁଲି ବାଣ୍ଟେ ଚିଠି
ନେଇଯାଏ ତାକୁ ଲଫାପା ଦେଲେ
କହି କି ପାରିବ ତା' ନାମ ପିଲେ
ସିଏ କେଉଁ ମନୁଷ୍ୟଟି ?
**ଉତ୍ତର : ଡାକବାଲା**

ଦେହ ଖରାପ ହେଲେ ଆମର
ଦେଖିବା ପାଇଁ ସେଠି ଡାକ୍ତର
ଅଛନ୍ତି ଜଣ ଜଣ
ରୋଗୀମାନଙ୍କୁ ଖାଇବା ପାଇଁ
ଔଷଧ ଆଣି ଦିଅନ୍ତି ଧାଇଁ
କୁହ ତା' ନାମ କ'ଣ ?
ଉତ୍ତର : **ଡାକ୍ତରଖାନା**



*-ଅମରନାଥ ବାରିକ୍, କୟାଁ, ମଙ୍ଗଳପୁର, ଯାଜପୁର*

## ମନର ସଂଯମ ଲୋଡ଼ା


ଫାଇଲ

ଜଣେ ସନ୍ଥ ଥିଲେ । ସେ ବଡ ତପସ୍ୱୀ ଆଉ ଜ୍ଞାନୀ ଥିଲେ। ଲୋକମାନେ ତାଙ୍କର ଧୈର୍ଯ୍ୟର ପ୍ରଶଂସା କରୁଥିଲେ । ଦିନେ ତାଙ୍କ ମନରେ ଗୋଟିଏ ବିଚାର ଆସିଲା ଆଉ ସେ ଖାଦ୍ୟ ପାନୀୟର ସଂଯମ କରିଦେଲେ । କିନ୍ତୁ କ୍ଷୀର ପିଇବା ତାଙ୍କର ବହୁତ ପସନ୍ଦ ଥିଲା । ତାକୁ ତ୍ୟାଗ କରିବା ପାଇଁ ସେ ମନ କଲେ । ଏଥର ସନ୍ଥ କ୍ଷୀର ପିଇବା ବି ଛାଡିଦେଲେ ।

ସବୁ ଲୋକ ବଡ ଆଶ୍ଚର୍ଯ୍ୟ ହେଲେ । ସେ ଏହି ବ୍ରତକୁ ପୂରା କଡାକଡି ଭାବରେ ପାଳନ କଲେ । ଏମିତି କରିବାରେ ବହୁତ ବର୍ଷ ବିତିଗଲା । ଦିନେ ସନ୍ଥଙ୍କ ମନରେ ବିଚାର ଆସିଲା କି ଆଜି ସେ କ୍ଷୀର ପିଇବେ । ଏବେ ସେ ନ ଚାହିଁଲେ ବି କ୍ଷୀର ପିଇବାର ଇଚ୍ଛା ପ୍ରବଳ ହେବାକୁ ଲାଗିଲା । ତାଙ୍କୁ ଜଣେ ମହାଜନ ଦିନେ ଘରକୁ ଖାଇବାକୁ ଡାକିଲେ । ସେ ମହାଜନଙ୍କୁ କହିଲେ ଆଜି ଖାଲି ମୁଁ କ୍ଷୀର ପିଇବାକୁ ଚାହୁଁଛି। ସେ ମହାଜନଙ୍କୁ ଜଣାଥିଲା କି ସନ୍ଥ କ୍ଷୀର ନ ପିଇବାର ସଂକଳ୍ପ ନେଇଛନ୍ତି। ସନ୍ଧ୍ୟାବେଳେ ମହାଜନ ୪୦ଟା ମାଠିଆ ଆଣି ସନ୍ଥଙ୍କ ଘର ବାହାରେ ରଖିଦେଲେ । ସେ ସବୁଥିରେ କ୍ଷୀର ଥିଲା । ମହାଜନ ଆସିଲେ ଆଉ କହିଲେ, ଆପଣ ଏହି କ୍ଷୀର ସବୁ ପିଇ ଦିଅନ୍ତୁ।

ସନ୍ଥ କହିଲେ, ମୁଁ ଏତେ କ୍ଷୀର ପିଇପାରିବି ନାହିଁ । ଆପଣ ଏତେ ମାଠିଆ କାହିଁକି ଆଣିଲେ !

ମହାଜନ କହିଲେ, ସାଧୁବାବା ଆପଣ କ୍ଷୀର ପିଇବା ୪୦ବର୍ଷ ତଳୁ ଛାଡି ଦେଇଥିଲେ। ମୁଁ ସେହି ହିସାବରେ ୪୦ଟା ମାଠିଆ ଆଣି ଆପଣଙ୍କ ସାମ୍ନାରେ ରଖିଦେଲି।

ମହାଜନଙ୍କ କଥାକୁ ସନ୍ଥ ବୁଝିପାରିଲେ ଆଉ କ୍ଷମା ମାଗି କରି କହିଲେ, ମୁଁ ମୋର ବ୍ୟାକୁଳତା ଉପରେ ନିୟନ୍ତ୍ରଣ ପାଇଗଲି।

*-ମନୋଜ କୁମାର ବେହେରା,*
*୨୧୭, ୟୁନିଟ-୯(ଫ୍ଲାଟ), ବାୟାବାବା ମଠ ଲେନ, ଭୁବନେଶ୍ୱର*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ୧୪ ବର୍ଷରେ ସ୍କେଟିଂ ଧାବିକା

ପିଲାମାନେ ତୁମେ ତ ଜାଣ କି ସ୍କେଟିଂ କରିବା କେତେ କଷ୍ଟକର କାମ। ସ୍କେଟର ପିନ୍ଧି ଠିକ୍ ଭାବେ ସନ୍ତୁଳନ ରକ୍ଷା କରି ନ ପାରିଲେ ତଳେ ପଡ଼ି ଆହତ ହେବାର ଆଶଙ୍କା ଥାଏ। କିନ୍ତୁ କିଛି ଲୋକ ବେଶ୍ ସୁନ୍ଦରଭାବେ ସ୍କେଟର ପିନ୍ଧି ଚାଲିବାର ଅଭ୍ୟାସ କରିଥାନ୍ତି। ସ୍କେଟର ପିନ୍ଧି ଚାଲିବା ନିମନ୍ତେ ବହୁ ଅଭ୍ୟାସ କରିବାକୁ ହୁଏ ଏହା ସତ, କିନ୍ତୁ ସ୍କେଟର ପିନ୍ଧି ଦ୍ରୁତ ଗତିରେ ଦୌଡ଼ିବା କଥା ହୁଏତ ଅସମ୍ଭବ ମନେ ହୋଇପାରେ। କିନ୍ତୁ ଏଭଳି ଏକ କାମ କରି ଏବେ ଗିନିଜ୍ ରେକର୍ଡ କରିଛନ୍ତି କର୍ନାଟକର ୧୪ ବର୍ଷୀୟା ବାଳିକା ଓଜଲ ସୁନୀଲ ନାଲାବଡ଼ି। ମହିଳା ସ୍କେଟରଭାବେ ସେ ସ୍କେଟର ପିନ୍ଧି ସବୁଠୁ ଅଧିକ ବେଗରେ ଦୌଡ଼ିପାରୁଥିବାରୁ ଏହି ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି। ସ୍କେଟର ପିନ୍ଧି ସେ ୪୦୦ ମିଟର ଦୂରତାକୁ ମାତ୍ର ୫୧.୨୫ ସେକେଣ୍ଡରେ ଦୌଡି ପୂରଣ କରିଛନ୍ତି।



## ଟଗଲା ଭୀମୁ




## ତୁମ ତୂଳୀରୁ




ଆୟୁଷୀ କର
କ୍ଲାସ- ୩, ଏମ୍.ଏସ୍.ଏଚ୍. ସ୍କୁଲ୍, ନୂଆଦିଲ୍ଲୀ




ସାଇସ୍ମୃତି ମହାପାତ୍ର
କ୍ଲାସ- ୮, ବାଘୁଆ ସରକାରୀ ସ୍କୁଲ, ବାଲେଶ୍ୱର




ଦିବ୍ୟାଂଶୁ ସାହୁ
କ୍ଲାସ- ୧, ଟ୍ୟାଲେଣ୍ଟ ଇଣ୍ଡିଆ ଏକାଡେମୀ ସ୍କୁଲ, ଭୋପାଳ

## ଭୋଗ ଖାଇ ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**କପ୍ତିପଦା,(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଶାଳବୁଆ ପଞ୍ଚାୟତ ସୋଲଗଡ଼ିଆ ଗ୍ରାମରେ ଭୋଗ ଖାଇ ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ସମସ୍ତେ ଶାଳବୁଆ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଉଦଳା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଅସୁସ୍ଥମାନେ ହେଲେ ସାବିତ୍ରୀ ସେଠୀ, ପାର୍ବତୀମଣି ସେଠୀ, ସୁଦାମ ସେଠୀ ଓ ଦିବାକର ସେଠୀ। ସୂଚନା ଅନୁଯାୟୀ, ବୁଧବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସତ୍ୟନାରାୟଣ ପୂଜା ହୋଇଥିଲା। ଏହି ପୂଜାରେ ପ୍ରସ୍ତୁତ ଭୋଗ ଖାଇବା ପରେ ବିଳମ୍ବିତ ରାତିରୁ ସମସ୍ତଙ୍କର ପେଟବଥା, ବାନ୍ତି ହେବା ସହିତ କେତେଜଣଙ୍କୁ ଜ୍ୱର ମଧ୍ୟ ଆସିଥିଲା। ଗୁରୁବାର ସକାଳେ ସେମାନେ ଶାଳବୁଆ ଡାକ୍ତଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ।

## ସଂକ୍ଷେପରେ

### ୧,୪୯୪ ଆକ୍ରାନ୍ତ ଚିହ୍ନଟ, ୧,୬୪୧ ସୁସ୍ଥ, ୧୫ ମୃତ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** ରାଜ୍ୟରେ ସଂକ୍ରମଣ କମିଥିଲେ ମଧ୍ୟ ଏବେ ଦୈନିକ ସଂକ୍ରମଣ ହଜାରେ ଉପରେ ରହୁଛି। ଶେଷ ୨୪ ଘଣ୍ଟାରେ ଆଉ ୧,୪୯୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୮୬୭ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରିଥିବାବେଳେ ୬୨୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୫୩ଜଣ, କଟକ ୧୧୨ ଓ ବାଲେଶ୍ୱରରୁ ୧୦୨ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି ଓ ଦେବଗଡ଼ରେ ସର୍ବନିମ୍ନ ୫ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୨,୯୮,୬୭୮ରେ ପହଞ୍ଚିଛି। ଅପରପକ୍ଷରେ ରାଜ୍ୟରେ ଆଉ ୧୫ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସମ୍ବଲପୁର ଓ ଖୋର୍ଦ୍ଧା ଜିଲା (ଭୁବନେଶ୍ୱରରେ ୨)ରୁ ୩ଜଣ ଲେଖାଏ ରହିଥିବାବେଳେ ବରଗଡ଼ ଓ ମୟୂରଭଞ୍ଜରୁ ୨ଜଣ ଲେଖାଏ, ମାଲକାନଗିରି, ପୁରୀ, ବାଲେଶ୍ୱର, ବଲାଙ୍ଗୀର, କଟକ ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୩୯୩କୁ ବୃଦ୍ଧି ପାଇଛି। ସେପଟେ ଶୁକ୍ରବାର ରାଜ୍ୟରେ ଆଉ ୧,୬୪୧ ଆକ୍ରାନ୍ତ କରୋନାରୁ ସୁସ୍ଥ ହେବାପରେ ମୋଟ ଆରୋଗ୍ୟ ସଂଖ୍ୟା ୨,୮୫,୧୭୪ ଛୁଇଁଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

### ଗୀତିକାର ଶୀର୍ଷାନନ୍ଦଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** ଓଡ଼ିଶାର ଖ୍ୟାତନାମା ଗୀତିକାର ଶୀର୍ଷାନନ୍ଦ ଦାସ କାନୁନ୍‌ଗୋଙ୍କ ଚିକିତ୍ସା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଅନେକ ଲୋକପ୍ରିୟ ସଙ୍ଗୀତର ଗୀତିକାର ଭାବେ ଓଡ଼ିଶାର ଘରେ ଘରେ ପରିଚିତ ଶୀର୍ଷାନନ୍ଦ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଏହି ଅବସରରେ ଗୀତିକାର ଦାସଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୯ରେ କଂଗ୍ରେସର କ୍ଷେତ ବଞ୍ଚାଅ ଯାତ୍ରା

**ଭୁବନେଶ୍ୱର, ୬।୧୧(ବ୍ୟୁରୋ):** କେନ୍ଦ୍ର ସରକାରଙ୍କ କୃଷି ବିଲ୍ ପ୍ରତିବାଦରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅକ୍ଟୋବରରେ ପଞ୍ଜାବ ଏବଂ ହରିୟାଣାରେ ଐତିହାସିକ 'କ୍ଷେତ ବଞ୍ଚାଅ ଯାତ୍ରା' କରିଥିଲେ। ଏଆଇସିସିର ନିର୍ଦ୍ଦେଶକ୍ରମେ ପିସିସି ପକ୍ଷରୁ ଆସନ୍ତା ୯ ତାରିଖରେ ରାଜ୍ୟରେ 'କ୍ଷେତ ବଞ୍ଚାଅ ଯାତ୍ରା' ନାମରେ ଏକ ଟ୍ରାକ୍ଟର ରାଲି ଅନୁଷ୍ଠିତ ହେବ। ସେହିପରି ୧୩ରେ ଜବାହରଲାଲ ନେହେରୁଙ୍କ ଉପରେ ଆଲୋଚନାଚକ୍ର ଏବଂ ୧୪ରେ ସାମାଜିକ ଗଣମାଧ୍ୟମରେ 'ସ୍ପିକ୍ ଅପ୍ ଫର୍ ପିଏସୟୁଏସ୍' ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ଭୁବନେଶ୍ୱର କଂଗ୍ରେସ ଭବନ କାର୍ଯ୍ୟାଳୟରୁ ପୂର୍ବାହ୍ନ ୯ଟାରେ ଟ୍ରାକ୍ଟର ରାଲି ବାହାରି କଟକ ଜିଲା ଅନ୍ତର୍ଗତ ପ୍ରତାପନଗରୀ ନିକଟସ୍ଥ ଧାକୁଲେଇ ମନ୍ଦିର, ୪୨ ମୌଜା ଓ ପ୍ରେସ୍‌ଛକ ଦେଇ ଶକ୍ତିନଗରସ୍ଥିତ ଦଳର ଜିଲା କାର୍ଯ୍ୟାଳୟରେ ପହଞ୍ଚିବ। ଏଥିରେ ପ୍ରଭାରୀ ଏ. ଚେଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ରଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପିସିସି ସଭାପତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ୩୦ ବର୍ଷରେ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ହତ୍ୟା

## କଶ୍ମୀରରେ ବଳି ପଡ଼ୁଛନ୍ତି ରାଜନୈତିକ କର୍ମକର୍ତ୍ତା

**ନୂଆଦିଲ୍ଲୀ,୬।୧୧(ଆଇଏଏନ୍ଏସ୍)**




କଶ୍ମୀର ଉପତ୍ୟକାରେ ଗତ ୩୦ ବର୍ଷ ମଧ୍ୟରେ ୫ ହଜାରରୁ ଅଧିକ ରାଜନୈତିକ ନେତା ଓ କର୍ମକର୍ତ୍ତାଙ୍କୁ ହତ୍ୟା କରାଯାଇଛି। ୧୯୮୯ରୁ ୨୦୧୯ ମଧ୍ୟରେ ପାକ୍ ସମର୍ଥିତ ଆତଙ୍କବାଦୀଙ୍କ ଦ୍ୱାରା ଏଭଳି କାଣ୍ଡ ରଚାଯାଇଛି। ତେବେ ୨୦୦୦ ମସିହାରେ ଭାଜପାର ୮ ଜଣଙ୍କୁ ମିଶାଇ ମୋଟ ୧୦ ଜଣଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ପୂର୍ବରୁ କୌଣସି ରାଜନୈତିକ ହତ୍ୟାକାଣ୍ଡ ପରେ ଆତଙ୍କବାଦୀ ଗୋଷ୍ଠୀ ପକ୍ଷରୁ ନିଜକୁ ଦାୟୀ କରାଯାଉଥିଲା। ଏବେ ଆଉ ପ୍ରାୟ ସେଭଳି ଘଟୁନି କି ସେଭଳି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ।

୧୯୮୯ ଅଗଷ୍ଟ ୨୧ରେ ନ୍ୟାଶନାଲ କନ୍‌ଫରେନ୍ସର କର୍ମକର୍ତ୍ତା ମହମ୍ମଦ ୟୁସୁଫ ହଲ୍‌ୱାଇଙ୍କୁ ହତ୍ୟା କରାଯାଇଥିଲା। ପରେ ଭାରତୀୟ ଜନସଂଘ ନେତା ଟିକାଲାଲ୍ ଟାପ୍‌ଲୁଙ୍କୁ ଶ୍ରୀନଗରରେ ଗୁଳିମାଡ଼ କରାଗଲା। ସ୍ୱାଧୀନ ବିଧାୟକ ମୀର୍ ମୁସ୍ତାଫାଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିଲା। ସିପିଆଇ ନେତା ଅବ୍‌ଦୁଲ ସତାର ରଞ୍ଜୁରଙ୍କୁ ମାର୍ଚ୍ଚ ୧୯୯୦ରେ ଟାର୍ଗେଟ କରାଗଲା। ପୂର୍ବତନ ମନ୍ତ୍ରୀ ଶେଖ୍ ଜାବର, ପୂର୍ବତନ ବିଧାୟକ ଶେଖ୍ ମନ୍‌ସୁର, ପୂର୍ବତନ ବିଧାୟକ ଗୁଲାମ୍ କାଦିର ୱାନି ଓ ତାଙ୍କ ପୁଅ ତଥା ପୂର୍ବତନ ବିଧାୟକ ନାଜିର ଅହମଦ ୱାନିଙ୍କୁ ହତ୍ୟା କରାଯାଇଥିଲା। ପୂର୍ବତନ ବିଧାୟକ ପୀର ମହମଦ ସାଫି, ମୋହମ୍ମଦ ଶୁଭମ୍ ଭଟଙ୍କୁ ୧୯୯୧ରେ ଗୁଳିମାଡ଼ କରାଯାଇଥିଲା। ୧୯୯୦ରେ ମୀରୱାଇଜ ଫାରୁକ ଓ ୧୯୯୪ରେ ନାସିର ଅହମଦଙ୍କୁ ହତ୍ୟା କରାଗଲା। ବିଚ୍ଛିନ୍ନତାବାଦୀ ନେତା ଓ ସରକାର ଏଥିଲାଗି ପରସ୍ପରକୁ ଦୋଷାରୋପ କରିଥିଲେ। ପରେ ଭାଜପା ନେତା ଗୁଲାମ କାଦିର, ବାନ୍ଦିପୋରାରେ ବାପା ଓ ଭାଇଙ୍କ ସହ ଭାଜପା ନେତା ଶେଖ୍ ୱାସିମ୍ ବାରି, କଂଗ୍ରେସ ସରପଞ୍ଚ ଅଜୟ ପଣ୍ଡିତାଙ୍କୁ ଲାର୍କିପୋରାରେ ହତ୍ୟା କରାଯାଇଥିଲା। ଭାଜପା ସରପଞ୍ଚ ଶେଖ୍ ସାଜାଦ୍ ଅହମଦ, ଅବଦୁଲ ହମିର ନାଜାରଙ୍କୁ ଗୁଳିମାଡ଼ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ୱାଲି ମୋହମ୍ମଦ ଇତ୍ତୁ, ପୂର୍ବତନ ବିଧାୟକ ଗୁଲାମ୍ ନବୀ ଦରଙ୍କୁ ୧୯୯୪ରେ ହତ୍ୟା କରାଯାଇଥିଲା। ୧୯୯୬ରେ ନ୍ୟାଶ୍‌ନାଲ କନ୍‌ଫରେନ୍ସ କ୍ଷମତାକୁ ଆସିବା ପରେ ବିଧାୟକ ଅବ୍‌ଦୁଲ ଆହଦୱାନି, ଗୁଲାମ ହାସନ ଭଟ, କଂଗ୍ରେସ ନେତା ଆଗା ସୟେଦ ମେହଦିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ୨୦୦୨ରେ ମନ୍ତ୍ରୀ ମୁସ୍ତାକ ଅହମଦ ଲୋନ, ୨୦୦୪ରେ ପୂର୍ବତନ ମନ୍ତ୍ରୀ ସଫ୍‌ଦର ଅଲି ବେଗ୍‌ଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଏହା ପରେ ବିଚ୍ଛିନ୍ନତାବାଦୀ ନେତା ତଥା ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ ଅବ୍‌ଦୁଲ ଗନି ଲୋନ୍, ପିଡିପି ନେତା ଗୁଲାମ୍ ନବୀ ଲୋନ୍‌ଙ୍କ ସମେତ ଅନେକ ପଞ୍ଚାୟତ ସଦସ୍ୟଙ୍କୁ ହତ୍ୟା କରାଯାଇଛି। ବିଚ୍ଛିନ୍ନତାବାଦୀ ନେତା ଓ ସ୍ଥାନୀୟ ଯୁବକମାନେ ଆତଙ୍କବାଦୀଙ୍କ ସହ ଭିତିରି ସମ୍ପର୍କ ରଖି ଏଭଳି ହତ୍ୟାକାଣ୍ଡକୁ ପ୍ରୋତ୍ସାହନ ଦେଉଥିଲେ। ପରେ ବିଭିନ୍ନ ହାଇପ୍ରୋଫାଇଲ ନେତାଙ୍କୁ ଟାର୍ଗେଟ କରାଯାଇଥିଲା।

# ଅପେରା କୁଇନ୍ ପ୍ରତିଯୋଗିତାରେ ଦୀପନ୍ୱେତା

**ସମ୍ବଲପୁର, ୬।୧୧ (ବ୍ୟୁରୋ)**



ମିସ୍ ଇଣ୍ଡିଆ ଅପେରା କୁଇନ୍- ୨୦୨୦ ଦୀପନ୍ୱେତା ପତି।

ଅନ୍ତର୍ଜାତୀୟ ଫ୍ୟାଶନ ଶୋ' ମିସ୍ ଇଣ୍ଡିଆ ଅପେରା କୁଇନ୍-୨୦୨୦ ପ୍ରତିଯୋଗିତାରେ ସମ୍ବଲପୁର ଝିଅ ଦୀପନ୍ୱେତା ପତି ଶ୍ରେଷ୍ଠ ଫଟୋ ଜେନିକ୍ ଓ ଶ୍ରେଷ୍ଠ ଫଟୋଗ୍ରାଫିକ୍ ଭାବେ ବିଜୟିନୀ ହୋଇଛନ୍ତି। ତାଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ କରିଥିବା ଦୀପନ୍ୱେତା ଜଣେ ମେଧାବୀ ଛାତ୍ରୀ। ପିଲାଟି ଦିନରୁ ଫ୍ୟାଶନ ଶୋ'ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ତେଣୁ ଅନ୍‌ଲାଇନରେ ଆୟୋଜିତ ଅନ୍ତର୍ଜାତୀୟ ଫ୍ୟାଶନ ଶୋ'ରେ ସେ ଭାଗ ନେଇଥିଲେ। ପ୍ରଥମେ ୨ ରାଉଣ୍ଡ ଭଲ ପ୍ରଦର୍ଶନ କରି ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ନଭେମ୍ବର ପ୍ରଥମ ସପ୍ତାହରେ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ସହ ହୀରାକୁଦ ଜଳଭଣ୍ଡାର କୂଳରେ ବସି ଭିଡିଓଗ୍ରାଫି କରିଥିଲେ। ଯାହାକି ତାଙ୍କୁ ବିଜୟର ଟିକା ପିନ୍ଧାଇଥିଲା। ଫ୍ୟାଶନ ଶୋ'ସହିତ ସିଭିଲ ସର୍ଭିସ ପରୀକ୍ଷା ପାଇଁ ସେ ପ୍ରସ୍ତୁତ ହେଉଥିବା ଦୀପନ୍ୱେତା କହିଛନ୍ତି।

# ଜାମିନରେ ମୁକୁଳିଲେ ନାଚିକା ଲିଙ୍ଗା

**କୋରାପୁଟ,୬।୧୧(ସ୍ୱ.ପ୍ର.)**



ନାଚିକା ଲିଙ୍ଗା

- **ନାରାୟଣପାଟଣା ଆଦିବାସୀ ଚାଷୀ ମୂଲିଆ ସଂଘ ସଭାପତି**
- **୪୫ ରୁ ୪୪ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି**

ନାରାୟଣପାଟଣା ଚାଷୀ ମୂଲିଆ ଆଦିବାସୀ ସଂଘ (ସିଏମ୍ଏଏସ୍) ସଭାପତି ନାଚିକା ଲିଙ୍ଗା ଶୁକ୍ରବାର ଜାମିନରେ ମୁକୁଳିଛନ୍ତି। ଆଗାମୀ ଦିନରେ ସେ ଆଦିବାସୀଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ। ମଦମୁକ୍ତି ଅଭିଯାନ ଓ ଗୋତିପ୍ରଥା ଉଚ୍ଛେଦ ଲାଗି ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ଏହି ଅବସରରେ ନାଚିକା କହିଛନ୍ତି। ନାଚିକା ନାରାୟଣପାଟଣା ଅଞ୍ଚଳରେ ୨୦୦୮ରୁ ଗୋତିପ୍ରଥା, ମଦ ବ୍ୟବସାୟ ଓ ପୋଲିସର କାର୍ଯ୍ୟକୁ ବିରୋଧ କରି ବିଭିନ୍ନ ସମୟରେ ଆନ୍ଦୋଳନ କରୁଥିଲେ। ତାଙ୍କ ବିରୋଧରେ ହତ୍ୟା, ଲୁଣ୍ଠନ, ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଓ ନାରାୟଣପାଟଣା ଥାନାପୋଡ଼ି ଭଳି ୪୫ଟି ମାମଲା ପୋଲିସ ରୁଜୁ କରି ତାଙ୍କୁ ୨୦୧୪ ଅକ୍ଟୋବରରେ ପୋଲିସ ଗିରଫ କରିଥିଲା। ସେବେଠାରୁ ସେ ଜେଲରେ ଥିଲେ। ୪୫ଟି ମାମଲାରୁ ୪୪ଟି ମାମଲାରେ ନାଚିକା ନିର୍ଦ୍ଦୋଷରେ ଖଲାସ ହୋଇଥିବାବେଳେ ନାରାୟଣପାଟଣା ଥାନା ଆକ୍ରମଣ ମାମଲାର ବିଚାର ଏଯାଏ ଶେଷ ହୋଇନାହିଁ। ତେବେ ସାକ୍ଷୀମାନଙ୍କ ଅନୁପସ୍ଥିତି ଯୋଗୁ ଏହି ମାମଲାର ବିଚାର ପ୍ରକ୍ରିୟାରେ ବିଳମ୍ବ ହେଉଥିବା ଦର୍ଶାଇ ନାଚିକାଙ୍କ ଓକିଲ ଜାମିନ ପାଇଁ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କୋରାପୁଟ ଅତିରିକ୍ତ ସେସନ କୋର୍ଟ ଶୁକ୍ରବାର ନାଚିକାଙ୍କୁ ୨ଜଣ ଜାମିନଦାର ଓ ୫୦ ହଜାର ଟଙ୍କାର ମୁଚାଲିକାରେ ଜାମିନ ପ୍ରଦାନ କରିଥିବା ସରକାରୀ ଓକିଲ ବିଦ୍ୟାଧର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନାଚିକା ନାରାୟଣପାଟଣା ଥାନା ଆକ୍ରମଣ ମାମଲାର ବିଚାର ଶେଷହେବା ଯାଏ କୌଣସି ଅପରାଧମୂଳକ କାର୍ଯ୍ୟ କରିବେ ନାହିଁ। କୋରାପୁଟ ଜିଲା ଛାଡି ବାହାରକୁ ଯିବେନାହିଁ। ମାମଲାର ପ୍ରତି ତାରିଖରେ କୋର୍ଟରେ ହାଜର ହେବାକୁ ୩ଟି ସର୍ତ୍ତ ରଖି କୋର୍ଟ ଏହି ଜାମିନ ମଞ୍ଜୁର କରିଛନ୍ତି।

# ବିରଜୁଙ୍କୁ ଆଣିବା ପାଇଁ ଅମୃତସର ଗଲା ସ୍ୱତନ୍ତ୍ର ଟିମ୍



**ସୁନ୍ଦରଗଡ଼, ୬।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଜଙ୍ଗରଟୋଲି ଗ୍ରାମର ବିରଜୁ କୁଲୁ ପାକିସ୍ତାନ ଜେଲରେ ୨୦ବର୍ଷ ସଜା କାଟି ଭାରତକୁ ପ୍ରତ୍ୟାବର୍ତ୍ତନ ପରେ ତାଙ୍କୁ ନିଜ ଭିଟାମାଟିକୁ ଫେରାଇ ଆଣିବା ପାଇଁ ଶୁକ୍ରବାର ଜିଲା ପ୍ରଶାସନର ଏକ ସ୍ୱତନ୍ତ୍ର ଟିମ୍ ଅମୃତସର ଯାତ୍ରା କରିଛି। କୁତ୍ରା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମଙ୍ଗଲ ସିଂଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ବିରଜୁଙ୍କୁ ଆଣିବା ପାଇଁ ପଞ୍ଜାବର ଅମୃତସର ନାରାୟଣଗଞ୍ଜକୁ ଯାଇଛନ୍ତି।

୨୫ବର୍ଷ ତଳେ ବିରଜୁ ରାଞ୍ଚିର ଏକ ହୋଟେଲରେ କାମ କରୁଥିବା ବେଳେ ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେଠାରୁ ସେ ନିଖୋଜ ହୋଇଯାଇଥିଲେ। ସେ ଭୁଲବଶତଃ ପାକିସ୍ତାନ ସୀମାକୁ ଚାଲି ଯାଇଥିବା ବେଳେ ସେଠାକାର ସୈନ୍ୟମାନେ ତାଙ୍କୁ ଗିରଫ କରିଥିଲେ। ଗିରଫ ପରେ ପାକିସ୍ତାନ ସରକାର ତାଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ବିରଜୁ ୨୦ବର୍ଷ ଜେଲ ସଜା କାଟିବା ପରେ ଗତ ୨୬ ତାରିଖ ପାକିସ୍ତାନ ସରକାର ତାଙ୍କୁ ୱାଘା ସୀମାରେ ଭାରତ ସରକାରଙ୍କୁ ହସ୍ତାନ୍ତର କରିଥିଲେ। ଭାରତ ଫେରିବା ପରେ କୋଭିଡ୍ ନିୟମଅନୁଯାୟୀ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅମୃତସର ନାରାୟଣଗଞ୍ଜ କୋଭିଡ ହସ୍ପିଟାଲରେ ରଖାଯାଇଛି। କ୍ୱାରାଣ୍ଟାଇନ୍ ଅବଧି ଶେଷ ପରେ ତାଙ୍କୁ ସୁନ୍ଦରଗଡ଼ ଆଣିବା ପାଇଁଏହି ଟିମ୍ ସେଠାକୁ ଯାଇଛନ୍ତି।

# ୨ ଗର୍ଭବତୀଙ୍କୁ ରକ୍ତ ଦେଇ ବଞ୍ଚାଇଲେ

## ବିଏସ୍ଏଫ୍ ଯବାନଙ୍କ ମହାନତା

**ମାଲକାନଗିରି,୬।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ୨୪ଟି ବିଏସ୍ଏଫ୍ କ୍ୟାମ୍ପରେ ଥିବା ଯବାନମାନେ ମାଓବାଦୀ କାର୍ଯ୍ୟକଳାପ ଦମନ ସହ ଜିଲାର ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷାରେ ନିୟୋଜିତ ହୋଇଛନ୍ତି। ଏକ୍ଷେତ୍ରରେ ସେମାନେ କେବେ ନିଜ କର୍ତ୍ତବ୍ୟରେ ଅବହେଳା କରିନାହାନ୍ତି। ଏଥିସହ ସେମାନେ ବିଭିନ୍ନ ଜନହିତକର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଏପରି ନଜିର ପୂର୍ବରୁ ମଧ୍ୟ ରହିଛି। ଶୁକ୍ରବାର ୨ଜଣ ଗର୍ଭବତୀଙ୍କୁ ବିଏସ୍ଏଫ୍ ଯବାନ ରକ୍ତ ଦେଇ ବଞ୍ଚାଇ ଦେଇଛନ୍ତି। ଏହି କାର୍ଯ୍ୟ ସେମାନଙ୍କ କର୍ତ୍ତବ୍ୟନିଷ୍ଠାର ଅନ୍ୟ ଏକ ଉଦାହରଣ ସୃଷ୍ଟି କରିଛି। ମାଲକାନଗିରି ଜିଲା ମାଥିଲି ବ୍ଲକ ଟେମୁରୁପାଲ୍ଲୀ ପଞ୍ଚାୟତ କୈକିଗୁଡା ଗ୍ରାମର ଗର୍ଭବତୀ ଥିବା ମୁୟେ ସୋଡିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ତାଙ୍କର ରକ୍ତ ଆବଶ୍ୟକ ହୋଇଥିଲା। ମାତ୍ର ଏଠାରେ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। କରୋନା ଯୋଗୁ ରକ୍ତଦାନ ଶିବିର ଓ ରକ୍ତସଂଗ୍ରହ ହୋଇପାରୁ ନ ଥିବାରୁ ଗତ କିଛିମାସ ଧରି ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବଜନିତ ପରିସ୍ଥିତି ସୃଷ୍ଟି ହେଉଛି। ଏ ସମ୍ପର୍କରେ ଏମ୍‌ଭି-୩ସ୍ଥିତ ୧୬୦ ବିଏସ୍ଏଫ୍ ବାଟାଲିୟନର ଯବାନ ରବୀନ୍ଦ୍ର କୁମାର ନାୟକ ଜାଣିବା ପରେ ସେ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। ରବୀନ୍ଦ୍ର ଏ ପଜିଟିଭ୍ ରକ୍ତ ଦେଇ ମୁୟେଙ୍କ ଜୀବନ ବଞ୍ଚାଇଥିଲେ। ସେହିପରି ମାଥିଲି ବ୍ଲକ ଟେମୁରୁପାଲି ପଞ୍ଚାୟତ କଂସାରିପୁଟ ଗ୍ରାମର ଗର୍ଭବତୀ ମହିଳା ଛବି ନାୟକଙ୍କୁ ମଧ୍ୟ ୨ୟୁନିଟ ରକ୍ତ ଦରକାର ପଡିବାରୁ ବିଏସ୍ଏଫ୍‌ର ସନ୍ଦୀପ କୁମାର ଓ ଇନ୍ଦ୍ରଜିତ ସିଂ ନାମକ ଦୁଇଜଣ ଯବାନ ଡାକ୍ତରଖାନା ଆସି ଛବିଙ୍କୁ ରକ୍ତଦାନ କରିଥିଲେ। ଫଳରେ ୨ ମହିଳାଙ୍କ ଜୀବନ ବଞ୍ଚିଯାଇଛି।

# ୨ ଆକାଉଣ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢାଉ

## ବ୍ରହ୍ମପୁର, ଚିଲିକା ବନଖଣ୍ଡ

**ବ୍ରହ୍ମପୁର ଅଫିସ,୬।୧୧**



ସୂର୍ଯ୍ୟନାରାୟଣ ତ୍ରିପାଠୀ



ନବୀନ ଚନ୍ଦ୍ର ବିଷୋୟୀ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଓ ଚିଲିକା ବନଖଣ୍ଡର ୨ ଜଣ କନିଷ୍ଠ ଆକାଉଣ୍ଟାଣ୍ଟ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ କୁମାର ମହାନ୍ତିଙ୍କ ଅନୁମତିକ୍ରମେ ଉଭୟଙ୍କ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଶୁକ୍ରବାର ଏକକାଳୀନ ଚଢାଉ କରାଯାଇଛି। ଉଭୟଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୭୦ ଲକ୍ଷ ୭୩ ହଜାର ୮୬୯ ଟଙ୍କା ଆକଳନ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି। ଖବର ଲେଖାହେବା ସୁଦ୍ଧା ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ବ୍ରହ୍ମପୁର ବନଖଣ୍ଡ କାର୍ଯ୍ୟାଳୟରେ କାମ କରୁଥିବା କନିଷ୍ଠ ଆକାଉଣ୍ଟାଣ୍ଟ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ବାସଭବନ ସମେତ ୪ଟି ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୫୯ ଲକ୍ଷ ୭୦ ହଜାର ୯୯୩ ଟଙ୍କା ଠାବ କରାଯାଇଛି।

ସେହିପରି ବାଲୁଗାଁ ବନଖଣ୍ଡର କନିଷ୍ଠ ଆକାଉଣ୍ଟାଣ୍ଟ ନବୀନ ଚନ୍ଦ୍ର ବିଷୋୟୀ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ବ୍ରହ୍ମପୁର ନୀଳାଞ୍ଚଳ ନଗର ବାସଭବନ ସମେତ ୩ଟି ସ୍ଥାନରେ ଚଢାଉ କରାଯାଇଥିଲା। ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୧୧ ଲକ୍ଷ ୨ହଜାର ୮୭୬ ଟଙ୍କା ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ସୂର୍ଯ୍ୟ ନାରାୟଣ ତ୍ରିପାଠୀ ୧୯୯୩ରେ ବନ ବିଭାଗରେ କନିଷ୍ଠ ଆକାଉଣ୍ଟାଣ୍ଟ ଓ ନବୀନ ଚନ୍ଦ୍ର ବିଷୋୟୀ ୧୯୭୯ ରେ ବନ କନିଷ୍ଠ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ପାତ୍ର ସୂଚନା ଦେଇଛନ୍ତି।

# ଲୁଲୁ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ମୃତିଚାରଣ

**ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୬।୧୧ (ଡି.ଏନ୍.ଏ.)**



ସ୍ୱର୍ଗତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମରେ ଲୁଲୁ ମହାପାତ୍ରଙ୍କୁ ପ୍ରଶଂସକ ଯୁବପିଢ଼ିଙ୍କ ସହ ବନ୍ଧୁ ଅମିୟ କୁମାର ଦାସ ଏବଂ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି, ସ୍ମୃତିଚାରଣ କରିଛନ୍ତି।

ଏହି ଅବସରରେ କୁଆଖାଇ ନଦୀରେ ତିଳତର୍ପଣ ହୋଇଛି। ବହୁ ଲୁଲୁ ପ୍ରେମୀ ଯୁବକ ଉପସ୍ଥିତ ରହି କୋଭିଡ୍ ନିୟମ ମାନି ତାଙ୍କ ଅମରାତ୍ମା ପାଇଁ ପ୍ରାର୍ଥନା କରି ତିଳତର୍ପଣ କରିଛନ୍ତି। ଏହାପରେ 'ଲୁଲୁ ଭାଇ ଅମର୍ ରହେ' ବୋଲି ସ୍ଲୋଗାନ ଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଓଡ଼ିଶା ଯୁବ ମାନସରେ ପ୍ରତ୍ୟକ୍ଷ ଥିଲେ। ତାଙ୍କ ଦ୍ୱାରା ଓଡ଼ିଶାରେ ଅନେକ ଯୁବ ନେତା ତଥା ଛାତ୍ର ନେତା ତିଆରି ହୋଇଥିଲେ। ନେତାମାନଙ୍କର ଏକ କାରଖାନା ସେ ତିଆରି କରିଥିଲେ। ଆଉ ସେ ଦଳ ପ୍ରତି ନିଷ୍ଠାପର ଭାବେ କାମ କରିଥିଲେ। ଶୁକ୍ରବାର ତାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଦେବା ସହ ସମସ୍ତଙ୍କ ପାଇଁ ଶାନ୍ତି କାମନା କରୁଛି ବୋଲି ଅମିୟ କହିଛନ୍ତି। ସନ୍ଧ୍ୟାରେ ମଧ୍ୟ ଲୁଲୁ ମହାପାତ୍ରଙ୍କ ସ୍ମୃତିରେ ଶହୀଦ ନଗରର ଦୁର୍ଗା ମଣ୍ଡପଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଲୁଲୁଙ୍କ ଆଦର୍ଶ ଓ ବଳିଷ୍ଠ ନେତୃତ୍ୱ ସର୍ବଦା ମନେ ରହିବ ବୋଲି ତାଙ୍କ ପ୍ରଶଂସକମାନେ କହିଛନ୍ତି।

# ଗଛରେ ପିଟିହେଲା ଟ୍ରକ୍: ୨ ମୃତ

**ବାରିପଦା ଅଫିସ/ଚିତ୍ରଡ଼ା, ୬।୧୧(ଡି.ଏନ୍.ଏ.)**



ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମୋରଡ଼ା-କୋଷ୍ଟା ରାସ୍ତା ବ୍ରାହ୍ମଣମରା ଗ୍ରାମ ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ହେଲପର ସମେତ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ମୋରଡ଼ା ଗ୍ରାମର ରବି ମହାକୁଡ଼ (୩୫) ଓ ଧାନଶୋଳ ଗ୍ରାମର କାଳିଆ ମହାନ୍ତ(୩୦)। ଗୁରୁତର ଆହତ ମୋରଡ଼ା ଗ୍ରାମର ପାଗୁଲୁ ବେହେରା(୪୦) ଓ ଡାକ ମାରାଣ୍ଡି(୩୦)ଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି। ସୂଚନା ଅନୁଯାୟୀ, ଓଡ଼ି୧୧ବି-୦୦୯୨ ନମ୍ବର ବିଶିଷ୍ଟ ଏକ ଟ୍ରକ ଧାଡିକା ଗ୍ରାମରେ ଇଟା ଅନ୍‌ଲୋଡ୍ କରି ଫେରୁଥିବା ବେଳେ ବ୍ରାହ୍ମଣମରା ଗାଁ ନିକଟ ବନ୍ଧ ଠାରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ଟ୍ରକର ହେଲପର ଓ ଡାଲାରେ ବସିଥିବା ଶ୍ରମିକମାନଙ୍କ ମଧ୍ୟରୁ ୩ଜଣ ଟ୍ରକ ତଳେ ଚାପି ହୋଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ମଣ୍ଡି ଖୋଲିନି, ଧାନକିଣା ଆରମ୍ଭ

**ସମ୍ବଲପୁର,୬।୧୧(ବ୍ୟୁରୋ)**

- **ଚାଉଳ ଦେବାରେ ଖିଲାପି ୪୬ ମିଲର୍ସ**
- **ମିଲର୍ସଙ୍କୁ ଅନୁକମ୍ପା, ଅଭାବୀ ବିକ୍ରି ଆଶଙ୍କା**

ସମ୍ବଲପୁର ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ପ୍ରଥମେ ସଦର ଓ ଏକ ସପ୍ତାହ ବ୍ୟବଧାନରେ କୁଚିଣ୍ଡା ଓ ରେଢାଖୋଲ ଉପଖଣ୍ଡରେ ଧାନ କିଣାଯିବ। ଜିଲା ପ୍ରଶାସନ,ସମବାୟ ବିଭାଗ,ଯୋଗାଣ ବିଭାଗ,ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଧାନ ସଂଗ୍ରହ ଆରମ୍ଭ ହୋଇ ନାହିଁ ହେଲେ କେତେକ ମିଲ୍‌କୁ ଧାନ ଯାଉଥିବା ଅଭିଯୋଗ ହୋଇଛି। ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରି ଏହାର ଯାଞ୍ଚ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସି ପାରିବ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି।

ଅଣଜଳସେଚିତ ଅଞ୍ଚଳରେ ଚାଷୀମାନେ ଧାନ ଅମଳ କରିସାରିଛନ୍ତି। ହାତୀ ଓ ବନ୍ୟପ୍ରାଣୀ ଉପଦ୍ରବ୍ୟ ଯୋଗୁ ସେହି ଧାନକୁ ସେମାନେ ଖଳାରେ ରଖି ପାରୁନାହାନ୍ତି। ଘରେ ଧାନାକୁ ସାଇତି ରଖିବାକୁ ସ୍ଥାନାଭାବ ସମସ୍ୟା ହୋଇଛି। ଏହାର ସୁଯୋଗ ନେଇ ବେପାରୀମାନେ କୁଇଣ୍ଟାଲ ପିଛା ୧୦୦୦ ଟଙ୍କାରେ ଧାନ କିଣୁଛନ୍ତି ବୋଲି ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ଅଭିଯୋଗ କରିଛନ୍ତି। ସରକାର ମଣ୍ଡି ଖୋଲିବାରେ ବିଳମ୍ବ କରୁଛନ୍ତି। ବାସ୍ତବରେ ଚାଷୀମାନଙ୍କ ସହ ଆଲୋଚନା ନ କରି ନିଷ୍ପତ୍ତି ନେଲେ ଏଭଳି ସମସ୍ୟା ହେବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଧାନ ସଂଗ୍ରହରେ ଅନେକ ଅବ୍ୟବସ୍ଥା ହେବ ବୋଲି ଏବେଠାରୁ ଆଭାସ ମିଳିଲାଣି। ତେଣୁ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ସେ ବୋଲି ସେ ଦାବି କରିଛନ୍ତି। ବିଶେଷ କରି ଅଣ ଜଳସେଚିତ ଅଞ୍ଚଳରେ ଥିବା ମିଲର୍ସ ଓ ସହର ଭିତର କେତେକ ମିଲ୍‌କୁ ସେହି ଧାନ ଆସିଥିବା ଜଣାପଡିଛି।

ଅନ୍ୟପଟେ ଧାନ ସଂଗ୍ରହ ହେବା ପୂର୍ବରୁ ଶତ ପ୍ରତିଶତ ଚାଉଳ ଦେବା ନିୟମ ରହିଥିଲେ ମଧ୍ୟ ଜିଲାରେ ମିଲର୍ସମାନେ ସେଥିରେ ବ୍ୟତିକ୍ରମ ସୃଷ୍ଟି କରୁଛନ୍ତି। ସେମାନେ କେବେ ବି ଶତପ୍ରତିଶତ ଚାଉଳ ଦେଉ ନାହାନ୍ତି। ମୋଟ ୫୦ଟି ମିଲରୁ ମାତ୍ର ୪ ମିଲର୍ସ ଶତପ୍ରତିଶତ ଚାଳଉ ଦାଖଲ କରିଥିବା ବେଳେ ୪୬ ମିଲର୍ସ ଖିଲାପି ରହିଛନ୍ତି। ଖିଲାପି ମିଲର୍ସ ଧାନ ସଂଗ୍ରହ ପାଇଁ ବକେୟା ଥିବା ଚାଉଳ ବାବଦକୁ ଅମାନତ ରାଶି ଜମା କଲେ ଚୁକ୍ତିନାମା ହୋଇ ପାରିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ପୂର୍ବରୁ ଯାହା ନିୟମ ରହିଥିଲା ତାହା ଅନୁସାରେ ଖିଲାପି ମିଲର୍ସମାନେ ଧାନ ସଂଗ୍ରହରେ ସାମିଲ ହୋଇ ପାରିବେ ନାହିଁ। ହେଲେ ସରକାର ଅନୁକମ୍ପା ଦେଖାଇ ଚାଉଳ ଜମା ଦେବା ପାଇଁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ସମୟ ସୀମା ବୃଦ୍ଧି କରିଛନ୍ତି। ହେଲେ ଜିଲାରେ ୧୨ ତାରିଖ ଠାରୁ ଧାନ ସଂଗ୍ରହ ଆରମ୍ଭ ହେବ। ଯଦି ମିଲର୍ସ ଧାନ ସଟେଜ ଥାଏ ତାହା ହେଲେ ସେମାନେ ଧାନ ସଂଗ୍ରହ କରି ଚାଉଳ ଜମା କରିବାର ସୁଯୋଗ ପାଇ ପାରିବେ। ଜିଲାରେ ଚଳିତ ବର୍ଷ ୨୦ ଲକ୍ଷ ୮୨ ହଜାର ୩୫୦ ମେଟ୍ରିକ୍‌ଟନ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରହିଛି। ୫୩ ହଜାର ୧୪୭ ଚାଷୀ ପଞ୍ଜୀକୃତ ହୋଇଛନ୍ତି।



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୧୩ ସଂଖ୍ୟାକୁ ଡରୁଥିଲେ। କାରଣ ପ୍ରଧାନମନ୍ତ୍ରିତ୍ୱ କାଳରେ ତାଙ୍କ ସରକାର ପ୍ରଥମ ଥର ୧୩ ଦିନ ରହିଥିଲା। ଏହା ପରେ ଯେତେବେଳେ ଶପଥ ଉତ୍ସବ ଆସିଲା ତାହା ମଧ୍ୟ ୧୩ ତାରିଖରେ ପଡ଼ିଲା। ଯେଉଁ ସରକାର ଗଠନ ହେଲା ତାହା ମାତ୍ର ୧୩ ମାସ ପର୍ଯ୍ୟନ୍ତ ଚାଲିଲା। ବାଜପେୟୀ ୧୩ ତମ ପ୍ରଧାନମନ୍ତ୍ରୀ ମଧ୍ୟ ଥିଲେ। ୧୩ଟି ଦଳର ସହଯୋଗରେ ୧୩ ତାରିଖରେ ସେ ସରକାର ଗଠନ ପାଇଁ ଶପଥ ନେଇଥିଲେ। ୧୩ ତାରିଖରେ ମଧ୍ୟ ପରାଜୟ ଲାଭ କରିଥିଲେ।



# ବୟସ ଛାପ ରୋକିବ ପ୍ରୋଟିନ୍

**ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ମଣିଷ ଜନ୍ମରୁ ମୃତ୍ୟୁ ଆଡ଼କୁ ବିଭିନ୍ନ ଅବସ୍ଥା ଦେଇ ଗତିକରେ। ହେଲେ ବୟସ ବଢ଼ିଲେ ଶରୀରରେ ବାରି ହୋଇପଡ଼େ ଛାପ । ଏହାକୁ ଅଟକାଇବା ପାଇଁ ଗବେଷଣା ଜାରି ରହିଥିବାବେଳେ ଏଯାଏ ଶତ ପ୍ରତିଶତ ସଫଳତା ମିଳିନାହିଁ। ତେବେ ମୂଷାଙ୍କ ଉପରେ ହୋଇଥିବା ପ୍ରୟୋଗରୁ ଶରୀରରେ ବୟସର ଛାପ କମାଇବା ଭଳି ଏକ ଚମତ୍କାରୀ ପ୍ରୋଟିନ୍‌ର ସନ୍ଧାନ ମିଳିଛି। ମଣିଷ ଦେହରେ ଏହାର ସଫଳ ପ୍ରୟୋଗ ଚିକିତ୍ସା ବିଜ୍ଞାନର ମୋଡ଼ ବଦଳାଇଦେବ ବୋଲି ଆଶାବ୍ୟକ୍ତ କରିଛନ୍ତି ବୈଜ୍ଞାନିକ।**



ଜାପାନ ସ୍ପେସ୍ ଏଜେନ୍ସି 'ଜାକ୍ସା' ପକ୍ଷରୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍ଏସ୍)କୁ ଦୁଇବର୍ଷ ତଳେ ପଠାଯାଇଥିଲା ମୂଷା। ସେମାନଙ୍କ ଉପରେ କରାଯାଇଥିବା ପ୍ରୟୋଗରୁ ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ଧରଣର ପ୍ରୋଟିନ୍‌ର ସନ୍ଧାନ ପାଇଛନ୍ତି, ଯାହା ମଣିଷ ଶରୀରର ବୟସର ଛାପ ହ୍ରାସ କରିବାରେ ସହାୟକ ହେବ। କେବଳ ଏତିକି ନୁହେଁ, ଏହା ମହାକାଶ ବିଜ୍ଞାନୀଙ୍କଠାରେ ଦେଖାଦେଉଥିବା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ କରିପାରିବ ବୋଲି ଅଧ୍ୟୟନକାରୀମାନେ ଦାବି କରିଛନ୍ତି।

ମହାକାଶରେ ରହଣି ମହାକାଶଚାରୀଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆଣିଥାଏ। ମହାକାଶ ଯାତ୍ରା ମଣିଷର ବୟସ ବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। କେଉଁ ସବୁ ପ୍ରକ୍ରିୟା ଏଥିଲାଗି ଦାୟୀ ତାହାକୁ ଜାଣିବାକୁ 'ଜାକ୍ସା' ଏବଂ

## ମହାକାଶ ବିଜ୍ଞାନର ଚମତ୍କାରିତା

'ତୋହୋକୁ' ବିଶ୍ୱବିଦ୍ୟାଳୟ ବିଶେଷଜ୍ଞ ଦଳ ଗବେଷଣା ଜାରି ରଖିଛନ୍ତି। ଏଥିପାଇଁ 'ସ୍ପେସ୍ ଏକ୍ସ'ର ରକେଟ୍‌ରେ ୧୨ ମୂଷାକୁ ୨୦୧୮ରେ ଆଇଏସ୍ଏସ୍ ପଠାଯାଇଥିଲା। ମହାକାଶରେ ମୂଷାଙ୍କ ଶରୀରରେ ହେଉଥିବା ପରିବର୍ତ୍ତନ, ପ୍ରତିକ୍ରିୟାକୁ ନିରୀକ୍ଷଣ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆଇଏସ୍ଏସ୍‌ରେ ଅଧାମୂଷାଙ୍କୁ 'ଏନ୍ଆର୍ଏଫ୍-୨ ପ୍ରୋଟିନ୍ ଦିଆଯାଇ ଥିଲା। ସେମାନଙ୍କ ଶରୀରରେ ରକ୍ତପ୍ରବାହରେ ପରିବର୍ତ୍ତନ ହୋଇଥିଲା। ସାଧାରଣତଃ ଆଣ୍ଟି ଏଜିଂକୁ ସୁହାଉଥିବା ରକ୍ତପ୍ରବାହ ସହ ଏହା ସମ୍ପର୍କିତ। ତେବେ 'ଏନ୍ଆର୍ଏଫ୍-୨ ପ୍ରୋଟିନ୍ ଦିଆଯାଇ ନ ଥିବା ଅନ୍ୟ ମୂଷାଙ୍କ ନିକଟରେ ଏଭଳି କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନ ଥିଲା।

'ଏନ୍ଆର୍ଏଫ୍-୨' ପ୍ରୋଟିନ୍ ଆଣ୍ଟି ଅକ୍ସିଡ଼ାଣ୍ଟ ରେସ୍ପନ୍ସ ମାଷ୍ଟର ରେଗୁଲେଟର ନାମରେ ପରିଚିତ। ମାନସିକ ଚାପ ହ୍ରାସ କରିବାରେ ଏହା ରାମବାଣ ଭଳି କାର୍ଯ୍ୟ କରିଥାଏ। ଏହି ପ୍ରୋଟିନ୍ ମୂଷାଙ୍କ ପ୍ରାକୃତିକ ବିକାଶ ପ୍ରକ୍ରିୟାକୁ ଅଟକାଇବାରେ ସକ୍ଷମ ହୋଇଥିଲା। ମହାକାଶର ଲମ୍ବା ଅବଧିର ରହଣିରେ ମହାକାଶଚାରୀମାନେ ବିକିରଣର ସମ୍ମୁଖୀନ ହୋଇଥାନ୍ତି। ଏଥିରୁ କ୍ୟାନସର ରୋଗ ଏବଂ ସ୍ନାୟୁ ତନ୍ତ୍ରିକାକୁ କ୍ଷତି ପହଞ୍ଚିବା ଆଶଙ୍କା ଥାଏ। ଏସବୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ଶରୀରରେ ବୟସର ଛାପ ସୃଷ୍ଟି କରିଥାଏ। 'ଏନ୍ଆର୍ଏଫ୍-୨' ନିକଟରେ ଏହାର ମୁକାବିଲା କରିବାର କ୍ଷମତା ରହିଛି। ଏହି ପ୍ରୋଟିନ୍‌ର ପ୍ରୟୋଗ ବାର୍ଦ୍ଧକ୍ୟଜନିତ ଦୁରାରୋଗ୍ୟ ବ୍ୟାଧି, ଡାଇବେଟିସ, ଆଲ୍‌ଝିମର ଭଳି ଜଟିଳ ରୋଗର ଚିକିତ୍ସା ଲାଗି ବରଦାନ ସାବ୍ୟସ୍ତ ହୋଇପାରେ ବୋଲି ଗବେଷଣାକାରୀ ଟିମ୍‌ର ପ୍ରଫେସର ନାସାୟୁକି ୟାମାମୋତେ କହିଛନ୍ତି।

# 'କଞ୍ଚନା'ରେ କିନ୍ନର ସାଜିଥିଲେ ଶରତ କୁମାର



ରାମାନାଥନ ଶରତ କୁମାର

**ମୁମ୍ବାଇ:** ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଲକ୍ଷ୍ମୀ' ନଭେମ୍ବର ୯ରେ ଡିଜ୍‌ନି ହଟ୍‌ଷ୍ଟାରରେ ରିଲିଜ୍ ହେବ। ଏହି ଫିଲ୍ମରେ ପ୍ରଥମଥର ଅକ୍ଷୟ କିନ୍ନର ଚରିତ୍ରରେ ନଜର ଆସିବେ। ରିଲିଜ୍ ହେବା ପୂର୍ବରୁ ଅକ୍ଷୟଙ୍କ ଚରିତ୍ରକୁ ବେଶ୍ ପ୍ରଶଂସା କରାଯାଉଛି। କିନ୍ତୁ ଜାଣିଛନ୍ତି କି 'ଲକ୍ଷ୍ମୀ' ହେଉଛି ତାମିଲ ଫିଲ୍ମ 'କଞ୍ଚନା'ର ରିମେକ୍। ଏହି ଅରିଜିନାଲ ଫିଲ୍ମରେ କିନ୍ନର ଚରିତ୍ରରେ ନଜର ଆସିଥିବା ଅଭିନେତା ଜଣକ ହେଉଛନ୍ତି ଶରତ କୁମାର। ତାଙ୍କର ପୂରା ନାମ ହେଉଛି ରାମାନାଥନ ଶରତ କୁମାର। ସେ ଅଭିନେତା ହେବା ସହ ଜଣେ ରାଜନେତା। ବର୍ତ୍ତମାନ ସେ ରାଜ୍ୟ ସଭା ଏମ୍‌ପି ଅଛନ୍ତି। କଞ୍ଚନାରେ ତାଙ୍କର ଅଭିନୀତ କିନ୍ନର ଚରିତ୍ର ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ବେଶ୍ ପ୍ରଶଂସା ସାଉଁଟିଥିଲା। କୁହାଯାଏ ସେ ୧୩୦ରୁ ଉର୍ଦ୍ଧ୍ୱ ତାମିଲ, ମଲୟାଲମ, ତେଲୁଗୁ

## ଏକଦା ବାଣ୍ଟୁଥିଲେ ଖବରକାଗଜ



ଓ କନ୍ନଡ ଫିଲ୍ମରେ କାମ କରିସାରିଛନ୍ତି। ୧୯୮୬ରେ ସେ ନିଜର ଅଭିନୟ କ୍ୟାରିୟର ତେଲୁଗୁ ଫିଲ୍ମରୁ ଆରମ୍ଭ କରିଥିଲେ। ପ୍ରାରମ୍ଭରୁ ସେ ନେଗେଟିଭ ଚରିତ୍ରରେ ଅଭିନୟ କରୁଥିବା ବେଳେ ପରେ ସପୋର୍ଟିଂ ଚରିତ୍ରରେ ନଜର ଆସିଥିଲେ। ତାଙ୍କୁ ତାମିଲ ସିନେମାରେ ସୁପ୍ରିମ ଷ୍ଟାର ମଧ୍ୟ କୁହାଯାଏ। କେବଳ ସେତିକି ନୁହେଁ ଶରତ ଜଣେ ସ୍ପୋର୍ଟ୍ସପର୍ସନ ମଧ୍ୟ। ଫୁଟବଲ, କ୍ରିକେଟ ଓ ହକିରେ ସେ ବେଶ୍ ରୁଚି ରଖନ୍ତି। କୁହାଯାଏ ପାଠପଢ଼ା ସରିବା ପରେ ସେ ତାମିଲ ଖବରକାଗଜ 'ଦୀନାକରଣ'ରେ କାମ କରୁଥିଲେ। ଏଥିସହ ସାଇକେଲରେ ବୁଲି ବୁଲି ଦୋକାନଗୁଡ଼ିକରେ ଖବରକାଗଜ ବାଣ୍ଟୁଥିଲେ। ପରେ ସେହି କମ୍ପାନୀ ପାଇଁ ସେ ରିପୋର୍ଟର ଭାବେ କାମ କରିଥିଲେ।

# ଆମ୍ବୁଲାନ୍ସକୁ ବାଟ ଛାଡ଼ିବାକୁ ୨ କି.ମି. ଦୌଡ଼ିଲେ

**ହାଇଦ୍ରାବାଦ:** ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଯୋଗୁ ଆମ୍ବୁଲାନ୍ସ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରି ରୋଗୀଙ୍କ ମୃତ୍ୟୁ ଘଟିଥାଏ। ନିକଟରେ ଜଣେ ଗୁରୁତର ରୋଗୀଙ୍କୁ ନେଇ ଏକ ଆମ୍ବୁଲାନ୍ସ ହାଇଦ୍ରାବାଦର ଏବିଡ୍‌ସ୍‌ରୁ କୋଟିକୁ ଯାଉଥିବାବେଳେ ଟ୍ରାଫିକ୍ ସମସ୍ୟା ଯୋଗୁ ଆଗକୁ ଯିବାରେ ସମସ୍ୟା ହୋଇଥିଲା। ଦାୟିତ୍ୱରେ ଥିବା ଆବିଡ୍‌ସ ଟ୍ରାଫିକ୍ ଥାନା ଜି. ବବ୍‌ଜୀ ଏହା ଦେଖି ତୁରନ୍ତ ପଦକ୍ଷେପ ନେଇଥିଲେ। ଆମ୍ବୁଲାନ୍ସ ପାଇଁ ରାସ୍ତା ଦେବାକୁ ଯାଇ ସେ ଦୌଡ଼ିଥିଲେ ଏବଂ ତାଙ୍କ ପଛରେ ଚାଲିଥିଲା ଆମ୍ବୁଲାନ୍ସ। ଅଧିକାରୀ ଜଣଙ୍କ ଭିଡ଼ ହଟାଇବାକୁ ଏପରି ୨ କିମି ବାଟ ଦୌଡ଼ିଥିଲେ। ଘଟଣାଟି ସୋମବାର ଘଟିଥିବାବେଳେ ବୁଧବାର ଏହାର ଏକ ଭିଡିଓକୁ ଏସିପି(ଟ୍ରାଫିକ୍) ଅନୀଲ୍ କୁମାର ଶେୟାର କରିବା ସହ ୱେଲ୍‌ଡନ୍, ହାଇଦ୍ରାବାଦ ଟ୍ରାଫିକ୍ ପୋଲିସ ସବୁବେଳେ ଲୋକଙ୍କ ସେବାରେ ବୋଲି ଟୁଇଟ୍ କରି ବବ୍‌ଜୀଙ୍କୁ ଉତ୍ସାହିତ କରିଛନ୍ତି। ଆଇପିଏସ୍ ଅଫିସର ଦୀପାଂଶୁ କାବ୍ରା ମଧ୍ୟ ଭିଡିଓ ଶେୟାର କରି ଆପଣଙ୍କ ସାହାଯ୍ୟରେ ଖାକି ମାଇଲ୍ ବାଟ ଦୌଡ଼ିପାରେ ହେଲେ ଅଟକିବ ନାହିଁ ବୋଲି ଲେଖିଛନ୍ତି। ଏଥିସହ ସେ ରୋଗୀଙ୍କ ସୁସ୍ଥତା କାମନା କରିଛନ୍ତି। ସେହିପରି ଭିଡିଓକୁ ଦେଖି କନଷ୍ଟେବଲଙ୍କୁ କର୍ତ୍ତବ୍ୟ ପ୍ରତି ନିଷ୍ଠାକୁ ଅନେକ ଲୋକ ପ୍ରଶଂସା କରିଛନ୍ତି।



ଜି. ବବ୍‌ଜୀ

# ହୋୟା ବସୁ ସବୁଠୁ ଭୟଙ୍କର ଜଙ୍ଗଲ

**ବୁଚାରେଷ୍ଟ:** ବିଶ୍ୱରେ ଏମିତି କିଛି ସ୍ଥାନ ଅଛି, ଯାହା ସବୁଠୁ ଭୟଙ୍କର। ଏମିତି ଏକ ସ୍ଥାନ ରୋମାନିଆର ଟ୍ରାନ୍‌ସିଲଭାନିଆରେ ରହିଛି। ଏଠାରେ ଏମିତି କିଛି ଅଜବ ଘଟଣା ସବୁ ଘଟିଛି, ଯେଉଁଥିପାଇଁ ଲୋକେ ଯିବା ପାଇଁ ଭୟ କରୁଛନ୍ତି। ହୋୟା ବସୁ ଜଙ୍ଗଲକୁ ବିଶ୍ୱର ସବୁଠୁ ଭୟଙ୍କର ଜଙ୍ଗଲ ଭାବରେ ଗଣନା କରାଯାଏ। ଏଠାରେ ଘଟିଥିବା ଭୟଙ୍କର ଘଟଣା ଯୋଗୁ ଏହାକୁ ରୋମାନିୟା ବା ଟ୍ରାନ୍‌ସ୍ଲେଭାନିଆ ବରମୁଡା ଟ୍ରାଏଆଙ୍ଗେଲ୍ କୁହାଯାଏ। ଏହି ଜଙ୍ଗଲ ପ୍ରାୟ ୭୦୦ ଏକର ପରିମିତ ଜାଗାରେ ରହିଛି। କୁହାଯାଏ, ଏହି ଜଙ୍ଗଲକୁ ଯାଇଥିବା ହଜାର ହଜାର ଲୋକଙ୍କ ପତ୍ତା ଆଜି ପର୍ଯ୍ୟନ୍ତ ମିଳିନାହିଁ। ଉକ୍ତ ଜଙ୍ଗଲରେ ଥିବା ଗଛଗୁଡ଼ିକ ଦେଖିବାକୁ ମଧ୍ୟ ଭୟଙ୍କର। ଅଙ୍କାବଙ୍କା ହୋଇ ରହିଛି ଗଛଗୁଡ଼ିକ। ଯାହାକୁ ଦେଖିଲେ ଭୟ ଲାଗିବ।

କିମ୍ବଦନ୍ତୀ ଅନୁସାରେ, ଏଠାକୁ ଯାଇଥିବା ଲୋକେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। ୨୦୦ ଗଧିଆ ମଧ୍ୟ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। ୧୯୬୮ରେ ଏମିଲ୍ ବରନିଆ ନାମକ ଜଣେ ବ୍ୟକ୍ତି ଆକାଶରେ ଏକ ଅଲୌକିକ ଶରୀରକୁ ଦେଖିଥିଲେ। ଏଠାକୁ ଆସୁଥିବା କିଛି ପର୍ଯ୍ୟଟକ ମଧ୍ୟ ଏମିତି ଅନେକ ଅଲୌକିକ ଘଟଣା ଦେଖିଥିବା କୁହନ୍ତି। ଲୋକଙ୍କ କହିବା କଥା ଏହି ଜଙ୍ଗଲରେ କିଛି ଅଦୃଶ୍ୟ ଶକ୍ତି ରହିଛି ଯାହା ଫଳରେ ଏମିତି ଘଟଣା ଘଟୁଛି। ସେହିପରି ଏଠାରେ ଅଜବ ସ୍ୱର ମଧ୍ୟ ଶୁଭିଥାଏ।

କୁହାଯାଏ, ୧୮୭୦ ମସିହାରେ ଏହି ଜଙ୍ଗଲ ନିକଟରେ ଏକ ଗାଁ ରହିଥିଲା। ଏକ କୃଷକ ପରିବାରର ଝିଅଟିଏ ଜଙ୍ଗଲକୁ ବୁଲିବାକୁ ଯାଇଥିଲା। ଏହା ପରେ ସେ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ୫ ବର୍ଷ ପରେ ଜଙ୍ଗଲ ମଧ୍ୟରୁ ଏହି ଝିଅଟି ଯେତେବେଳେ ଘରକୁ ଫେରିଥିଲା ସେତେବେଳେ ତା'ର ବ୍ୟବହାରରେ ଅଜବ ପରିବର୍ତ୍ତନ ଘଟିଥିଲା। ଏପରିକି ତା'ର ମୃତ୍ୟୁ ମଧ୍ୟ ଘଟିଥିଲା।



## ମନେ ପଡ଼ନ୍ତି

**ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ଅଷ୍ଟମ ବର୍ଷ)**



ସ୍ୱର୍ଗତା ରତ୍ନମଞ୍ଜରୀ ଦାସ
ଲବଣିଖିଆ ଛକ, ପୁରୀ ଟାଉନ୍
ଅଷ୍ଟମ ଶ୍ରାଦ୍ଧବାର୍ଷିକ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୬୮୮୪୬

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଦିବ୍ୟନାରାୟଣ ବାବୁ
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ଜିଲ୍ଲା- ସମ୍ବଲପୁର
ଆର୍ବିଭାବ: ୦୫।୧୨।୧୯୩୭
ତିରୋଧାନ: ୦୯।୧୧।୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ । ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କ ଠାରେ ପ୍ରାର୍ଥନା କରୁଛି ।
-: ଶୋକ ସନ୍ତପ୍ତ :-
ସ୍ତ୍ରୀ ସଂଯୁକ୍ତା ବାବୁ, ପୁଅ ସୌମିକ, ପୁତ୍ରବଧୂ ପ୍ରତିକ୍ଷା, ଝିଅ ସ୍ୱରଲିପି, ଜ୍ୱାଇଁ ଆନନ୍ଦ ଚନ୍ଦ୍ର ପତି, ନାତୁଣି ଅନୁଷ୍କା, ନାତି- ଆଦ୍ୱିକ ବାବୁ
ଧ-୬୯୮୧୯

**ବିନମ୍ର ଶ୍ରଦ୍ଧାଞ୍ଜଳି**



ପୂଜ୍ୟା ମାଆ
ଶ୍ରୀମତୀ ରୁକ୍ମଣୀ ଦେବୀ
ନିୟନ୍ତ୍ରିକା- ଶୋଭନୀୟ ଆନ୍ଦୋଳନ
ଅଧକ୍ଷା- କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ
ତିରୋଧାନ- ୨୭ ଅକ୍ଟୋବର, ୨୦୨୦
ସମସ୍ତଙ୍କ ସହ ମିଶି ସମସ୍ତଙ୍କୁ ଆପଣେଇ ନେବାର କଳା ଆପଣଙ୍କ ପାଖରେ ଥିଲା । ଆପଣ ଥିଲେ ସ୍ନେହୀ, ଦରଦି, ନିଃସ୍ୱାର୍ଥପର । ଦେଖିଦେଲେ ମୁଣ୍ଡ ନଇଁଯାଏ । ଗୋଟିଏ ମଣିଷ କିନ୍ତୁ କୋଟିଏ ଅନୁଭୂତି । ସମସ୍ତେ ଝୁରୁଛନ୍ତି ଆଉ ଝୁରୁଥିବେ ଆପଣଙ୍କୁ ।
ଧ-୧୮୮୩୪

**Shradhanjali**



Late Sourendra Mohapatra
Jatni, (Bachhera Patana)
DOB:08.03.1955
DOD: 26.10.2020
I hv an Angel watching over me and I call him *"Daddy"*
My mind knows you are in a better place, where there is no pain and you are at eternal peace with my loving mama and dearest brother.
-:Your's:-
Dearest daughter Mona And Arabinda ( son-in-law), Grand Son & Das Family.
D-18839

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ୟୁଟିଲିଟି ଗ୍ରୁପ୍**
ଦ୍ୱାରା 3G/4G ମୋବାଇଲ ଉପକରଣ ନିଜର ଖାଲି ଜମି କିମ୍ବା ପ୍ଲଟ୍‌ରେ ଲଗାନ୍ତୁ
ଅଗ୍ରିମ 55 ଲକ୍ଷ
ଭଡ଼ା ମାସିକ 45,000
25,000ର ଅନ୍ୟାନ୍ୟ ସୁବିଧା
9351425214
Add. : 730-22A, Marathahalli, Bangalor

**ଦୀପାବଳୀର ଶୁଭ ଅବସରରେ**
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
SIDDHIVINAYAK FINANCE (ISO:9001:1985)
ଆଧାରକାର୍ଡ | ଏଗ୍ରିକଲ୍‌ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
9536405151
9520405151
Add.-219, 28th Cross Road, Rajajinagar,Banglore

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡ଼ା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍**
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଯାହାର ଥିବ ଜ୍ଞାନ ସେହି କରିବ ସମାଧାନ ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି ।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ ।
ଫୋନ୍ କରନ୍ତୁ - 8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ । ଘରେବସି କାମକରିଥିବା କଥାଗୁପ୍ତ ରହିବ ।

**TCF FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
Helpline Number
6396732814

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ରୟାଲ ଚ୍ୟାଲେଞ୍ଜର୍ସ ଏଲିମିନେଟ

**ଆବୁଧାବି, ୬।୧୧**

ଖରାପ ବ୍ୟାଟିଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗୁରୁତ୍ୱପୂର୍ଣ୍ଣ ଏଲିମିନେଟର ମ୍ୟାଚରେ ବିରାଟ କୋହଲିଙ୍କ ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ୬ ଉଇକେଟରେ ହାରି ବିଦାୟ ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୩୧ ରନ କରିଥିଲା। ବିଜୟ ଲକ୍ଷ୍ୟକୁ ସନ୍‌ରାଇଜର୍ସ ୧୯.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ନବଦୀପ ସଇନୀଙ୍କ ଶେଷ ଓଭରରୁ ୯ ରନ ଆବଶ୍ୟକ ହେଉଥିବାବେଳେ ଜାସନ ହୋଲ୍ଡର ୩ୟ ଓ ୪ର୍ଥ ବଲ୍‌କୁ କ୍ରମାଗତ ଚୌକାମାରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ଚଳିତ ଆଇପିଏଲରେ ଏହାକୁ ମିଶାଇ କ୍ରମାଗତ ୫ମ ପରାଜୟବରଣ କରିଥିବା ଆରସିବି ଏଲିମିନେଟ୍ ହୋଇଛି। ବିଜେତା ସନ୍‌ରାଇଜର୍ସ ଆସନ୍ତା ୮ ତାରିଖରେ କ୍ୱାଲିଫାୟର-୨ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ। ଉକ୍ତ ମ୍ୟାଚର ବିଜୟୀ ଦଳ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ୧୦ ତାରିଖରେ ଫାଇନାଲ ଖେଳାଯିବ।

ଚଳିତ ଆଇପିଏଲ୍‌ରେ ସନ୍‌ରାଇଜର୍ସ ଖେଳିଥିବା ୧୫ ମ୍ୟାଚରୁ ଏଠାରେ ୧୧ଥରପାଇଁ ଟସ୍ ଜିତିଥିଲେ ଡେଭିଡ ୱାର୍ନର। ପୂର୍ବରୁ କେବଳ ରୋହିତ ଶର୍ମା ୨୦୧୭ଓ ମହେନ୍ଦ୍ରସିଂ ଧୋନୀ ୨୦୧୮ରେ ୧୧ ଥର ଟସ୍ ଜିତି ପାରିଥିଲେ। କ୍ରିସ୍ ମୋରିସ ଆହତ ଯୋଗୁ ଖେଳୁ ନ ଥିବାରୁ ଆରସିବି ସନ୍ତୁଳନ ବିଗିଡ଼ି ଯାଇଥିଲା। ଫଳରେ ବ୍ୟାଟିଂ କ୍ରମରେ ପରିବର୍ତ୍ତନ କରି ଦେବଦତ୍ତ ପଡିକାଲଙ୍କ ସହ ଇନିଂସ ଓପନ କରିଥିଲେ ଅଧିନାୟକ ବିରାଟ କୋହଲି। ସନ୍ଦୀପ ଶର୍ମାଙ୍କ ପ୍ରଥମ ଓଭରରୁ ୫ ରନ ସଂଗ୍ରହ ହୋଇଥିବାବେଳେ ଦ୍ୱିତୀୟ ଓଭର ବୋଲିଂ କରିଥିବା ଜାସନ ହୋଲ୍ଡର ଦ୍ୱିତୀୟ ବଲ୍‌ରେ କୋହଲିଙ୍କୁ ଉଇକେଟ କିପର ଶ୍ରୀବତ୍ସ ଗୋସ୍ୱାମୀଙ୍କ ହାତରେ କ୍ୟାଚ କରାଇ ଆରସିବିକୁ ଶକ୍ତ ଧକ୍କା ପହଞ୍ଚାଇଥିଲେ। ମାତ୍ର ୬ ରନ କରିଥିବା କୋହଲି ଅମ୍ପାୟରଙ୍କ ନିଷ୍ପତ୍ତିକ୍ରମେ ପ୍ୟାଭିଲିୟନ ଆଡ଼େ ମୁହାଁଇଥିଲେ। ଫଳରେ ପୂର୍ବ କିଛି ମ୍ୟାଚ ଭଳି ପାୱାରପ୍ଲେରେ ଏଠାରେ ମଧ୍ୟ ଆରସିବିର ରନହାର ଧିମେଇ ଯାଇଥିଲା। କେବଳ ସେତିକି ନୁହେଁ ହୋଲ୍ଡର ନିଜ ଦ୍ୱିତୀୟ ଓଭରରେ ଫର୍ମରେଥିବା ପଡିକାଲ(୧ ରନ)ଙ୍କୁ ଆଉଟ କରି କୋହଲିଙ୍କ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୧୫ ରନ ମଧ୍ୟରେ ଦୁଇ ଓପନରଙ୍କୁ ହରାଇଥିବା ଆରସିବି ୬ ଓଭର ପାୱାରପ୍ଲେରେ ମାତ୍ର ୩୨ ରନ କରି ପାରିଥିଲା। ଫଳରେ ୧୦ମ ଓଭରରେ ୫୦ ରନ ପୂରଣ ହୋଇ ପାରିଥିଲା। ୧୧ତମ ଓଭରରେ ଦଳ ୨ଟି ଉଇକେଟ ହରାଇ ଅଧିକ ଶୋଚନୀୟ ପରିସ୍ଥିତିକୁ ଚାଲି ଆସିଥିଲା। ସେଟ୍ ହୋଇ ସାରିଥିବା ଫିଞ୍ଚ୍ ଶାହାବାଜ୍ ନଦିମଙ୍କ ବଲ୍‌କୁ ବଡ଼ ହିଟ୍ ଲଗାଇବାକୁ ଯାଇ ସ୍ୱିପର କଭରରେ ଅବଦୁଲ ସମଦଙ୍କୁ କ୍ୟାଚ ଦେଇଥିଲେ। ତାଙ୍କ ସ୍ଥାନରେ ଆସିଥିବା ମୋଇନ ଅଲୀ ଖାତା ଖୋଲିବା ପୂର୍ବରୁ ରନଆଉଟ ହୋଇ ଯାଇଥିଲେ। ଫିଞ୍ଚ୍ ୩୦ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୩୨ ରନ କରିଥିଲେ। ଶିବମ୍ ଦୁବେଙ୍କ ଖରାପ ଫର୍ମ ଜାରି ରହିଥିଲା। ଏଠାରେ ତାଙ୍କଠାରୁ ଦଳ ଏକ ବଡ଼ ସ୍କୋର ଚାହୁଁଥିବାବେଳେ ୧୩ ବଲ୍‌ରୁ ସେ ମାତ୍ର ୮ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ସ୍ୱାଭାବିକଭାବେ ଏବି ଡି'ଭିଲିର୍ସଙ୍କ ଉପରେ ଚାପ ବଢ଼ି ଯାଇଥିଲା। ସେ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ସ୍ୱଭାବ ଅନୁସାରେ ଷ୍ଟ୍ରୋକ୍ ଖେଳିପାରି ନ ଥିଲେ। ୧୮ତମ ଓଭରରେ ଟି. ନଟରାଜନ ଉଭୟ ୱାଶିଂଟନ ସୁନ୍ଦର ଓ ଡି'ଭିଲିର୍ସଙ୍କୁ ଆଉଟ କରିବାରୁ ଆରସିବିର ସମ୍ମାନଜନକ ସ୍କୋର ଆଶା ଶେଷ ହୋଇ ଯାଇଥିଲା। ସୁନ୍ଦର ମାତ୍ର ୫ ରନ କରିଥିବାବେଳେ ଡି'ଭିଲର୍ସ ୪୩ ବଲ୍‌ରୁ ୫ ଚୌକା ସହ ୫୬ ରନ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। ଫଳରେ ଆରସିବି ଇନିଂସ ୧୩୧ ରନରେ ସୀମିତ ରହିଥିଲା। କୋହଲିଙ୍କ ସମେତ ୫ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ସନ୍‌ରାଇଜର୍ସ ପକ୍ଷରୁ ଜାସନ ହୋଲ୍ଡର ୩ଟି, ଟି.ନଟରାଜନ ୨ଟି ଓ ଶାହାବାଜ ନଦିମ ଗୋଟିଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ସନ୍‌ରାଇଜର୍ସ ପ୍ରଥମ ଓଭରରେ ଶ୍ରୀବତ୍ସ ଗୋସ୍ୱାମୀ(୦)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୱାର୍ନର ଓ ମନୀଷ ପାଣ୍ଡେ ସତର୍କତାର ସହ ଦଳକୁ ଆଗେଇ ନେଇଥିଲେ। ତେବେ ଦ୍ୱିତୀୟ ଉଇକେଟରେ ୪୧ ରନର ଭାଗୀଦାରି ପରେ ୱାର୍ନର ଆଉଟ ହୋଇଥିଲେ। ସେ ୧୭ ବଲ୍‌ରୁ ୧୭(୩ ଚୌକା) ରନ କରିଥିଲେ। ସନ୍‌ରାଇଜର୍ସର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଠାଇଥିଲେ ମହମ୍ମଦ ସିରାଜ। ସେଟ୍ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ଦ୍ରୁତ ହାରରେ ରନ ସଂଗ୍ରହ ପାଇଁ ଉଦ୍ୟମ କରିଥିଲେ ହେଁ ୨୧ ବଲ୍‌ରୁ ୨୪ (୩ ଚୌକା, ୧ ଛକା) ରନ କରିଥିବାବେଳେ ଆଡାମ ଜାମ୍ପାଙ୍କ ବଲ୍‌ରେ ଉଇକେଟ ପଛରେ ଡି'ଭିଲର୍ସଙ୍କୁ କ୍ୟାଚ ଦେଇଥିଲେ। ଯୁବ ବ୍ୟାଟ୍ସମ୍ୟାନ ପ୍ରିୟମ୍ ଗର୍ଗ ମାତ୍ର ୭ ରନରେ ଆଉଟ ହେବାରୁ କେନ୍ ୱିଲିୟମସନ ଓ ଜାସନ ହୋଲ୍ଡରଙ୍କ ଦାୟିତ୍ୱ ବଢ଼ିଥିଲା। ମଧ୍ୟଭାଗରେ ଆର୍‌ସିବି ବୋଲରମାନେ ଟାଇଟ୍ ବୋଲିଂ କରିବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ସ୍ଥିତିକୁ ଆସିଥିଲା। ମାତ୍ର ଦୁଇ ଅଭିଜ୍ଞ ଖେଳାଳି ସତର୍କତାର ସହ ଖେଳି ସନ୍‌ରାଇଜର୍ସକୁ ବିଜୟୀ କରାଇଥିଲେ। ୱିଲିୟମସନ ୪୪ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ମାରି ୫୦ ଏବଂ ହୋଲ୍ଡର ୨୦ ବଲ୍‌ରୁ ୨୪(୩ ଚୌକା) ରନକରି ଅପରାଜିତ ରହିଥିଲେ। ଅସମାପ୍ତ ୫ମ ଉଇକେଟରେ ଦୁହେଁ ୬୫ ରନ ଯୋଗକରି କୋହଲି ବାହିନୀକୁ ନିରାଶ କରିଥିଲେ। ଆରସିବି ପକ୍ଷରୁ ମହମ୍ମଦ ସିରାଜ ୨ଟି ଏବଂ ଆଡାମ ଜାମ୍ପା ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ବିରାଟ କୋହଲିଙ୍କ ଉଇକେଟ ନେବାପରେ ଉଲ୍ଲସିତ ଜାସନ ହୋଲ୍ଡର (ବାମ)।

**ଆଇପିଏଲ୍ ୨୦୨୦**

**କ୍ୱାଲିଫାୟର-୨ରେ ହାଇଦ୍ରାବାଦ-ଦିଲ୍ଲୀ**

**ୱିଲିୟମ୍ସନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୩୧/୭ (ଡି'ଭିଲର୍ସ-୫୬, ଫିଞ୍ଚ୍-୩୨, ହୋଲ୍ଡର-୩/୨୫, ନଟରାଜନ-୨/୩୩, ନଦିମ-୧/୩୦)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୯.୪ ଓଭରରେ ୧୩୨/୪ (ୱିଲିୟମସନ-୫୦*, ହୋଲ୍ଡର-୨୪*, ମନୀଷ-୨୪, ସିରାଜ-୨/୨୮, ଜାମ୍ପା-୧/୧୨, ଚହଲ-୧/୨୪)।

## 'କୋହଲିଙ୍କୁ ସ୍ଲେଜିଂ କାମ ଦେବନି'

**ମେଲବୋର୍ନ, ୬।୧୧(ପି.ଟି.)**

**ଅଷ୍ଟ୍ରେଲିଆ ଖେଳାଳିଙ୍କୁ ଷ୍ଟିଭ୍ ୱାଙ୍କ ଚେତାବନୀ**



ଆସନ୍ତା ଭାରତ ବିପକ୍ଷ ଘରୋଇ କ୍ରିକେଟ ସିରିଜ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ସହ ବାକ୍ ଯୁଦ୍ଧରେ ଲିପ୍ତ ରହିବାରୁ ନିବୃତ୍ତ ରହିବାକୁ ପୂର୍ବତନ ଅଧିନାୟକ ଷ୍ଟିଭ୍ ୱ ଅଷ୍ଟ୍ରେଲିଆ ଖେଳାଳିଙ୍କୁ ଚେତାବନୀ ଦେଇଛନ୍ତି। ଏହା କୋହଲିଙ୍କୁ ଚିନ୍ତିତ କରିବା ପରିବର୍ତ୍ତେ ଅଧିକ ମୋଟିଭେଟ କରିବ ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆରେ ଭାରତ ୩ଟି ଲେଖାଏ ଟି୨୦ ଓ ଦିନିକିଆ ସହିତ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଆଡିଲେଡ୍ ଓଭାଲରେ ଡିସେମ୍ବର ୧୭ରେ ଦିବାରାତ୍ର ମ୍ୟାଚ ସହ ବର୍ଡର-ଗାଭାସ୍କର ଟ୍ରଫି ଆରମ୍ଭ ହେବ। ଏହାପରେ ମେଲବୋର୍ନରେ ଡିସେମ୍ବର ୨୬ରୁ, ସିଡ୍‌ନୀରେ ଜାନୁୟାରୀ ୭ରୁ ଏବଂ ଗାବାଠାରେ ଜାନୁୟାରୀ ୧୫ରୁ ପରବର୍ତ୍ତୀ ୩ ଟେଷ୍ଟ ଆରମ୍ଭ ହେବ। ସିରିଜ ପ୍ରାରମ୍ଭରେ ୩ଟି ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳାଯିବ। ନଭେମ୍ବର ୨୭ରୁ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ ହେବ।

''ବିରାଟଙ୍କ ଭଳି ଶ୍ରେଷ୍ଠ ଖେଳାଳିଙ୍କ କ୍ଷେତ୍ରରେ ସ୍ଲେଜିଂ କାମ ଦେବନି। ଏହା ତାଙ୍କୁ କେବେହେଲେ ଚିନ୍ତିତ କରିବନାହିଁ। ଅନ୍ୟ ପକ୍ଷରେ ଏହା କେବଳ ତାଙ୍କୁ ନୁହେଁ ସମ୍ପୂର୍ଣ୍ଣ ଦଳକୁ ଭଲ ଖେଳିବା ପାଇଁ ଅଧିକ ମୋଟିଭେଟ କରିବ। ତେଣୁ ସିରିଜ ମଧ୍ୟରେ କୋହଲିଙ୍କୁ କିଛି ନ କରିବା ଭଲ ହେବ'' ବୋଲି ଷ୍ଟିଭ୍ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ଗତ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଘରୋଇ ଦଳ ଅଧିନାୟକ ଟିମ୍ ପେନ୍ ଓ ତାଙ୍କ ସାଥୀମାନେ କୋହଲିଙ୍କ ସହ ବାକ୍ୟ ବିନିମୟରେ ଲିପ୍ତ ରହିଥିଲେ। ଶେଷରେ ଅଷ୍ଟ୍ରେଲିଆ ମାଟିରେ ଭାରତ ସର୍ବପ୍ରଥମ ଟେଷ୍ଟ ସିରିଜ(୨-୧) ବିଜୟ ହାସଲ କରିଥିଲା। ଶେଷଥରପାଇଁ ୨୦୧୮-୧୯ରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଆସିଥିବାବେଳେ ଷ୍ଟିଭ୍ ସ୍ମିଥ ବଲ୍ ଟ୍ୟାମ୍ପରିଂ ଯୋଗୁ ବାସନ୍ଦ ହୋଇଥିଲେ। ଏଥର କୋହଲି ତାହା ସ୍ମିଥଙ୍କୁ ମନେ ପକାଇଦେଇ ପାରନ୍ତି ବୋଲି ୱ' ଅନୁଭବ କରୁଛନ୍ତି। କୋହଲି ଜଣେ ବିଶ୍ୱଶ୍ରେଣୀୟ ଖେଳାଳି। ଆଗାମୀ ସିରିଜରେ ସେ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସବୁଠାରୁ ପ୍ରଭାବୀ ରହିପାରନ୍ତି। ଗତଥର ଭାରତରେ ସ୍ମିଥ ଓ ତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଥିଲା। ସ୍ମିଥ ପ୍ରଭାବ ବିସ୍ତାର କରି ୩ଟି ଶତକ ହାସଲ କରିଥିବାବେଳେ କୋହଲି ତାହା କରିପାରି ନ ଥିଲେ। ଗତଥର ସ୍ମିଥ ତାଙ୍କୁ ଟପି ଯାଇଥିଲେ ବୋଲି ନିଶ୍ଚିତ ତାଙ୍କ ମନରେ ଥିବ। ତେଣୁ ଏଥର ସେ ଅଧିକରୁ ଅଧିକ ରନ ସ୍କୋର କରିବାକୁ ଚାହିଁବେ। ଯଦି ସେ ସେଥିରେ ସଫଳ ହୁଅନ୍ତି ତେବେ ଭାରତ ବିଜୟୀ ହେବା ଅନେକ ସମ୍ଭାବନା ରହିଛି'' ବୋଲି ୱ କହିଛନ୍ତି। ୨୦୧୬-୧୭ରେ ଅଷ୍ଟ୍ରେଲିଆର ଭାରତ ଗସ୍ତ ସମୟରେ ସ୍ମିଥ ୩ଟି ଶତକ ହାସଲ କରିଥିଲେ। ତେବେ ସିରିଜକୁ ଅଷ୍ଟ୍ରେଲିଆ ୧-୨ରେ ହାରିଥିଲା।

ଜଣେ ଖେଳାଳିଭାବେ ନିଜ ଉପରେ କୋହଲିଙ୍କର ନିୟନ୍ତ୍ରଣ ରହିଛି। ତେଣୁ ତାଙ୍କ ନେତୃତ୍ୱରେ ଦଳ ବିଦେଶରେ ସିରିଜ ଜିତିବା ସେ ନିଶ୍ଚିତ ଚାହିଁବେ ବୋଲି ୱ' ଅନୁଭବ କରୁଛନ୍ତି। ''କୋହଲି ପୂର୍ବାପେକ୍ଷା ପରିପକ୍ୱ ହୋଇଛନ୍ତି। ପଡ଼ିଆରେ ଆକ୍ରମଣାତ୍ମକ ଆଭିମୁଖ୍ୟରେ ସେ ପୂର୍ବରୁ କେତେକ ସମୟରେ ନିଜ ଉପରୁ ନିୟନ୍ତ୍ରଣ ହରାଉଥିଲେ। ମାତ୍ର ଏବେ ସେ ନିଜ ଉପରେ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି ଏବଂ ଦଳକୁ ଭଲଭାବେ ପରିଚାଳନା କରି ପାରୁଛନ୍ତି। ଭାରତ ନମ୍ବରୱାନ ର୍‍ୟାଙ୍କିଂରେ ରହିବାର ଯଥାର୍ଥତା ପ୍ରତିପାଦନ କରିବାକୁ ସେ ଚାହିଁବେ। ଏହା ତାଙ୍କୁ ପୂର୍ବରୁ ପହଞ୍ଚି ପାରି ନ ଥିବା ଭିନ୍ନ ଏକ ସ୍ତରକୁ ନେଇ ଯାଇପାରେ'' ବୋଲି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ କହିଛନ୍ତି।

## 'ବାୟୋ-ବବଲରେ ନିୟମିତ ଖେଳିବା କଷ୍ଟକର'

**ଦୁବାଇ,୬।୧୧(ପି.ଟି.):** କୋଭିଡ୍-୧୯ ମହାମାରୀ କାରଣରୁ ଜୈବସୁରକ୍ଷିତ ପରିବେଶ ବା ବାୟୋ ବବଲ୍‌ରେ ନିୟମିତ ଖେଳିବା ଏକ ବଡ଼ ଚ୍ୟାଲେଞ୍ଜ୍ ଓ ଏହା କଷ୍ଟକର ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ତେଣୁ ଏଭଳି ସ୍ଥିତିରେ ଭବିଷ୍ୟତରେ ବିଭିନ୍ନ ଗସ୍ତର ସମୟସୀମା ନେଇ ବିଚାର କରିବାକୁ କୋହଲି ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭାରତୀୟ ଦଳ ଏକ ଲମ୍ବା ଗସ୍ତରେ ଅଷ୍ଟ୍ରେଲିଆ ଯିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଭାରତୀୟ ଖେଳାଳିଙ୍କୁ ଏବେ ଗୋଟିଏ ବାୟୋ ବବଲରୁ ଆଉ ଗୋଟିଏକୁ ଯିବା ଏକ ବଡ଼ ଚ୍ୟାଲେଞ୍ଜ ସଦୃଶ ହୋଇଛି ବୋଲି କୋହଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ୟୁଟ୍ୟୁବ ଚ୍ୟାନେଲ୍‌ରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଛନ୍ତି। ତେବେ ଯଦି ସାଥୀ ଖେଳାଳିମାନେ ବନ୍ଧୁତ୍ୱପୂର୍ଣ୍ଣ ଥାନ୍ତି ତା'ହେଲେ ଏହି ପ୍ରକ୍ରିୟା ସହଜ ହୋଇଥାଏ ବୋଲି ସେ କହିଛନ୍ତି। ଆଇପିଏଲ୍‌ରେ ଥିବା ବାୟୋ ବବଲ ବେଶ୍ ଆମୋଦଦାୟକ ବୋଲି ସେ କହିଛନ୍ତି। ତେବେ ବାରମ୍ବାର ବାୟୋ ବବଲରେ ରହିବା ନିଶ୍ଚିତ ଭାବେ କଷ୍ଟକର ବୋଲି ସେ ସ୍ପଷ୍ଟ କରିଛନ୍ତି। ଦଳର ଅଧିକାଂଶ ସଦସ୍ୟ ଗତ ଅଗଷ୍ଟରୁ ୟୁଏଇରେ ରହୁଛନ୍ତି। ଏହା ପରେ ଲମ୍ବା ଗସ୍ତରେ ଅଷ୍ଟ୍ରେଲିଆ ଯିବାକୁ ହେବ। ଫଳରେ ଖେଳାଳିମାନେ ୪ ମାସରୁ ଅଧିକ ସମୟ ଏହି ପ୍ରକ୍ରିୟା ସହିତ ଜଡ଼ିତ ରହିବେ। ଖେଳାଳିମାନେ ଏହି ସମୟରେ ବାହ୍ୟଜଗତ ସହ ସମ୍ପର୍କରେ ରହିବେ ନାହିଁ। ଲମ୍ବା କାର୍ଯ୍ୟସୂଚୀ ସହ ବାୟୋ ବବଲର ବନ୍ଧନ ଖେଳାଳିମାନଙ୍କର ମାନସିକ ବିଷାଦ ବଢାଇବ। ବାରମ୍ବାର ବାୟୋ ବବଲରେ ସମାନ ପରିସ୍ଥିତିର ରହିବା ନିହାତି କଷ୍ଟକର।

## ନିଙ୍ଗୋମ୍ବମ ହକି ଇଣ୍ଡିଆ ନୂଆ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୬।୧୧(ପି.ଟି.)**


ଜ୍ଞାନେନ୍ଦ୍ର ନିଙ୍ଗୋମ୍ବମ

ମଣିପୁରର ଜ୍ଞାନେନ୍ଦ୍ର ନିଙ୍ଗୋମ୍ବମ ହକି ଇଣ୍ଡିଆ (ଏଚ୍‌ଆଇ)ର ନୂଆ ଅଧ୍ୟକ୍ଷ ଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ମହମ୍ମଦ ମୁସ୍ତାକ ଅହମ୍ମଦଙ୍କୁ ଅଧ୍ୟକ୍ଷ ପଦରୁ ବହିଷ୍କାର କରାଯିବା ପରେ ଜ୍ଞାନେନ୍ଦ୍ର ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ସ ଟେନ୍ୟୁଅର ଗାଇଡ୍‌ଲାଇନ୍‌ର ଉଲ୍ଲଂଘନ କରିଥିବାରୁ କ୍ରୀଡ଼ା ମନ୍ତ୍ରଣାଳୟ ତାଙ୍କୁ ପଦ ଛାଡିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲା।

ତେବେ ଅହମ୍ମଦ ହକି ଇଣ୍ଡିଆ କଂଗ୍ରେସ୍ ଓ ନିର୍ବାଚନରେ ସିନିୟର ଭାଇସ୍ ପ୍ରେସିଡେଣ୍ଟ ପଦକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚତ ହେବା ପରେ ଫେଡେରେଶନରେ ନିଜର ସ୍ଥିତି ବଜାୟ ରଖିବାକୁ ସକ୍ଷମ ହୋଇଥିଲେ। ଭିଡିଓ କନଫେରେନ୍ସ ମାଧ୍ୟମରେ ମେମ୍ବର ୟୁନିଟ୍ ସଦସ୍ୟମାନେ ବୈଠକରେ ଯୋଗ ଦେଇଥିଲେ।

ଏଥିସହ ଉତ୍ତରପୂର୍ବାଞ୍ଚଳର ପ୍ରଥମ ଅଧ୍ୟକ୍ଷ ଭାବେ ଜ୍ଞାନେନ୍ଦ୍ର ହକି ଇଣ୍ଡିଆର ଦାୟିତ୍ୱ ସମ୍ଭାଳିବେ। ଜୁଲାଇରେ ଅହମ୍ମଦ ବ୍ୟକ୍ତିଗତ ଓ ପାରିବାରିକ କାରଣରୁ ପଦରୁ ଇସ୍ତଫା ଦେବା ପରେ ଜ୍ଞାନେନ୍ଦ୍ର 'ଅଫିସିଏଟିଂ ପ୍ରେସିଡେଣ୍ଟ' ପଦରେ ରହିଥିଲେ। ତାଙ୍କୁ ଇସ୍ତଫା ଦେବାକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେବା ପରେ ଅହମ୍ମଦ ଏହାକୁ ଅଭିସନ୍ଧିମୂଳକ ବୋଲି କହିଥିଲେ। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ ଅନୁସାରେ କୌଣସି ପଦାଧିକାରୀ କ୍ରମାଗତ ୩ଟି ଅବଧିରେ କାର୍ଯ୍ୟକାରିବାର ନିୟମ ନାହିଁ। ତେଣୁ ଏଥପାଇଁ ଅହମ୍ମଦଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା। ଅହମ୍ମଦ ପୂର୍ବରୁ ୨୦୧୦- ୧୪ରେ ହକି ଇଣ୍ଡିଆର କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରିସାରିବା ପରେ ୨୦୧୪ରେ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱରେ ଥିଲେ। ପୁଣି ସେ ୨୦୧୮ରେ ହକି ଇଣ୍ଡିଆର ଅଧ୍ୟକ୍ଷ ଆଉ ୪ ବର୍ଷ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ।

ଜ୍ଞାନେନ୍ଦ୍ର ୨୦୦୯- ୨୦୧୪ ମଧ୍ୟରେ ମଣିପୁର ହକି ପାଇଁ ୨ ବର୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟକରିଥିଲେ। ହକି ସହିତ ସେ ପାଖାପାଖି ଗୋଟିଏ ଦଶନ୍ଧିଧରି କାର୍ଯ୍ୟ କରିଥିଲେ। ଉତ୍ତରାପୂର୍ବାଞ୍ଚଳରେ ସେ ତୃଣମୂଳସ୍ତରରେ ହକିର ଉନ୍ନତି ପାଇଁ ଓତପ୍ରୋତ ଭାବେ ଜଡିତ ରହି ଆସିଛନ୍ତି।

ଅହମ୍ମଦଙ୍କ କାର୍ଯ୍ୟକାଳରେ ହକି ଇଣ୍ଡିଆ ୨୦୧୮ ବିଶ୍ୱକପ୍ ସହ ଏକାଧିକ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରିଥିଲା। ନୂଆ ଅଧ୍ୟକ୍ଷ ଜ୍ଞାନେନ୍ଦ୍ରଙ୍କୁ ହକି ଇଣ୍ଡିଆ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ ଅଭିନନ୍ଦନ ଜଣାଇଛନ୍ତି।

## ନାଡାଲ କ୍ୱାର୍ଟରରେ



**ପ୍ୟାରିସ, ୬।୧୧ (ଏପି):** ଜୋର୍ଡାନ ଥମ୍ପସନଙ୍କୁ ୬-୧, ୭-୬ (୩) ସେଟ୍‌ରେ ପରାସ୍ତ କରି ଟପ୍ ସିଡ୍ ରାଫାଲ ନାଡାଲ ପ୍ୟାରିସ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ନାଡାଲ ତାଙ୍କ କ୍ୟାରିୟରରେ ମୋଟ ୮୬ ଟାଇଟଲ ଜିତି ସାରିଛନ୍ତି। ତନ୍ମଧ୍ୟରେ ୩୫ଟି ମାଷ୍ଟର୍ସ ଇଭେଣ୍ଟ ରହିଛି। ସ୍ଥାନୀୟ ବର୍ସି ଇନ୍‌ଡୋର ଆରେନାଠାରେ କିନ୍ତୁ ସେ ଟାଇଟଲ ହାସଲ କରିପାରି ନାହାନ୍ତି। ୧୩ ବର୍ଷ ପୂର୍ବେ ଏଠାରେ ଥରେ ମାତ୍ର ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିପାରିଥିଲେ, କିନ୍ତୁ ହାରିଯାଇଥିଲେ।

## ଖେଲୋ ଇଣ୍ଡିଆ ନାମରେ ଠକେଇ: ୩ ଗିରଫ

**ନୂଆଦିଲ୍ଲୀ, ୬।୧୧ (ପି.ଟି.)**

ଆଥଲେଟ୍‌ମାନଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ଉତ୍ତର ପ୍ରଦେଶ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ପୂର୍ବତନ କବାଡ଼ି ଖେଳାଳି ଅଛନ୍ତି। ଆସନ୍ତାବର୍ଷ ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ସେମାନେ ସୋସିଆଲ ମିଡିଆରେ ଜାଲ୍ ବିଜ୍ଞାପନ ଜରିଆରେ ତୃଣମୂଳସ୍ତରର ଆଥଲେଟମାନଙ୍କଠାରୁ ଦରଖାସ୍ତ ଅହ୍ୱାନ କରିଥିଲେ। ଇଭେଣ୍ଟରେ ଅଂଶଗ୍ରହଣ କରାଇବା ପାଇଁ ସେମାନେ ଆଥଲେଟ୍‌ମାନଙ୍କଠାରୁ ୬,୦୦୦ ଟଙ୍କା ଲେଖାଏଁ ଦାବି କରୁଥିଲେ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ଏତଲା ଦିଆଯିବାର ୨ ଦିନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆସନ୍ତା ବର୍ଷ ଖେଲୋ ଇଣ୍ଡିଆ ଗେମ୍ସ ପଞ୍ଚକୁଲାରେ ହେବାର କାର୍ଯ୍ୟକ୍ରମ ରହିଛି। ଗିରଫ ୩ଜଣ ହେଲେ ସଞ୍ଜୟ ପ୍ରତାପ ସିଂ, ଅନୁଜ କୁମାର ଏବଂ ରବି। ସେମାନଙ୍କ ମଧ୍ୟରୁ ସଞ୍ଜୟ ହେଉଛନ୍ତି ଆଗ୍ରାର ଜଣେ ପୂର୍ବତନ କବାଡ଼ି ଖେଳାଳି। ସେ ରୁଦ୍ର ପ୍ରତାପ ସିଂ ନାମରେ ଏକ ଜାଲ୍ ପରିଚୟପତ୍ର ତିଆରି କରିଥିଲେ। ଖେଲୋ ଇଣ୍ଡିଆ ଗେମ୍ସରେ ଭାଗ ନେବାକୁ ଆଗ୍ରହୀ ଆଥଲେଟ୍‌ମାନଙ୍କ ସହ ବାର୍ତ୍ତାଳାପ କରୁଥିଲେ। ଅନ୍ୟପକ୍ଷରେ ଅନୁଜ ଓ ରବିଙ୍କ ନାମରେ ଉତ୍ତର ପ୍ରଦେଶରେ କାନାରା ବ୍ୟାଙ୍କ ଓ ଷ୍ଟେଟ ବ୍ୟାଙ୍କରେ ରହିଥିବା ଆକାଉଣ୍ଟ ନମ୍ବରରେ ଟଙ୍କା ଜମା କରିବା ଲାଗି ଆଥଲେଟମାନଙ୍କୁ କୁହାଯାଇଥିଲା। ଏହି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯିବା ସହ ଘଟଣାର ତଦନ୍ତ ଚାଲିଛି। କେତେଜଣ ଆଥଲେଟ୍ ଠକାମିର ଶିକାର ହୋଇଛନ୍ତି ତାହାର ହିସାବ ହେଉଥିବା ସାଇ କହିଛି। ଗିରଫ ୩ ଜଣ ସେମାନଙ୍କ ବିଜ୍ଞାପନରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଏବଂ ଖେଲୋ ଇଣ୍ଡିଆର ଲୋଗୋ ବ୍ୟବହାର କରିଥିଲେ। ବହୁ ଆଥଲେଟ ଏହାକୁ ଏକ ସରକାରୀ ବିଜ୍ଞାପନ ବୋଲି ମନେ କରିଥିଲେ। ସୂଚନାଯୋଗ୍ୟ, ଖେଲୋ ଇଣ୍ଡିଆ ହେଉଛି ସରକାରଙ୍କର ଏକ ଯୋଜନା। ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ଏହାର ମୂଳ ଲକ୍ଷ୍ୟ। ଏଥିରେ ଭାଗ ନେବା ପାଇଁ କୌଣସି ଫି' ଦେବାକୁ ହୋଇ ନ ଥାଏ।

## ବିଜୟ ଲକ୍ଷ୍ୟରେ ସୁପରନୋଭାସ

**ଶାରଜା,୬।୧୧(ପି.ଟି.)**

**ମହିଳା ଟି୨୦ ଚ୍ୟାଲେଞ୍ଜ**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚାଲିଥିବା ମହିଳା ଟି୨୦ କ୍ରିକେଟ ଚ୍ୟାଲେଞ୍ଜରେ ଗତଥରର ଚାମ୍ପିୟନ ସୁପରନୋଭାସ୍ ଏବେ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛି। ଶନିବାର ସୁପରନୋଭାସ ପ୍ରତିପକ୍ଷ ଟ୍ରେଲବ୍ଲେଜର୍ସକୁ ଭେଟିବ। ଗୁରୁବାର ଭେଲୋସିଟିକୁ ପରାସ୍ତ କରିଥିବା ଟ୍ରେଲବ୍ଲେଜର୍ସ ଆଉ ଏକ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ଦୁଇଟି ବିଜୟ ହାସଲ କରିବା ପରେ ଟ୍ରେଲବ୍ଲେଜର୍ସ ନଭେମ୍ବର ୯ ତାରିଖରେ ଫାଇନାଲ ଖେଳିବ। ତେବେ ଏଥିପାଇଁ ସୁପରନୋଭାସକୁ ହରାଇବାକୁ ଟ୍ରେଲବ୍ଲେଜର୍ସ ପ୍ରୟାସ କରିବ।

ଅପରପକ୍ଷରେ ସୁପରନୋଭାସ୍ ପ୍ରଥମ ମ୍ୟାଚ୍‌ରେ ଭେଲୋସିଟିଠାରୁ ପରାସ୍ତ ହୋଇଛି। ଆଉ ଏକ ପରାଜୟ ସୁପରନୋଭାସ୍‌କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିଦେବାକୁ ଯଥେଷ୍ଟ ହେବ। ଭଲ ନେଟ୍ ରନ୍ ରେଟ୍ ସହ ସୁପରନୋଭାସ୍ ବିଜୟୀ ହେଲେ ସମ୍ଭବତଃ ଭେଲୋସିଟିକୁ ଏଲିମିନେଟ୍‌କରିବ। କାରଣ ଭେଲୋସିଟିର ନେଟ୍ ରନ୍ ରେଟ୍ -୧.୮୬୯ ରହିଛି। ସେହିପରି ଭେଲୋସିଟି ସୁପରନୋଭାସ ପରାସ୍ତ ହେଉ ବୋଲି ଚାହିଁବ। ଏହା ହେଲେ ଭୋଲେସିଟି ଫାଇନାଲକୁ ଉଠିବ।


ଦୁଇ ଅଧିନାୟିକା ହରମନପ୍ରୀତ୍ କୌର୍ ଓ ସ୍ମୃତି ମାନ୍ଧନା।

ଭାରତୀୟ ଟି୨୦ ଅଧିନାୟିକା ହରମନପ୍ରୀତ କୌର ଓ ଶ୍ରୀଲଙ୍କା ସ୍ପିନର ଚମାରୀ ଆଟାପାଟୁ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରି ସୁପରନୋଭାସକୁ ବିଜୟୀ କରାଇବାକୁ ଚେଷ୍ଟା କରିବେ। ପ୍ରଥମ ମ୍ୟାଚ୍‌ରେ ସୁପରନୋଭାସ ଭଲ ସ୍ଥିତିରେ ଥିଲା। ତେବେ ସୁଷମା ବର୍ମା ଓ ସୁନ ଲୁସ୍ ସୁପରନୋଭାସଠାରୁ ମ୍ୟାଚ୍ ଛଡାଇ ନେଇଥିଲେ। ଚାପରେ ବୋଲରମାନେ ଭଲ ପ୍ରଦର୍ଶନ କରି ନ ଥିବାରୁ ଏହି ଦୁଇ ବ୍ୟାଟ୍ସଓମେନ ଫାଇଦା ଉଠାଇ ଦଳକୁ ବିଜୟୀ କରାଇଥିଲେ।

ସ୍ଥାନୀୟ ଶାରଜା ପିଚ୍ ଧୀରେ ଧୀରେ ମନ୍ଥର ହୋଇଛି। ତେଣୁ ଏହି ମ୍ୟାଚ୍‌ରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଏକଲେଷ୍ଟୋନ୍ ଟ୍ରେଲବ୍ଲେଜର୍ସ ପାଇଁ ପୁଣିଥରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବେ। ସାଥୀ ବାମହାତୀ ସ୍ପିନର ରାଜେଶ୍ୱରୀ ଗାଏକ୍ୱାଡ ଓ ଅଭିଜ୍ଞ ଝୁଲଣ ଗୋସ୍ୱାମୀଙ୍କ ପ୍ରଦର୍ଶନ ଉପରେ ଦଳର ଭାଗ୍ୟ ନିର୍ଭର କରୁଛି। ଉଭୟ ସୁପରନୋଭାସ ଓ ଟ୍ରେଲବ୍ଲେଜର୍ସ ଦଳରେ କ୍ୱାଲିଟି ସ୍ପିନର ରହିଛନ୍ତି। ତେବେ ବ୍ୟାଟ୍ସଓମ୍ୟାନଙ୍କ ପ୍ରଦର୍ଶନ ଉପରେ ଦୁଇ ଦଳର ସଫଳତା ନିର୍ଭର କରୁଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

